RNI No.ODIODI/2010/33031
୧୭ ବର୍ଷ Volume-17
ISSUE -99 ସଂଖ୍ୟା-୯୯
ଭୁବନେଶ୍ୱର,ଶୁକ୍ରବାର ୨୬ ଜୁନ୍ ୨୦୨୬
Bhubaneswar, Friday 26 June, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଭେନେଜୁଏଲାରେ ପ୍ରଳୟଙ୍କାରୀ ଭୂକମ୍ପ, ଶତାଧିକ ମୃତ

କାରାକସ,୨୫।୬(ନି.ପ୍ର): ଡବଲ ଭୂକମ୍ପ ଝଟକାରେ ଦୋହଲି ଯାଇଛି ଭେନେଜୁଏଲା। ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଦୁଇ ଦୁଇଟି ବଡ ଭୂକମ୍ପରେ ଛାରଖାର ହୋଇଯାଇଛି ଭେନେଜୁଏଲା। ପ୍ରଥମେ ୭.୨ ଓ ପରେ ୭.୫ ତୀବ୍ରତା ଭୂକମ୍ପ ଝଟକା ଭୟଙ୍କର କ୍ଷୟକ୍ଷତି କରିଛି। ରାସ୍ତା ଫାଟି ଆଁ କରିଥିବା ବେଳେ ବଡବଡ ବିଲଡିଂ ତାସର ଘର ପରି ଭୁଶୁଡି ପଡିଛି। ରାଜଧାନୀ କାରାକାସ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସୁନାମି ଆଲର୍ଟ ଜାରି କରାଯାଇଛି।

ବିଗତ ଗୋଟିଏ ଶତାବ୍ଦୀ ମଧ୍ୟରେ ଏପରି ଡବଲ ଭୂକମ୍ପ ଲାଟିନ ଆମେରିକୀୟ ଦେଶରେ ପ୍ରଥମ ଘଟଣା। ଏଯାଏ ପ୍ରଶାସନ କେବଳ ୧୮୦ ଜଣଙ୍କ ମୃତ୍ୟୁ ଓ ୭୦୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ଦେଇଛି। କିନ୍ତୁ ଭୂକମ୍ପରେ ଯେଉଁଭଳି କ୍ଷୟକ୍ଷତି ହୋଇଛି, ତା'କୁ ଦେଖି ଆମେରିକା ଜିଓଲୋଜିକାଲ ସର୍ଭେ ଆକଳନ କରିଛି ଯେ ମୃତ୍ୟୁସଂଖ୍ୟା ୧୦ ହଜାରରୁ ୧ ଲକ୍ଷ ମଧ୍ୟରେ ରହିପାରେ। ଭୂକମ୍ପ ଝଟକା ପରେ ରାଜଧାନୀ କାରାକାସ ସହର ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଚାରିଆଡ କେବଳ ଧୂଳି, ଧୂଆଁ ଓ ଆତଙ୍କ ଦେଖିବାକୁ ମିଳିଛି। ବଡ ବଡ ବିଲଡିଂ ମାଟିରେ ମିଶି ଯାଇଥିବା ବେଳେ ଧ୍ୱଂସାବଶେଷ ଭିତରେ ନିଜ ପରିବାର ଓ ପରିଚିତଙ୍କୁ ଖୋଜିବା ପାଇଁ ଲୋକମାନେ ଲାଗି ପଡିଛନ୍ତି।ଅନେକ ବଡ ବଡ ବିଲଡିଂ ଭୁଶୁଡି ପଡିଥିବା ବେଳେ ରାସ୍ତାଘାଟରେ ଫାଟ ସୃଷ୍ଟି ହୋଇଥିଲା। ଦୁଇଟି ବଡ ଭୂକମ୍ପ ଝଟକା ପରେ ୪.୯ରୁ ୬.୪ ତୀବ୍ରତାର ଅତି କମରେ ଆଉ ୨୦ଟି ଝଟକା ମଧ୍ୟ ଲୋକମାନେ ଅନୁଭବ

କରିଛନ୍ତି।ଭୂକମ୍ପରେ ସବୁ କିଛି ଛାରଖାର ହୋଇଯାଇଥିବେ ବେଳେ ଏବେ ଉଦ୍ଧାରକାରୀ ଦଳ, ପୁଲିସ ଓ ବିପର୍ଯ୍ୟୟ ପରିଚାଳନା ଟିମ୍ ଧ୍ୱଂସସ୍ତୂପ ତଳେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବାରେ ଲାଗିପଡିଛନ୍ତି। ଭୂକମ୍ପର ପ୍ରଭାବ କାରାକାସ ଓ ସମୁଦ୍ରତଟବର୍ତ୍ତୀ ଲା ଗୁଆଇରାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। କାରାକାସର ସବୁଠାରୁ ପ୍ରମୁଖ ଅଞ୍ଚଳ ଆଲ୍ଟାମିରାରେ ଉଦ୍ଧାରକାରୀ ଦଳ ଓ ସ୍ୱେଚ୍ଛାସେବୀ ଖନନ ଯନ୍ତ୍ର ସାହାଯ୍ୟରେ ଧ୍ୱଂସସ୍ତୂପ ହଟାଇ ଜୀବିତ ଲୋକଙ୍କୁ ଖୋଜିବାରେ ଲାଗିଛନ୍ତି। ଧ୍ୱଂସସ୍ତୂପ ଭିତରୁ ଜଣେ କିଶୋରୀଙ୍କୁ ଜୀବିତ ଉଦ୍ଧାର କରାଯାଇଛି।କାରାକାସର ଉତ୍ତରରେ ଥିବା ବନ୍ଦର ସହର ଲା ଗୁଆଇରାରେ ମଧ୍ୟ ବ୍ୟାପକ କ୍ଷତି ଘଟିଛି। ଭେନେଜୁଏଲାର ପ୍ରମୁଖ ଅନ୍ତର୍ଜାତୀୟ ବିମାନବନ୍ଦର ସାଇମନ୍ ବୋଲିଭାର ଇଣ୍ଟରନ୍ୟାଶନାଲ ବିମାନବନ୍ଦରରେ କ୍ଷତି ଘଟିଥିବାରୁ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିଦେଇଛନ୍ତି।

ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲ୍ସି ରୋଡ୍ରିଗେଜ୍ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ଅନେକ ବିଦେଶୀ ରାଷ୍ଟ୍ର ଆସୁଥିବା ସୂଚନା ଦେଇଛନ୍ତି। ବିଶେଷ କରି ଆମେରିକା, କତର ଓ ମେକ୍ସିକୋ ଉଦ୍ଧାରକାରୀ ପଠାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଭେନେଜୁଏଲାକୁ ସହାୟତାର ହାତ ବଢାଇଛି ଭାରତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୟଙ୍କର ଭୂକମ୍ପ ଘଟଣାରେ ଦୁଃଖ ପ୍ରକାଶ କରି ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ସଙ୍କଟର ଏହି ସମୟରେ ଭେନେଜୁଏଲା ସହ ଭାରତ ଦୃଢ଼ ଭାବେ ଠିଆ ହୋଇଥିବା କହିଛନ୍ତି ମୋଦି। ଆବଶ୍ୟକ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଭାରତ ପ୍ରସ୍ତୁତ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

ସାମୁଦ୍ରିକ ବାଣିଜ୍ୟ ଓ ସୁରକ୍ଷା ହେଉଛି ବ୍ୟାପକ ପ୍ରଗତିର ପ୍ରବେଶ ପଥ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୬(ନି.ପ୍ର):ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ ବୋଲି ଲୋକସେବା ଭବନ ଠାରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ । ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି।

ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି

ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ 'ସାଗର' , 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ମାଛଧରା ଡଙ୍ଗାଗୁଡ଼ିକରେ 'ନଭମିତ୍ର' ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜିତ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡ଼ିଶା ପୋଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।

ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର। ଏଥିପାଇଁ ବିଭିନ୍ନ ମଡେଲକୁ ନେଇ ଏକ ସୁଚିନ୍ତିତ ରଣନୈତିକ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ। ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ୍ ମାରିଟାଇମ୍ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା କେବଳ ସାମରିକ ବା ସୁରକ୍ଷାଗତ ଦିଗ ମଧ୍ୟରେ ସୀମିତ ନୁହେଁ। ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରି ସେ କହିଛନ୍ତି ଯେ, କେବଳ ମୁଖ୍ୟ ଉପକୂଳ ଅଞ୍ଚଳ ନୁହେଁ, ବରଂ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପଗୁଡ଼ିକର ସୁରକ୍ଷା ଏବଂ ବିକାଶ ଉପରେ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯିବା ଉଚିତ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ମୌସୁମୀ ଛୁଇଁଲା, ବର୍ଷା ଉଭାନ

ଭୁବନେଶ୍ୱର,୨୫।୬(ନି.ପ୍ର): ଓଡିଶାରେ ମୌସୁମୀ ଛୁଇଁବାକୁ ଦୁଇ ସପ୍ତାହ ହେଲାଣି। କିନ୍ତୁ ରାଜ୍ୟରେ ବର୍ଷାର ଦେଖା ନାହିଁ। ଯାହା କାଳବୈଶାଖୀ ବର୍ଷା ହୋଇଛି ସେଥିରେ ଜମିକୁ ଖତ ମାଟି ହଳ କରି ବିହନ ଧରି ବସିଛି ଚାଷୀ। ବର୍ଷା ହେଲେ ତଳି ପକାଇ ଚାଷ କାମ ଆରମ୍ଭ କରିବ। ହେଲେ ବର୍ଷା ହେଉନଥିବାରୁ ଚଳିତ ବର୍ଷ ଖରିଫ ଧାନ ଚାଷ କେମିତି ହେବ ତାକୁ ନେଇ ଚିନ୍ତା ବଢିଛି। ବର୍ଷାକୁ ଅନେଇ ବସିଛି ଚାଷୀ। ଜୁନ ମାସ ଶେଷ ହେବାକୁ ବସିଲାଣି। ହେଲେ ମୌସୁମୀ ବର୍ଷାର ଦେଖା ନାହିଁ। ଗତ ଜୁନ୍ ୧୨ ତାରିଖରେ ଓଡିଶା ଛୁଇଁଥିଲା ମୌସୁମୀ। ଗତକାଲି ସୁଦ୍ଧା ପୁରା ରାଜ୍ୟକୁ ଛୁଇଁସାରିଲାଣି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। କିନ୍ତୁ ଯେଉଁ ଅନୁପାତରେ ମୌସୁମୀ ବର୍ଷା ହେବା କଥା, ୪୬%ରୁ ୪୮% କମ୍ ବର୍ଷା ହୋଇଛି। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଉପକୂଳଠୁ ଉତ୍ତର, ପଶ୍ଚିମଠୁ ଦକ୍ଷିଣ ସବୁଠି ସ୍ଥିତି ସମାନ। ପୁରୀ ଅସ୍ତରଙ୍ଗ ହେଉ ଅବା ସମ୍ବଲପୁର, କୁଚିଣ୍ଡା ବର୍ଷା ନଥିବାରୁ ଆରମ୍ଭ ହୋଇପାରୁନି ଚାଷ। ସାମାନ୍ୟ ବର୍ଷାରେ କାଁ ବାଁ ହଳ କରିଥିବା ଚାଷୀ ବାଧ ହୋଇ ଏବେ ଖରଲି ଧାନ ବୁଣୁଛି। ଅଧିକାଂଶ ଜମି ଖାଲି, ଶୁଖିଲା ପଡିଛି କେନାଲ। ଜମିରେ ଚରୁଛନ୍ତି ଗୋରୁ, ମଇଁଷି। ଏବେ କେମିତି ଚାଷ କାମ ଆରମ୍ଭ କରିବେ ପୁରା ଚିନ୍ତାରେ ଚାଷୀ କୂଳ।

ଉଦ୍ଧବଙ୍କ ବୈଠକକୁ ଆସିଲେନି ୨୩ ବିଧାୟକ

ମୁମ୍ବାଇ,୨୫।୬(ନି.ପ୍ର): ମହା ବିକାଶ ଅଘାଡି ଗାଡିର ଚକ ସତରେ କ'ଣ ହୁଗୁଳି ଗଲାଣି ବର୍ତ୍ତମାନ ଘଟୁଥିବା ଘଟଣା ସେମିତି କିଛି ସଙ୍କେତ ଦେଉଛି। ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡିରେ ୬୦ ଜଣ ବିଧାୟକ ଥିଲେ ହେଁ ଜରୁରୀ ବୈଠକକୁ ୨୩ ଜଣ କରିଛନ୍ତି ବୟକଟ।

ଏପରି କି ମେଣ୍ଟରେ ଥିବା ଏନସିପି ବସ୍ ଶରଦ ପାୱାର ଓ ବରିଷ୍ଠ ନେତା ଜୟନ୍ତ ପାଟିଲ ମଧ୍ୟ ବ୍ୟକ୍ତିଗତ କାରଣରୁ ବୈଠକରେ ଯୋଗ ଦେଇ ନାହାନ୍ତି। କେବଳ ଏହି ଦୁଇ ହେଭିୱେଟ ନୁହନ୍ତି, କଂଗ୍ରେସ ନେତା ନାନା ପାଟୋଲେ ଓ ବିଜୟ ୱାଡେଟିୱାରଙ୍କ ଅନୁପସ୍ଥିତ ମଧ୍ୟ ଦେଖିବାକୁ ମିଳିଛି। ତେବେ ବୈଠକରେ କଂଗ୍ରେସର ମହାରାଷ୍ଟ୍ର ମୁଖ୍ୟ ହର୍ଷବର୍ଦ୍ଧନ ସପକଲ ଓ ଠାକେର ସେନାର ସଙ୍କଟମୋଚକ ସଞ୍ଜୟ

ରାଉତ କିନ୍ତୁ ବୈଠକରେ ଉପସ୍ଥିତ ରହିଥିଲେ।

ଗତ ସପ୍ତାହରେ ଠାକରେ ସେନାର ୬ ଜଣ ସାଂସଦ ବିଦ୍ରୋହ ଘୋଷଣା କରି ଏକନାଥ ସିନ୍ଦେଙ୍କ ସହ ହାତ ମିଳାଇ ଥିଲେ। ଏବେ ଏମଭିଏରେ ଏପରି ଘଟଣା ବିରୋଧୀ ମେଣ୍ଟର ଚିନ୍ତା ବଢାଇ ଦେଇଛି।

ଏହାକୁ ନେଇ ଉଦ୍ଧବ ଠାକରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। କ'ଣ ଆମେ ସତରେ ଏକାଠି ଅଛୁ ବୋଲି ସେ ପ୍ରଶ୍ନ କରିଛନ୍ତି। ୪ ବର୍ଷ ମଧ୍ୟରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଠାକେରଙ୍କ ଦଳ ଦୁଇ ଥର ଭାଙ୍ଗି ସାରିଲାଣି। ଏଥିପାଇଁ ସେ ନିଜ ନେତା ଓ ସହଯୋଗୀମାନଙ୍କୁ ଯେଉଁ ସଦସ୍ୟମାନେ ରହିଛନ୍ତି, ସେମାନଙ୍କ ଉପରେ ଫୋକସ କରିବାକୁ ନିବେଦନ କରିଛନ୍ତି। ଯେଉଁମାନେ ଚାଲି ଯାଇଛନ୍ତି, ସେମାନଙ୍କୁ ଛାଡି ଦିଆଯାଉ ବୋଲି ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

ଏହାପରେ ସେ କହିଛନ୍ତି ଯେ "ଏମଭିଏ ହିସାବରେ ଆମେ ଗୋଟିଏ ପ୍ରମୁଖ ଗୋଷ୍ଠୀ। ଆମକୁ ଏକାଠି କାମ କରିବାକୁ ପଡିବ। ମିଳିତ ଭାବେ ମିଟିଂ ଓ ଶୋଭାଯାତ୍ରା କରିବାକୁ ହେବ। ଆମେ କହୁଛେ ଯେ ଆମେ ଏକାଠି ଅଛୁ। କିନ୍ତୁ ସତରେ ଆମେ ଏକାଠି ଅଛୁ ଗୃହରେ ଆମେ ମହା ବିକାଶ ଅଘାଡି ଭାବେ ଏକାଠି କାମ କରୁଛୁ କ'ଣ ଆମେ ଏକାଠି ପ୍ରସଙ୍ଗ ଉଠାଉଛୁ" । ବୈଠକରେ ୬ ବିଦ୍ରୋହୀ ସାଂସଦଙ୍କ ସମ୍ପର୍କରେ କିଛି ବି ଆଲୋଚନା ହୋଇନାହିଁ। ଉଦ୍ଧବ ଠାକରେଙ୍କ ପୁଅ ଆଦିତ୍ୟ ଗୁରୁବାର କହିଛନ୍ତି, "ବୁଧବାର ବୈଠକରେ କିଛି ବିଧାୟକ ଅନୁପସ୍ଥିତ ଥିଲେ। କିନ୍ତୁ ସେମାନେ ଏହାର କାରଣ ଜଣାଇଛନ୍ତି। ପାୱାର ସାହେବ ବ୍ୟସ୍ତ ଅଛନ୍ତି। ମୁଁ ସର୍ବସମ୍ମୁଖରେ ଆମ ରଣନୀତିର ଖୁଲାସା କରିବି ନାହିଁ।"

ଓଡିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି

ଚେନ୍ନାଇ,୨୫।୬(ନି.ପ୍ର): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟପାଲୟମ ନିକଟରେ ଥିବା ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ରୀତା ଜୁଆଙ୍ଗ। ତାଙ୍କ ଘର କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ବିମଳା ପଞ୍ଚାୟତର ଟାଙ୍ଗିରି ଦୁବାନାଳି ସାହିରେ। ଏହା ସହିତ ଏହି ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ପାଇଛି। ସମସ୍ତ ମୃତକ କେନ୍ଦୁଝର ଜିଲ୍ଲାର। ସେହିପରି ସମସ୍ତ ମୃତକ ମହିଳା ଥିଲେ। ସେମାନେ ସମସ୍ତେ ଜୁଆଙ୍ଗ ଜନଜାତିର। ଟାଙ୍ଗିରି ଗାଁର ୫ ଜଣ ଯୁବତୀ ସେହି କାରଖାନାରେ କାମ କରୁଥିବା ବେଳେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ଜଣେ ସୁସ୍ଥ ଅଛନ୍ତି। ୯ ମୃତକଙ୍କ ମଧ୍ୟରୁ ୫ ଜଣଙ୍କ ମୃତଦେହ ସେମାନଙ୍କ ଗାଁକୁ ଫେରିଛି ଓ ସେମାନଙ୍କର ଶବସତ୍କାର କରାଯାଇଛି।

ପୀତବାସ ପଣ୍ଡା ହତ୍ୟା ମାମଲାରେ ଫାଇନାଲ୍ ଚାର୍ଜସିଟ୍ ଦାଖଲ

ବ୍ରହ୍ମପୁର,୨୫।୬(ନି.ପ୍ର): ବ୍ରହ୍ମପୁରର ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଫାଇନାଲ୍ ଚାର୍ଜସିଟ୍ ଦାଖଲ କରିଛି ପୁଲିସ। ୩୯୬ ପୃଷ୍ଠାର ଫାଇନାଲ ଚାର୍ଜସିଟ୍ ଦାଖଲ କରିଛି ପୁଲିସ। ପୂର୍ବରୁ ୩୦ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା ପୁଲିସ। ତେବେ ଫାଇନାଲ ଚାର୍ଜସିଟ୍ ଦାଖଲ ସହ ମାମଲାର ପରିସମାପ୍ତି ଘଟାଇଛି ପୁଲିସ। ଆଗାମୀ ୪ ତାରିଖରେ ପରବର୍ତ୍ତୀ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି କୋର୍ଟ।

ଫାଇନାଲ ଫାଇନାଲ ଚାର୍ଜସିଟ୍ ସହ ୧୬ଟି ପେନ୍ ଡ୍ରାଇଭ୍ ଦାଖଲ କରିଛି ପୁଲିସ। ପୀତବାସଙ୍କ ସରକାରୀ ଓକିଲଙ୍କ ପକ୍ଷରୁ ଆଜି ଫାଇନାଲ ଚାର୍ଜସିଟ ଦାଖଲ କରାଯାଇଥିବା କୋର୍ଟରେ ଦର୍ଶାଯାଇଛି।

ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଚାର୍ଜସିଟର କପି ପ୍ରଦାନ କରିବା ପାଇଁ ଆବେଦନ କରାଯାଇଛି। ଆଗାମୀ ଦିନରେ ପୁଣି ବିକ୍ରମ ପଣ୍ଡାଙ୍କ ପକ୍ଷରୁ ଡିସଚାର୍ଜ ପିଟିସନ ଆବେଦନ କରାଯାଇପାରେ ବୋଲି କହିଛନ୍ତି ତାଙ୍କ ଓକିଲ ଦୀପକ ପଟ୍ଟନାୟକ।

ଏହି ମାମଲାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ୧୬ ଜଣ ଅଭିଯୁକ୍ତ ରହିଛନ୍ତି। ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶଙ୍କ ସମେତ ମୋଟ ୧୬ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ରାଜେନ୍ଦ୍ର କୁମାର ସାହୁଙ୍କୁ ଜାମିନ ମିଳିଛି।

ବ୍ୟକ୍ତିଗତ, ଆର୍ଥିକ ଓ ରାଜନୀତିକ କାରଣ ପାଇଁ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଛି ବୋଲି ଗତବର୍ଷ ଅକ୍ଟୋବର ମାସରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ବ୍ରହ୍ମପୁର ଏସ୍‌ପି।

ଡାହୁକ



ଶିଳ୍ପ ପ୍ରେମେ ପଡ଼ି ସଲା ସୁତୁରାରେ
ସରକାର କରେ ନାଟ
ହଜାର ହଜାର କୋଟି ହରିଲୁଟୁ
ରାଜସ୍ୱରୁ ହୁଏ କାଟ
ତା' ପାଁ ଆଦାୟ ବାଟ
ନ କରି ସର୍କରେ ଆମରି ପିଠିରେ
ଲଗାଏ ଶୁଳ୍କାର ଛାଟ।

-ବିଧୁ

ବିଜେଡିରେ ମିଶିଲେ ସୁଜାତା

ଭୁବନେଶ୍ୱର,୨୫।୬(ନି.ପ୍ର): ଭିକେ ପାଣ୍ଡିଆନଙ୍କ ଆଇଏଏସ୍ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଆଜି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖଭବନରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡିରେ ଆନୁଷ୍ଠାନିକ ଭାବେ ସାମିଲ କରିଛନ୍ତି। ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସୁଜାତାଙ୍କୁ ସାମିଲ କରାଯାଇଥିଲେ ମଧ୍ୟ ଦଳରେ ବିଦ୍ରୋହର ଭୟ ଓ ଓଡିଶାବାସୀଙ୍କ ମଧ୍ୟରେ ଗ୍ରହଣୀୟତା ନହେବାର ଆଶଙ୍କା କରି ବିଜେଡି ସୁପ୍ରିମୋ ଆଜି ଦୁଇଟି ପ୍ରମୁଖ ଘୋଷଣା କରିଛନ୍ତି ଯାହାକି ବିଜେଡିର ଆଭ୍ୟନ୍ତରୀଣ କନ୍ଦଳକୁ ପଦାରେ ପକାଇ ଦେଇଛି। ଆଉ ବିଜେଡିରେ ଯେ ସବୁକିଛି ଠିକ୍ ନାହିଁ ତାହା ପରୋକ୍ଷରେ ନବୀନ ହିଁ ପ୍ରମାଣିତ କରିଛନ୍ତି।ଶଙ୍ଖ ଭବନରେ ସୁଜାତାଙ୍କୁ ଦଳରେ ସାମିଲ କରି ନବୀନ ଦଳୀୟ ନେତା-କର୍ମୀ ଓ ପରେ ନବୀନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଜୁ ଜନତା ଦଳର ଜଣେ ସାଧାରଣ ସଦସ୍ୟ ଭାବେ ସୁଜାତା

ରାଉତଙ୍କୁ ଦଳରେ ସ୍ୱାଗତ କରୁଛି। ଆଗାମୀ ସାଧାରଣ ନିର୍ବାଚନ ତାଙ୍କ ନେତୃତ୍ୱରେ ବିଜେଡି ଲଢ଼ିବ ବୋଲି ସେ ସ୍ପଷ୍ଟ କରିବା ସହ ସୁଜାତା ଜଣେ ଦକ୍ଷ ଆଇଏଏସ୍ ଅଫିସର ଭାବେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଥିଲେ ବୋଲି କହିଛନ୍ତି। ସମୟ ବିତିବା ସହ ନିଜର ଏହି ରାଜନୀତିକ କ୍ଷେତ୍ରର ନୂଆ ଦାୟିତ୍ୱରେ ସେ ଅଭ୍ୟସ୍ତ ହେବେ ଓ ବିଶେଷକରି ମହିଳାମାନଙ୍କ ବିକାଶ ପାଇଁ କାମ କରିବେ ବୋଲି ନବୀନ ଆଶା ବ୍ୟକ୍ତ କରିଛନ୍ତି।

ସୁଜାତା ମଧ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାବାସୀଙ୍କ ସେବା କରିବା ପାଇଁ ଏକ ବଡ ସୁଯୋଗ ମିଳିଥିଲା। ଆଜି ବିଜେଡିରେ ସାମିଲ ହୋଇ ପୁଣିଥରେ ତାଙ୍କ ନେତୃତ୍ୱରେ ଓଡିଶା ମାଟିର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ସେ ବେଶ୍ ଆନନ୍ଦିତ। ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଲକ୍ଷ ଲକ୍ଷ କର୍ମୀଙ୍କ ଆଶୀର୍ବାଦରେ ସେ ଓଡିଶାବାସୀଙ୍କ ପାଇଁ ସମ୍ପୂର୍ଣ୍ଣ ନିଷ୍ଠା, ଆନ୍ତରିକତା ଓ ସମର୍ପଣ ସହିତ କାର୍ଯ୍ୟ କରିବେ ବୋଲି କହିଛନ୍ତି।

ତେବେ ଆଜିର ମିଶ୍ରଣ ପର୍ବ କାର୍ଯ୍ୟକ୍ରମରୁ ଆଗାଧାଡିର କିଛି ବରିଷ୍ଠ ନେତା ଦୂରେଇ ରହିଥିବାରୁ ନବୀନଙ୍କୁ ଗଣମାଧ୍ୟମ ଆଗରେ ସ୍ପଷ୍ଟୀକରଣ ଦେବାକୁ ପଡିଛି। ସେ ହିଁ ୨୦୨୯ ସାଧାରଣ ନିର୍ବାଚନରେ ଦଳର ନେତୃତ୍ୱ ନେବେ ବୋଲି କହି ସୁଜାତାଙ୍କ ଉତ୍ତରାଧିକାରୀ ଚର୍ଚ୍ଚା ଉପରେ ବ୍ରେକ୍ ଦେବାକୁ ପ୍ରୟାସ କରିଛନ୍ତି। ବିଶେଷକରି ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଦ୍ରିନାରାୟଣ ପାତ୍ର, ପ୍ରଣବପ୍ରକାଶ ଦାସ, ଭୂପିନ୍ଦର ସିଂ, ଶଶୀଭୂଷଣ ବେହେରା, ବିକ୍ରମ କେଶରୀ ଆରୁଖ, ଲତିକା ପ୍ରଧାନ, ଏଯୁ ସିଂହଦେଓ ଓ ତାଙ୍କ ପୁଅ କଳିକେଶ ସିଂହଦେଓ ପ୍ରମୁଖ ଅନୁପସ୍ଥିତ ରହିଥିଲେ।

ସମସ୍ତ ରାଜ୍ୟରେ ଲାଗୁ ହେବ 'ଇ-ଜିରୋ ଏଫଆଇଆର'

ନୂଆଦିଲ୍ଲୀ,୨୫।୬(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାରା ଦେଶରେ ବଢୁଥିବା ସାଇବର ଅପରାଧ ଏବଂ ଅନଲାଇନ୍ ଠକେଇ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ୫୨ତମ ପ୍ରଗତି ବୈଠକର ଅଧ୍ୟକ୍ଷତା କରିଥିଲେ, ଯେଉଁଠାରେ ସେ ସାଇବର ଠକେଇ ରୋକିବା ପାଇଁ ଇ-ଜିରୋ ଏଫଆଇଆର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ମୁଖ୍ୟ ଲକ୍ଷ୍ୟ ଥିଲା ଡିଜିଟାଲ ସୁରକ୍ଷାକୁ ସୁଦୃଢ଼ ? ?କରିବା। ପ୍ରଧାନମନ୍ତ୍ରୀ ମୋଦୀ ଦେଶବ୍ୟାପୀ ଇ-ଜିରୋ ଏଫଆଇଆର କାର୍ଯ୍ୟକାରୀ କରିବା ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ରାଜ୍ୟର ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଏହି ବିଷୟରେ ଆଲୋଚନା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କ ଉପସ୍ଥିତିରେ ପ୍ରଗତି ବୈଠକରେ ସାଇବର ଅପରାଧ ଏବଂ ଡିଜିଟାଲ ଗିରଫଦାରୀ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ସମୀକ୍ଷା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସେ ଇ-ଜିରୋ ଏଫଆଇଆରର ଅଗ୍ରଗତି ସମୀକ୍ଷା କରିବେ। ଏହି ଏଫଆଇଆରଗୁଡ଼ିକ ତଦନ୍ତକାରୀମାନଙ୍କୁ ଅପରାଧୀଙ୍କ ବିରୁଦ୍ଧରେ ତୁରନ୍ତ ତଦନ୍ତ ଆରମ୍ଭ କରିବାରେ ସାହାଯ୍ୟ କରେ ଯେଉଁମାନେ ଅନ୍ୟଥା ହଜି ଯାଇପାରନ୍ତି।

ଉଲ୍ଲେଖନୀୟ ଯେ ନୂତନ ଇ-ଜିରୋ ଏଫଆଇଆର ପ୍ରୟାସ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହା ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଏନସିଆରପି)ର ଏକ ପଦକ୍ଷେପ ଯାହା ସ୍ୱୟଂଚାଳିତ ଭାବରେ ଯାଞ୍ଚ କରାଯାଇଥିବା, ଉଚ୍ଚ-ମୂଲ୍ୟର ସାଇବର ଆର୍ଥିକ ଠକେଇ ଅଭିଯୋଗଗୁଡ଼ିକୁ ଶୂନ୍ୟ ଏଫଆଇଆରରେ ପରିଣତ କରେ। ଏହା ପୀଡିତମାନଙ୍କୁ ନ୍ୟାୟିକ ଅସୁବିଧାରୁ ରକ୍ଷା କରିଥାଏ ଏବଂ ତଦନ୍ତକୁ ତ୍ୱରାନ୍ୱିତ କରିଥାଏ ଏବଂ ଠକେଇ କାରବାରକୁ ଅବରୋଧ କରିଥାଏ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ମୋଦୀ ନାଗରିକମାନଙ୍କୁ ଠକିବା ପାଇଁ ଡିଜିଟାଲ ପ୍ଲାଟଫର୍ମର ବର୍ଦ୍ଧିତ ଅପବ୍ୟବହାର ଉପରେ ଚିନ୍ତା ପ୍ରକାଶ କରିଛନ୍ତି ଏବଂ ଏପରି ମାମଲାରେ ସମସ୍ତ ସମ୍ପୃକ୍ତ ଏଜେନ୍ସି ଦ୍ୱାରା ସମନ୍ୱିତ, ସମ୍ବେଦନଶୀଳ ଏବଂ ସମୟୋଚିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।ପ୍ରଧାନମନ୍ତ୍ରୀ ମୋଦୀ ଅଧିକାରୀମାନଙ୍କୁ ସ୍ପଷ୍ଟ ଦାୟିତ୍ୱ ଗ୍ରହଣ କରିବାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଆଇନ ପ୍ରବର୍ତ୍ତନ ଏଜେନ୍ସି, ବ୍ୟାଙ୍କ ଏବଂ ଡିଜିଟାଲ ପ୍ଲାଟଫର୍ମ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କଇଁଛ ଚୋରାଚାଲାଣ ଉପରେ ବନ ବିଭାଗର ବଡ଼ ଚଢ଼ାଉ: ୩୧୧ କଇଁଛ ଜବତ

ମାଲକାନଗିରି,**୨୫।୬:(ମନ୍ଥନ)** ବନ୍ୟଜନ୍ତୁ ଚୋରାଚାଲାଣ ବିରୋଧରେ ମାଲକାନଗିରି ବନ ବିଭାଗକୁ ମିଳିଛି ବଡ଼ ସଫଳତା । ଆଜି ସକାଳେ ପଦ୍ମଗିରି ଛକ ନିକଟରେ ଚଢ଼ାଉ କରି ଏକ ବୋଲେରୋ ଗାଡ଼ିରୁ ୩୧୧ ଗୋଟି କଇଁଛ ଜବତ କରିବା ସହ ୩ ଜଣ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ ବନ କର୍ମଚାରୀମାନେ ପଦ୍ମଗିରି ଛକ ନିକଟରେ ଛକି ରହିଥିଲେ । ଆନ୍ଧ୍ରପ୍ରଦେଶରୁ କଇଁଛ ଭର୍ତ୍ତି

ହୋଇ ଆସୁଥିବା ସନ୍ଦିଗ୍ଧ ବୋଲେରୋ ଗାଡ଼ିକୁ ଅଟକାଇ ତଲାସି କରିବା ପରେ ଗାଡ଼ି ଭିତରୁ ବହୁ ପରିମାଣର କଇଁଛ ଠାବ କରାଯାଇଥିଲା । ଏହାପରେ ବନ ବିଭାଗ ତୁରନ୍ତ ଗାଡ଼ି ଓ କଇଁଛଗୁଡ଼ିକୁ ଜବତ କରି ମାଲକାନଗିରି ବନ୍ୟାଞ୍ଚଳ କାର୍ଯ୍ୟାଳୟକୁ ନେଇଥିଲା । ଗଣତି ବେଳେ ୨୮୮ ଟି ଜୀବିତ ଓ ୨୩ ଟି ମୃତ କଇଁଛ ମିଳିଥିଲା । ଅର୍ଥାତ ମୋଟ ୩୧୧ ଗୋଟି କଇଁଛ ଚୋରାଚାଲାଣ ହେଉଥିବା ବେଳେ ବନ ବିଭାଗର ଜାଲରେ ଧରାପଡ଼ିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶ ପୋଲାଭରମ ଜିଲ୍ଲା ଦେବରପାଲ୍ଲୀ ଗ୍ରାମର ସିଦଲା ରାଜ ରେଡ଼ି, ଏନ୍. ଅମରନାଥ ଏବଂ ମାଲକାନଗିରି ଜିଲ୍ଲାର ଏମପିଭି-୬୫ ଗ୍ରାମର ରବିନ ମିର୍ଦ୍ଧା । ବର୍ତ୍ତମାନ ସେମାନଙ୍କୁ ପଚରାଉଚରା ଜାରି ରହିଥିବା ବେଳେ ଚୋରାଚାଲାଣ ରାକେଟର ଅଧିକ ଲିଙ୍କ୍ ଖୋଜାଯାଉଛି ।ମାଲକାନଗିରି ସହାୟକ ବନ ସଂରକ୍ଷକ ଅଧିକାରୀଙ୍କ ସୂଚନା ଅନୁସାରେ, ଅଭିଯୁକ୍ତମାନଙ୍କୁ ଶୀଘ୍ର କୋର୍ଟ ଚାଲାଣ କରାଯିବ ଏବଂ ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

କେନ୍ଦୁଝର ସହରରେ ଡ୍ରେନେଜ୍ ଓ ରାସ୍ତା ଜବରଦଖଲ ସମସ୍ୟା

ସ୍ଥାୟୀ ସମାଧାନ ପାଇଁ ପ୍ରଶାସନିକ ହସ୍ତକ୍ଷେପ ଦାବି

କେନ୍ଦୁଝର,**୨୫।୬:(ମନ୍ଥନ)**କେନ୍ଦୁଝର ସହରର ବିଭିନ୍ନ କଲୋନୀ ଓ ୱାର୍ଡରେ ଦିନକୁ ଦିନ ଡ୍ରେନେଜ୍ ସମସ୍ୟା ଜଟିଳ ହେବାରେ ଲାଗିଛି । ସହରର ଅନେକ ନୂତନ ବସତି ଅଞ୍ଚଳରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହୋଇଥିବାବେଳେ ଅନ୍ୟ ପାର୍ଶ୍ୱରେ ବିଦ୍ୟୁତ କେବୁଲ୍, ଗ୍ୟାସ ଲାଇନ୍ ଓ ପାନୀୟ ଜଳ ପାଇପ୍ ଥିବାରୁ ଡ୍ରେନ୍ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଫଳରେ ବର୍ଷା ଋତୁରେ ରାସ୍ତା ଓ ଘର ସମ୍ମୁଖରେ ପାଣି ଜମି ରହୁଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଯେଉଁ ସ୍ଥାନରେ ଦ୍ୱିତୀୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ସମ୍ଭବ ନୁହେଁ, ସେଠାରୁ ଭୂଗର୍ଭ ପାଇପ୍ ମାଧ୍ୟମରେ ବର୍ଷା ଓ ନିଷ୍କାସନ ଜଳକୁ ସମ୍ମୁଖ ପାର୍ଶ୍ୱରେ ଥିବା ଡ୍ରେନ୍ ସହିତ ସଂଯୋଗ କରାଗଲେ ସମସ୍ୟାର ତୁରନ୍ତ ସମାଧାନ ହୋଇପାରିବ । କିନ୍ତୁ କେତେକ ସ୍ଥାନରେ ଡ୍ରେନ୍ ପାର୍ଶ୍ୱରେ ଥିବା ଘର ମାଲିକମାନେ ଆମେ ନିଜ ଖର୍ଚ୍ଚରେ ଡ୍ରେନ୍ କରିଛୁ, ଅନ୍ୟ କାହାକୁ ବ୍ୟବହାର କରିବାକୁ ଦେବୁ ନାହିଁ ବୋଲି ଆପତ୍ତି ଉଠାଉଥିବାରୁ ବିବାଦ ଦେଖାଦେଇଛି । ତେବେ ନଗର ପରିକଳ୍ପନା ଓ ନଗରପାଳିକା ଆଇନ ଅନୁଯାୟୀ, ସରକାରୀ ରାସ୍ତା ପାର୍ଶ୍ୱରେ ନିର୍ମିତ ଡ୍ରେନ୍, ନାଳା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ସର୍ବସାଧାରଣଙ୍କ ସମ୍ପତ୍ତି ଭାବେ ଗଣ୍ୟ ହୁଏ । କୌଣସି ବ୍ୟକ୍ତି ସରକାରୀ ଡ୍ରେନ୍ ଉପରେ ବ୍ୟକ୍ତିଗତ ମାଲିକାନା ଦାବି କରି ଅନ୍ୟମାନଙ୍କ ଜଳ ନିଷ୍କାସନରେ ବାଧା ସୃଷ୍ଟି କରିପାରିବେ ନାହିଁ। ସହରର ସୁସଂଗଠିତ ଡ୍ରେନେଜ୍ ବ୍ୟବସ୍ଥା କରିବା ସ୍ଥାନୀୟ ପ୍ରଶାସନର

ଆଇନଗତ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଛି । ଅନ୍ୟପଟେ ସହରର ବିଭିନ୍ନ ଅଞ୍ଚଳରେ ରାସ୍ତାର ସରକାରୀ ଜମି ଓ ରୋଡ୍ ରିଜର୍ଭ ଅଞ୍ଚଳ ଉପରେ କେତେକ ବ୍ୟକ୍ତି ଅତିକ୍ରମଣ କରି ଘର, ପାଚେରୀ, ଦୋକାନ ଓ ଅନ୍ୟାନ୍ୟ ନିର୍ମାଣ କରିଥିବା ଅଭିଯୋଗ ମଧ୍ୟ ଉଠିଛି । ଏହି ଅତିକ୍ରମଣ ଯୋଗୁଁ ରାସ୍ତା ସଂକୁଚିତ ହେବା ସହ ଡ୍ରେନ୍ ନିର୍ମାଣ ଓ ଜଳ ନିଷ୍କାସନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି । ସହରବାସୀଙ୍କ ଦାବି ହେଉଛି ଯେ କେବଳ ସାମୟିକ ବ୍ୟବସ୍ଥା ନୁହେଁ, ବରଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ରାସ୍ତାର ମଧ୍ୟଭାଗରେ ବୈଜ୍ଞାନିକ ଢଙ୍ଗରେ କେନ୍ଦ୍ରୀୟ ଡ୍ରେନ୍ ନିର୍ମାଣ କରାଯାଉ । ଏହା ସହ ସରକାରୀ ଜମି ଓ ରାସ୍ତା ଉପରେ ହୋଇଥିବା ସମସ୍ତ ଅତିକ୍ରମଣ ଉଚ୍ଛେଦ କରାଯାଇ ସହରର ସୁଚାରୁ ଡ୍ରେନେଜ୍ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜନସାଧାରଣ ଦୃଢ଼ ଦାବି କରିଛନ୍ତି । ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ପ୍ରଶାସନ ତୁରନ୍ତ ସର୍ଭେ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି ।

ବିଭିନ୍ନ ଦାବି ନେଇ ସିପିଆଇଏମ ର ବିକ୍ଷୋଭ ପ୍ରଦର୍ଶନ

ଗଞ୍ଜାମ,**୨୫।୬:(ମନ୍ଥନ)**ଗଞ୍ଜାମ ଆଞ୍ଚଳିକ କମିଟି ସି ପି ଆଇ ଏମ ପକ୍ଷରୁ ଗୁରୁବାର ଦିନ ବିଭିନ୍ନ ଦାବୀ ନେଇ ଗଞ୍ଜାମ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ଦଳୀୟ କର୍ମୀ ଓ ନେତା ମାନେ ତ୍ରିବେଣୀ ମଠ ଛକ ଠାରୁ ବିରାଟ ଶୋଭାଯାତ୍ରା ରେ ସହର ପରିକ୍ରମା ସହ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ବିରୁଦ୍ଧରେ ନକ୍ଷରକ୍ଷଦେଇ ବ୍ଲକ ସମ୍ମୁଖ ରେ ପହଂଚି ଥିଲେ । ସେଠାରେ ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ ଙ୍କ ସଭାପତିତ୍ୱ ରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭା ରେ ଦଳ ର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, କୃଷକ ନେତା ହରି କୃଷ୍ଣ ରେଡ଼ି, ରାଜ୍ୟ କମିଟି ସଦସ୍ୟ ରାମ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଜନ ମାରଣା ନୀତି କୁ ତୀବ୍ର ସମାଲୋଚନା କରିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅବ୍ୟବସ୍ଥା କରିବା, ବାର୍ଦ୍ଧକ୍ୟ ଭତ୍ତା ଲୋକଙ୍କୁ ଠିକ ଭାବେ ନମିଳିବା,ବିଦ୍ୟୁତ ବିଭାଗ ର ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ସାଧାରଣ ଲୋକଙ୍କୁ ଅସୁବିଧା ଭୋଗିବା,ରାସନ କାର୍ଡ

ଲୋକଙ୍କୁ ଠିକ ଭକ୍ଷବେ ନମିଳିବା । ପାଳିବନ୍ଦ ପଂଚାୟତ ର ଦଶ ଟି ଗ୍ରାମର ଲୋକଙ୍କୁ ସୁରକ୍ଷା ଦୃଷ୍ଟି ରୁ ସମୁଦ୍ର ଯେଉଁ ଭଳି ଭାବେ କୂଳ ଖାଉଛି ତାହାର ସ୍ଥାୟୀ ପ୍ରତିକାର କରିବାକୁ ନେତା ମାନେ ଦାବୀ କରିଥିଲେ । ପରେ ଏକ ପ୍ରତିନିଧି ଦଳ ଯାଇ ବିଭିନ୍ନ ଦାବୀ ର ସମାଧାନ ନିମନ୍ତେ ବି ଡି ଓ ସହ ଆଲୋଚନା କରିବାକୁ ଯାଇଥିଲେ କ୍ଷ ଏହି ସବୁ ସମସ୍ୟା ର ସମାଧାନ ସମେତ ସମୁଦ୍ର କୂଳ ଖାଇବା ସମସ୍ୟା ସମାଧାନ ପାଇଁ ଯଦି କିଛି ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନନିଅନ୍ତି ତାହେଲେ ବାଧ ହୋଇ ଲୋକମାନେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଦଳୀୟ ନେତା ମାନେ କହିଛନ୍ତି । ସରପଞ୍ଚ ବୈରାଗୀ ବେହେରା, ଖଲି ସ୍ୱାଇଁ, କୃଷ୍ଣ ଗୌଡ଼, ଯୋଗେଶ ଚନ୍ଦ୍ର ସାହୁ, ଗୋବର୍ଦ୍ଧନ ପାହାନ, ଅନୁରାଧା ଛଟେଇ, ତ୍ରିଲୋଚନ ପ୍ରଧାନ, ସତୀଶ ସ୍ୱାଇଁ, ସୁଜିତ ବେହେରା, ଶ୍ରୀଧର, ବସନ୍ତ, ମନୋଜ, ଧର୍ମ ରାଜ ସ୍ୱାଇଁ ସମେତ ବହୁ ସଂଖ୍ୟା ରେ ଦଳୀୟ କର୍ମୀ ଯୋଗ ଦେଇଥିଲେ ।

ହାତୀ ଆକ୍ରମଣରେ ଭାଙ୍ଗିଲା ଏକାଧିକ ଘର,ହାତୀ ଭୟରେ ଥରହର ବେତନଟୀ ରେଞ୍ଜ ଅଞ୍ଚଳବାସୀ

ମୋରଡା,**୨୫।୬:(ମନ୍ଥନ)**ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ତଥା ବେତନଟୀ ରେଞ୍ଜ ଅଧୀନ ଦୁର୍ଗାପୁର ଫରେଷ୍ଟ ବିଟରେ ୧୬ଟିକିଆ । ହାତୀପଲ ଗତକାଲି ବିଳମ୍ବିତ ରାତିରେ ପ୍ରବେଶ କରିଥିବା ବେଳେ ଏକାଧିକ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଜଣାପଡ଼ିଛି ।ମିଳିଥିବା ସୂଚନା ଅନୁଯାୟୀ ଭାଲିଆଡିହା ପଞ୍ଚାୟତର ସୁନାହଜା ତାଡକି ଗ୍ରାମରେ ହାତୀପଲ ପ୍ରବେଶ କରି ଆଦିମ ଜନଜାତି ଖଡିଆ । ସମ୍ପ୍ରଦାୟର ବୁଦ୍ଧିଆ । ଦେହୁରୀ, ଲକ୍ଷ୍ମୀ ଦେହୁରୀ ଏବଂ କସ୍ତୁରୀ ଦେହୁରୀଙ୍କ ଘର ଭାଙ୍ଗିବା ସହ ଘରର ଜିନିଷପତ୍ର ନଷ୍ଟ କରିଦେଇଛନ୍ତି । ଗ୍ରାମବାସୀ ଏବଂ ବନବିଭାଗ କର୍ମଚାରୀମାନେ ସତର୍କତାର ସହ ହାତୀ ଘଉଡ଼ାଇବାରୁ ହାତୀ ଜଙ୍ଗଲ ମୁହାଁ ପଳାଇଥିଲେ । ତେବେ ଦୀର୍ଘଦିନ ଧରି ଭଙ୍ଗା ଘରେ ରହୁଥିବା ବେଳେ ହାତୀ ପୋଲ ଘର ଭାଙ୍ଗି ଦେବାରୁ ସାମାଜିକ ନିରାପତ୍ତା ବ୍ୟବସ୍ଥା ଅସୁରକ୍ଷିତ ହୋଇପଡିଛି । ସେହିପରି ଗତ କିଛିଦିନ ପୂର୍ବରୁ ଚିଲବସା ଗ୍ରାମର ପାନି ସିଂ ଙ୍କ ଘର ଭାଙ୍ଗି ଥିବା ଖବର ମିଳିଛି । ଗୋଟିଏ ପଟେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହୁଥିବାବେଳେ ହାତୀ ଦ୍ୱାରା ଘର ଭାଙ୍ଗିବା ପରେ ସର୍ବସ୍ୱାନ୍ତ ହୋଇପଡିଛନ୍ତି ଖଡିଆ ଜନଜାତିର ଏହି ତିନି ପରିବାର । ସେମାନଙ୍କ ପାଖରେ ମୁଣ୍ଡ ଗୁଞ୍ଜିବାକୁ ଏକ ଆଶ୍ରୟସ୍ଥଳୀର ଆବଶ୍ୟକ ରହିଛି । ତେବେ ହାତୀ ଉପଦ୍ରବ ସୁନାହଜା,ମାଝିଆଣି ତାଡକି, କଦମଶୋଳ,ଭାଲୁକଚୁଆ, ଦୁର୍ଗାପୁର,ଡାକୋଇ ଅମଣନାମା, ଚିଲବସା,ବଡଜାମବଣି ଆଦି ଗ୍ରାମରେ ଏବେ ପ୍ରମୁଖ ସମସ୍ୟା ପାଲଟିଛି ।

କବିସୂର୍ଯ୍ୟନଗର ପୌର ପରିଷଦ ପକ୍ଷରୁ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ

କବିସୂର୍ଯ୍ୟନଗର,**୨୫।୬:(ମନ୍ଥନ)**.ଓଡ଼ିଶାରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ପୌର ପରିଷଦ ପକ୍ଷରୁ ସ୍ଥାନୀୟ କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ଦୁଇ ବର୍ଷର ସଫଳତା ଓ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି, ଅଧିକାରୀ ଓ ସାଧାରଣ ଲୋକଙ୍କ ବ୍ୟାପକ ସହଭାଗିତା ଦେଖିବାକୁ ମିଳିଥିଲା । କୃଷକ କଲ୍ୟାଣ, ମହିଳା ସଶକ୍ତିକରଣ,ଶିକ୍ଷା,ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସରକାରଙ୍କ ସଫଳତା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଯାଇଥିଲା । କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୃପା ସିନ୍ଧୁ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ।ଏ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିସୂର୍ଯ୍ୟନଗର ବିକାଶରେ ବାଧକ ନ ସାଜି ଦଳ ବଳ ନିର୍ବିଶେଷରେ ସମସ୍ତେ ଏକାଠି କାମ କରି ଲୋକଙ୍କ ସମସ୍ୟା ଓ ସହରର ବିକାଶକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଅନ୍ୟ ବକ୍ତାମାନେ ରାଜ୍ୟ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନହିତକାରୀ ଯୋଜନା ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷକରି କୃଷକ କଲ୍ୟାଣ, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସରକାରଙ୍କ ସଫଳତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ୫୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ,ବିଧବା ଓ ବିକଳାଙ୍ଗ ଭତ୍ତା ପ୍ରଦାନ ସହ ୩୦ଜଣ ଦାରିଦ୍ର ସୀମାରେଖା ତଳେ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଛି ।

କଂସାର ସାହାସପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା,**୨୫।୬:(ମନ୍ଥନ)**କେନ୍ଦ୍ରାପଡା ବ୍ଲକ ଅଧିନ କଂସାର-ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୁରାତନ ଛାତ୍ର ସଂସଦ ସଭାପତି ଫକୀର ଚରଣ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓ.ଏଫ.ଏସ. ଅଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ ରବିନ୍ଦ୍ରନାଥ ପଣ୍ଡା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପ୍ରଧାପକ ବିଜୟ କେତନ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ମେଧାବୀ ଛାତ୍ରୀ ପୂଜାରିଣୀ ନାୟକ ଓ ଛାତ୍ର ବିଶ୍ୱଜିତ ବିଶ୍ୱାଳଙ୍କୁ ଶ୍ରୀ ପଣ୍ଡାଙ୍କ ପ୍ରଦତ୍ତ ପ୍ରୋତ୍ସାହନ ରାଶି, ପ୍ରଶଂସାପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଗଗନବିହାରୀ ମନ୍ତ୍ରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ବସନ୍ତ କୁମାର ଓଝା ଅତିଥି ପରିଚୟ, କୋଷାଧ୍ୟକ୍ଷ ମୂରଲୀଧର ପାତ୍ର ସ୍ୱାଗତ ଭାଷଣ ଓ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତିଲତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ପରମାନନ୍ଦ ସେଠୀ, ଖଗେଶ୍ୱର ମହାପାତ୍ର, ରବିନ୍ଦ୍ରନାଥ ମହାପାତ୍ର, କୈଳାସ ଚନ୍ଦ୍ର ଲେଙ୍କା, ଦାମୋଦର ପଣ୍ଡା, ସୁରେନ୍ଦ୍ର ନାଥ ପଣ୍ଡା, ପ୍ରଶାନ୍ତ କୁମାର ବେହେରା, ସନ୍ତୋଷ ନାୟକ, ରବିନ୍ଦ୍ର ବେହେରା, ଚତୁର୍ଭୁଜ ପଣ୍ଡା, କ୍ଷେତ୍ରବାସୀ ବିଶ୍ୱାଳଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବା ଦାବିରେ ଏସ୍‌ୟୁସିଆଇ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର,**୨୫।୬:(ମନ୍ଥନ)**ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ବର୍ତ୍ତମାନ ଯାଏ ଆସିଥିବା ୨୧୨୫ଟି ତ୍ରୁଟି କେବଳ ବନାନଗତ,ବ୍ୟାକରଣଗତ ନୁହେଁ, ଏଥିରେ ବହୁ ଗୁରୁତର ତଥ୍ୟଗତ ଏବଂ ମୌଳିକ ଧାରଣାଗତ ତ୍ରୁଟି ରହିଛି । ଏହା ଛଡ଼ା ବହୁ ଅବୈଜ୍ଞାନିକ ବିଷୟବସ୍ତୁ ମଧ୍ୟ ସ୍ଥାନିତ ହୋଇଛିୟ ଏପରିକି ଯୋଗାଇ ଦିଆଯାଇଥିବା ସଂଶୋଧିତ ପୁସ୍ତିକା ମଧ୍ୟରେ ବି ବହୁ ଭୁଲ ରହିଛିୟଏହି ବିକୃତ ପାଠ୍ୟପୁସ୍ତକ ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇ ଜିଲ୍ଲା ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଭ୍ୟ କ୍ଷୀରୋଦ କର,ନୃସିଂହ ପଣ୍ଡା, ଜିଲ୍ଲା କମିଟି ସଦସ୍ୟା ସୁଲୋଚନା ପ୍ରଧାନ, ସଂଗଠିକା ସଂଯୁକ୍ତା ନାୟକ, ରାଜଶ୍ରୀ ମହାନ୍ତି, ସରୋଜ ମହାପାତ୍ର,ଶିକ୍ଷକ ନେତା ବିଷ୍ଣୁଚରଣ ବେହେରା, ଆଡଭୋକେଟ୍ ସୁରେଶ ଦାସ ଆଦିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ



ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ପ୍ରକାଶ ଥାଉକି ରାଜ୍ୟରେ ପ୍ରତିଷ୍ଠିତ ଡବଲ ଇଞ୍ଜିନ ସରକାର ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଏନ୍.ଇ.ପି. ୨୦୨୦ ଆଧାରରେ ପ୍ରକାଶ କରିଥିବା ପାଠ୍ୟପୁସ୍ତକ ଗୁଡିକରେ ପରିଲକ୍ଷିତ ତ୍ରୁଟି ସ୍ୱାଭାବିକ ଓ ସାମାନ୍ୟ ବୋଲି ଗଣଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ଓ ଚରମ ଶିକ୍ଷାବିରୋଧୀ ନୀତିର ପରିଚୟ ବୋଲି ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଏକ ବିବୃତ୍ତିରେ କହିଛନ୍ତି। ସାମାଜିକ ବିଜ୍ଞାନ ପୁସ୍ତକରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ମାଧ୍ୟମରେ ମାଟି ପବିତ୍ର ହୁଏ ଭଳି ବହୁ ଅବୈଜ୍ଞାନିକ ବିଷୟ ସ୍ଥାନିତ ହୋଇଛି । ସେମିତି ଭୂଗୋଳରେ ଭୌଗୋଳିକ ଜ୍ଞାନର ଭିତ୍ତିଭୂମି ପ୍ରାକୃତିକ ଭୂଗୋଳକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି । ବିଜ୍ଞାନ ବହିରେ ମହାନ ବୈଜ୍ଞାନିକ ସାର ଆଇଜାକ ନ୍ୟୁଟନଙ୍କୁ ଶ୍ରେଷ୍ଠ ପାଇଲଟ କୁହାଯାଇଛି । ଗଣିତ ବହିରୁ ଜ୍ୟାମିତି, ତ୍ରିକୋଣମିତି, ପରିମିତି, ସେଟ୍, ପଲିନୋମିଆଲ୍, ବ୍ୟବସାୟିକ ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉଠାଇ ଦିଆଯାଇଛି । ଏଥିସହିତ ଓଡ଼ିଶାର ନିୟମଗିରି ପାହାଡ଼ ଝାଡ଼ଖଣ୍ଡର ବୋଲି ବହୁ ତଥ୍ୟଗତ ତ୍ରୁଟି ରହିଛି। ଏହା ହିଁ ବିଜେପି ଦଳର ଓଡ଼ିଆ ଅସ୍ମିତାର ପରିଚୟ ଓ ଗୁଣାତ୍ମକ ଶିକ୍ଷାର ନମୁନାୟ ଏପରିକି ୩ୟ ଶ୍ରେଣୀରୁ ବାଂଶୁରୀ-୧ ବହିରେ ୨୦ଟା ଚ୍ୟାପ୍ଟର, ଖେଳ ଯୋଗ ବହିରେ ୭ଟା ଚ୍ୟାପ୍ଟର ନୂତନ ଭାବେ ପ୍ରଚଳନ କରାଯାଇଛି । ଏହା ଦ୍ୱାରା ପିଲାମାନଙ୍କ ଉପରେ ଅନାବଶ୍ୟକ ବୋଝ ଲଦି ଦିଆଯାଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଷୟକୁ ହଟାଇ ଦିଆଯାଇଛି, ଯାହାକି ପିଲାମାନଙ୍କ ଜ୍ଞାନାର୍ଜନର ମୂଳଦୁଆକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବ। ତେଣୁ ସଂଶୋଧିତ ଚିଠା ଶିକ୍ଷକ ମାନଙ୍କ ହାତରେ ଧରାଇଦେଇ କାମ ଚଳାଇ ଦେବା ନ୍ୟାୟରେ ଛାତ୍ର-ଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳିବା ବନ୍ଦକରି ଉ ।ପିତ ହୋଇଥିବା ନ୍ୟାୟସଙ୍ଗତ ଦାବିକୁ ମାନିନେବା ସହିତ ଏନ୍.ଇ.ପି-୨୦୨୦କୁସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଦୃଢ଼ ଦାବି କରାଯାଇଛି ।

ଶତାଧିକ ଟ୍ରକ ବେଆଇନ ବାଲି ଠୁଳ, ରାତିରେ ଚାଲାଣ ହେଉଛି ବାଲି

ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ

କେନ୍ଦ୍ରାପଡ଼ା,**୨୫।୬:(ମନ୍ଥନ)**ସରକାରଙ୍କ ରାଜସ୍ୱ ଆଇନକୁ ସଂପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରାଯାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଶତାଧିକ ଟ୍ରକ ବାଲି ଠୁଳ କରାଯାଇ ରାତିରେ ଚୋରା ଚାଲାଣ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ତହସିଲ ଏବଂ କୁଦାନଗରି ଥାନା ଅଧିନ ବିଲବଳରାମପୁର ଗ୍ରାମର ଚଗଲା ଓରଫ ସମୀରରଞ୍ଜନ ବିଶ୍ୱାଳ ବିଲବଳରାମପୁର ଘାଟ ଠାରୁ ମାତ୍ର ଏକଶହ ମିଟର ଦୂର ସଖୀବଟ ମହାପୁରୁଷ ନିକଟ ମାର୍ଶାଘାଇ କେନାଲ ବନ୍ଧ ନିକଟରେ ଶତାଧିକ ଟ୍ରିପ ବାଲି ଠୁଳ କରି ରଖିଛି। ସେହି ବାଲିକୁ ରାତିରେ ବେଆଇନ ଭାବେ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସେ ରାତିରେ ମଣ୍ଡିବାବୁ ପୋକଲିନ ମେସିନ ସାହାଯ୍ୟରେ ସେହି ବାଲିକୁ ଚାଲାଣ କରୁଛି। ସେହି ମେସିନଟି ସଦର ଥାନା ପକ୍ଷରୁ ୫ଦିନ ପୂର୍ବରୁ ଜବତ କରାଯାଇଥିଲେବି ପୋଲିସର ସହାୟତା ଯୋଗୁ ତାହା ରିଲିଜ ହୋଇଯାଇଛି। ଚଗଲା ଜଣେ ଅସାମାଜିକ ଯୁବକ ହୋଇଥିବା ବେଳେ ତା ବିରୋଧରେ ୯ରୁ ଉର୍ଦ୍ଧ୍ୱ ସଂଗୀନ ଅପରାଧୀକ ମାମଲା ଜିଲ୍ଲାର ବିଭିନ୍ନ ଥାନାରେ ରହିଛି। ସେ ଜଣେ ସହ ସୁସମ୍ପର୍କ ରହିଥିବାରୁ ତା ବିରୋଧରେ ଯେତେ ଅଭିଯୋଗ କରାଗଲେଲବି କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ତେଣୁ ଏହାର ତଦନ୍ତ କରାଯାଇ ଦୃଢ



ଜମି ମାଫିଆ, ବାଲି ମାଫିଆ ଏବଂ ମଦ ମାଫିଆ ହୋଇଥିବା ବେଳେ ପୋଲିସର ସହଯୋଗ ହେତୁ ତା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଚଗଲାର ବିଭିନ୍ନ ଥାନା ଓ ଖଣି କାର୍ଯ୍ୟାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଏହି ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

ନାବାଳିକା ଅସଦାଚରଣ ମାମଲା, ଆସାମୀଙ୍କୁ ୩ ବର୍ଷ ଜେଲ

କେନ୍ଦ୍ରାପଡ଼ା,**୨୫।୬:(ମନ୍ଥନ)**ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ସେସନ୍ସ ତଥା ପୋକ୍ସ କୋର୍ଟ ଆସାମୀ ମଳୟ କୁମାର ବେହେରାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ଆସାମୀକୁ ୫ ହଜାର ଟଙ୍କା ଜୋରିମାନା ଦଣ୍ଡ ଦେଇଛନ୍ତି। ଜୋରିମାନା ଅନାଦେୟ ଆସାମୀ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ବିଚାରପତି ପ୍ରଜ୍ଞା ପରମିତା ରାଉଳ ରାୟରେ ପ୍ରକାଶ କରିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୨୪ ମସିହା ନଭେମ୍ବର ୧ ତାରିଖରେ ମହାକାଳପଡ଼ା ଥାନା ଅଞ୍ଚଳରେ ଜନୈକ ନାବାଳିକାଙ୍କୁ କଟକ ଜିଲ୍ଲା ନିଆଳି କଣ୍ଠିସଲା ଗ୍ରାମର ମଳୟ କୁମାର ବେହେରା ନାମକ ଗାଡି ଚାଳକ ଅସଦାଚରଣ କରିଥିଲେ। ଏ ସଂପର୍କରେ ପିଡିତା ତାଙ୍କ ପିତାମାତା ଓ ସଂପର୍କୀୟ ମଉସାଙ୍କୁ ଅବଗତ କରାଇଥିଲେ। ନଭେମ୍ବର ୫ ତାରିଖରେ ପିଡିତାଙ୍କ ସଂପର୍କୀୟ ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ। ମହାକାଳପଡ଼ା ପୋଲିସ ଏକ ମାମଲା ରୁଜୁ କରି ଆସାମୀ ମଳୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜିଆର କେସ ନଂ. ୮୮/୨୦୨୪ ରୁଜୁ କରାଯାଇ ମାମଲାର ବିଚାର ଚାଲିଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

ପଞ୍ଚମ ଜିଲ୍ଲା ସ୍ତରୀୟ ବାର୍ଷିକ ଇଜତେମା ଉଦଯାପିତ

ଖୋର୍ଦ୍ଧା,**୨୫।୬:(ମନ୍ଥନ)**ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଓ ମହମୁଦାବାଦ, ଖୋର୍ଦ୍ଧା, ଜଟଣୀ, ମାଣିକାଗୋଡା ଓ ଭୁବନେଶ୍ୱର ବ୍ୟତୀତ ଜିଲ୍ଲା ଖୋର୍ଦ୍ଧା, ନୟାଗଡ ଓ ପୁରୀର ବିଭିନ୍ନ ଅହମଦିଆ। ସଂଗଠନର ଆନ୍ତଃ ଯୁବସଂଗଠନ ମଜଲିସ ଖୁଦାମୁଲ ଓ ଅତଫାଲୁଲ ଅହମଦିଆ। ଦଳ ଭୁବନେଶ୍ୱରରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଇଜତେମାରେ ଯୋଗ ଦେଇଥିଲେ । ଏହି ବାର୍ଷିକ ଇଜତେମାରେ କେରଙ୍ଗ ଧାର୍ମିକ ଓ କ୍ରୀଡା ପ୍ରତିଯୋଗିତାରେ ଭାଗନେଇ ଦଳଗତ ଭାବେ ଭଲିବଲ, ଦୌଡିଟଣାଏବଂ ବାର୍ତ୍ତା ଆଦାନ ପ୍ରଦାନରେ ପ୍ରଥମ ସ୍ଥାନ, ଫୁଟବଲରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବ୍ୟକ୍ତିଗତ ଭାବେ ଉଚ୍ଚ ଡିଆଁରେ ରହିମ ଖାଁ, ଲମ୍ବଡିଆଁରେ ସାହିଲ ଖାଁ, ୧୦୦ମିଟର ଦୌଡରେ ସେକ ମୋମିନ, ୨୦୦ ମିଟର ଦୌଡରେ ଅଲତାଫ ଖାଁ ଏବଂ ପାଞ୍ଚ କି.ମଇ ଦୌଡରେ ମସୁର ଅହମଦ ପ୍ରଥମ ସ୍ଥାନ ପାଇ କେରଙ୍ଗ ଦଳକୁ ଚମ୍ପିଅନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ମଜଲିସ ଖୁଦାମୁଲ ଅହମଦିଆର ଉପସଭାପତି ସୟଦ ସଇଦୁଦ୍ଦିନ, ସମ୍ମାନୀତ ଅତିଥି ଭାବେ ପୂର୍ବଭାରତର ଉପସଭାପତି ସିଦ୍ଦିକ ଖାଁ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ଅମିର ସଇଫୁର ଅହମଦ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ଯୁବ ସଭାପତି ସୋଲେମାନ ଅହମଦ ଏବଂ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ମୌଲାନା ଇନଚାର୍ଜ ହଲିମ ଅହମଦ ଯୋଗଦେଇଥିଲେ ୟଏହି ଦୁଇ ଦିବସରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହେବା ସହ ଧାର୍ମିକ ପ୍ରତିଯୋଗିତାରେ ପବିତ୍ର କୋରାନ ପାଠ, ଉର୍ଦ୍ଦୁ ଓ ଓଡିଆ। ନଜମ, ବକ୍ତୃତା, କୁଇଜ, ଦେଖି ଓ ଲେଖ, ଲିଖିତ ପରିକ୍ଷା ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ବିଚାରପତି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ଜିଲ୍ଲା ମୌଲାନା ଇନଚାର୍ଜ ହଲିମ ଅହମଦ, କଟକ ସହରର ମୌଲାନା ଫଜଲ ହକ ଖାନ, ଦଶପଲ୍ଲାର ମୌଲାନା ଶେଖ ଅବ୍ଦୁଲ କାଦିର, ମହମୁଦାବାଦର ମୌଲାନା ଅଖତରୁଦ୍ଦିନ ଖାଁ, ଭୁବନେଶ୍ୱରର ମୌଲାନା ହଲିମ ଖାଁ, ମୌଲାନା ସୟଦ ଫଜଲେ ନଇମ, କଳିଙ୍ଗ ବିହାରର ମୌଲାନା ତାରିକ ମହମ୍ମଦ , ମୌଲବି ଅବୁବକର ସିଦ୍ଦିକ, ବି.ଡି.ଏର ମୌଲବି ଅବଦୁଲ ହଲିମ ଖାଁ ଏବଂ ଶେଖ ଇସହାକ ଯୋଗ ଦେଇଥିଲେ । ଏହି ଇଜତେମାରେ କେରଙ୍ଗ, ମହମୁଦାବାଦ, ଭୁବନେଶ୍ୱର ୟୁନିଟ-୪, ଓ.ଏସ.ଏ.ପି, କଳିଙ୍ଗ ବିହାର, ଜଟଣୀ, ଖୋର୍ଦ୍ଧା, ମାଣିକାଗୋଡା, ଦଶପଲ୍ଲା, ଚରିଛକ, ଖଜୁରୀପଡା, ସିରିପାରୀ, ଖଜୁରୀଆପଡା ଏବଂ ପୁରୀ ସଂଗଠନର ଶତାଧିକ ଯୁବକ ଓ ପିଲାମାନେ ପ୍ରତିଯୋଗିତାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ ।

ଅନୁଗୋଳ ବିଧାୟକଙ୍କ ଦ୍ୱାରା ୩.୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ଅଙ୍ଗାରବନ୍ଧ ଗ୍ରାମ ପଞ୍ଚାୟତ ଚଣ୍ଡିଖମଣ ଠାରୁ ଅଙ୍ଗାରବନ୍ଧ ହାଟ ପର୍ଯ୍ୟନ୍ତ ଗ୍ରାମ୍ୟ ସଡକ ଯୋଜନାର ଶିଳାନ୍ୟାସ

ଅନୁଗୋଳ, **୨୫।୬:(ମନ୍ଥନ)** ଓଡିଶା ସରକାର ଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ରେ ଅନୁଗୁଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଙ୍ଗାରବନ୍ଧ ଗ୍ରାମ ପଞ୍ଚାୟତ ଚଣ୍ଡିଖମଣ ଠାରୁ ଅଙ୍ଗାରବନ୍ଧ ହାଟ ପର୍ଯ୍ୟନ୍ତ ୩.୬୦ କୋଟି ଟଙ୍କା ବ୍ୟୟ ଅଟକଳ ରେ ନିର୍ମାଣ ହେବାକୁ ଥିବା ରାସ୍ତା ର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗୋଦେଇ ମାନ୍ୟବର ବିଧାୟକ ଅନୁଗୋଳ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଶିଳାନ୍ୟାସ କରିଥିଲେ । ଶ୍ରୀଯୁକ୍ତ ପ୍ରଧାନ ଉକ୍ତ ରାସ୍ତା ନିର୍ମାଣ ହେଲେ ସ୍ଥାନୀୟ ଲୋକଙ୍କ ଗମନାଗମନର ସୁବିଧା ହେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ସାମୁହିକ ବିକାଶର ଧାରାରେ ସହାୟକ ହେବ ବୋଲି ଆାସ ପ୍ରକଟ କରିଥିଲେ । ଦୀର୍ଘ ବର୍ଷରୁ ଗମନାଗମନର ଅସୁବିଧା ଥିବା ଉକ୍ତ ରାସ୍ତାକୁ ଗମନାଗମନର ସୁବିଧା ପାଇଁ ଓଡିଶା ସରକାର ଙ୍କର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ସବୁ ରାସ୍ତା ଗୁଡିକୁ ମଞ୍ଜୁର କରିଥିବାରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ଭାରତ ସରକାର ଙ୍କର ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ଓଡିଶା ସରକାର ଙ୍କର ମାନ୍ୟବର ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାଏକ, ଢେଙ୍କାନାଳ ଲୋକସଭା ର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣିଙ୍କୁ ମାନ୍ୟବର ବିଧାୟକ ଅନୁଗୋଳ ଧନ୍ୟବାଦ ଜଣାଇଥିଲେ । ବହୁ ଚେଷ୍ଟା କରି ଓଡିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଙ୍କ ସହିତ ଆଲୋଚନା କରି ଏହିସବୁ ରାସ୍ତା ଗୁଡ଼ିକୁ ମଞ୍ଜୁର କରାଇଥିବାରୁ ଅନୁଗୁଳ ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ ଭାଇ) ଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ଏହି ଶିଳାଂୟସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗାରବନ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସୁଜାତା ସାହୁ, ସମିତି ସଭ୍ୟା ଶ୍ରୀମତୀ ସୁଜାତା ସ୍ୱାଇଁ, ପଞ୍ଚାୟତ ସଭାପତି, ନାଏବ ସରପଞ୍ଚ ସୁରତି ଶୁଳ, ଚଣ୍ଡିଖମଣ ସଭାପତି କୁଳମଣି ଦାସ, ସମ୍ପାଦକ ସୁନୀଲ ସାହୁ, ଗିରିଶ ସ୍ୱାଇଁ, ବିରଞ୍ଚି ସାହୁ, ରଞ୍ଜନ ସାହୁ, ହାଡିବନ୍ଧୁ ସାହୁ, ଅଶୋକ ସ୍ୱାଇଁ, ଜୀବନ ସାହୁ, ଶଙ୍କର ସାହୁ, ଦିନେଶ ସାହୁ ଓ କୃଷ୍ଣ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଜିଲ୍ଲା ସ୍ତରୀୟ ମ୍ୟାଲେରିଆ ନିରୋଧୀ ମାସ ପାଳନ ଓ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ

ଜଗତସିଂହପୁର, **୨୫।୬:(ମନ୍ଥନ)** ଜଗତସିଂହପୁର ଜିଲ୍ଲାରେ ମ୍ୟାଲେରିଆ । ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ମ୍ୟାଲେରିଆ । ନିରୋଧୀ ମାସ ପାଳନ ଏବଂ ଭେକ୍ଟର ବାହିତ ରୋଗର ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଜିଲ୍ଲାପାଳ ଶ୍ରୀ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗର ବର୍ତ୍ତମାନ ସ୍ଥିତି, ନିୟନ୍ତ୍ରଣ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ଆଗାମୀ ଦିନରେ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରାମ ଓ ସହରାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରିବା, ମଶାର ପ୍ରଜନନ ସ୍ଥଳ ନଷ୍ଟ କରିବା, ପରିବେଶ ପରିଷ୍କାର ରଖିବା ଏବଂ ତୁରନ୍ତ ରୋଗ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମସ୍ତ ଲାଇନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶ୍ରୀମତୀ ସ୍ନିଗ୍ଧାମୟୀ ମହାନ୍ତି ଜିଲ୍ଲାର ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ନିରୀକ୍ଷଣ, ସଚେତନତା ଅଭିଯାନ ଓ ପ୍ରତିରୋଧାତ୍ମକ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା ଦେଇଥିଲେ । ଡା. ପ୍ରମୋଦ ବାରିକ, ଏଡିପିଏଚଓ (ଏଫ୍ଡବ୍ଲ୍ୟୁ), ଡା. ସରୋଜ ଜେନା, ଏଡିଏମଓ (ମେଡିକାଲ), ସୋନାଲି ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ । ଡା. ସନ୍ତୋଷ କୁମାର ବେହେରା, ଏଡିପିଏଚଓ (ଭିବିଡି), ଜିଲ୍ଲାରେ ଚାଲିଥିବା ମ୍ୟାଲେରିଆ । ବିରୋଧୀ ମାସର ବିଭିନ୍ନ କାର୍ଯ୍ୟକ୍ରମ, ରୋଗ ଡିପିଏମ ଏବଂ ଶ୍ରୀମତୀ ତୃପ୍ତି ରାଣୀ ନାୟକ, ଜିଲ୍ଲା ଭିବିଡି ପରାମର୍ଶଦାତା, କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲାର ସମସ୍ତ ବିଭାଗ ଯଥା ପଞ୍ଚାୟତିରାଜ, ପୌରପାଳିକା, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଜଳ ଓ ପରିମଳ, ସୂଚନା ଓ ଲୋକସମ୍ପର୍କ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ଶେଷରେ ଭେକ୍ଟର ବାହିତ ରୋଗ ମୁକ୍ତ ଜଗତସିଂହପୁର ଗଠନ ପାଇଁ ସମସ୍ତ ବିଭାଗ ଓ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।

ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ଅନୁଗୋଳ, **୨୫।୬:(ମନ୍ଥନ)** ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଅବ୍ଦାଲ୍ ମୁହମ୍ମଦ୍ ଅଖ୍ତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମେ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ମେ ମାସରେ ଜିଲ୍ଲାରେ ମୋଟ ୪୪ଟି ଦୁର୍ଘଟଣା ଘଟିଥିବାବେଳେ ୧୮ଜଣଙ୍କର ମୃତ୍ୟୁ ଘଟିଛି ଓ ୨୨ଜଣ ଆହତ ହୋଇଛନ୍ତି । ଅପ୍ରେଲ ମାସର ମୋଟ ଦୁର୍ଘଟଣା ତୁଳନାରେ ମେ ମାସରେ ଦୁର୍ଘଟଣା ହାର ବୃଦ୍ଧି ପାଇଛି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଲଣ ଯୋଗୁଁ ୧୦୨୪ଜଣ, ଦ୍ରୁତ ଗାଡି ଚାଳନ କରିବା ଯୋଗୁଁ ୧୨୩୧ଜଣ, ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ୩୮ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୮ ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ୪୮୬ ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା । ବୈଠକରେ ଆଇଏଏସ ପ୍ରୋବେସନର ଶ୍ରୀ ଅଭି ଜୈନ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସମ୍ପିତ କୁମାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ କୁମାର ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁ, ତାଳଚେର ମୋଟରଯାନ ନିରୀକ୍ଷକ ଶ୍ରୀ ତପନ କୁମାର ବେହେରାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଏସ୍ଆଇଆର୍-୨୦୨୬ ଅଭିଯାନରେ ଦଳବାଡ଼ରେ ନିର୍ବାଚନୀ କର୍ମକର୍ତ୍ତାଙ୍କ ବୈଠକ

ଫୁଲନଖରା, **୨୫।୬:(ମନ୍ଥନ)** ଦେଶର ର ନିର୍ବାଚନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ନିର୍ଭୁଲ ଓ ଗଣତାନ୍ତ୍ରିକ କରିବା ଲକ୍ଷ୍ୟରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ ରିଭିଜନ (ଏସ୍. ଆଇ.ଆର୍)-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ନିଆଳି ବିଧାନସଭା କ୍ଷେତ୍ରର ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନର ବୁଥ୍ ନମ୍ବର-୬, ଦଳବାଡ଼ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବି. ଏଲ୍. ଓ, ବି.ଏଲ୍ ଏ ଓ ବିଏଲ୍ ଓ ସୁପରଭାଇଜରଙ୍କ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବାରଙ୍ଗ ତହସିଲଦାର ଯୋଗ ଦେଇଥିଲେ । ଏହି ବୈଠକରେ ଆଗାମୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସୁରୁରୁ ଭାବେ ପରିଚାଳନା କରିବା ଏବଂ ଯୋଗ୍ୟ ମତଦାତାଙ୍କ ନାମ ତାଲିକାରେ ସଠିକ ଭାବେ ଅନ୍ତର୍ଭୁକ୍ତ କରିବା ଉପରେ ଆଲୋଚନା ହୋଇଥିଲା । ବୈଠକରେ ସମ୍ପୃକ୍ତ ବୁଥର ବୁଥ୍ ଲେଭେଲ୍ ଅଫିସର ପ୍ରଭାତ କୁମାର ରଥ ଉପସ୍ଥିତ ରହି କ୍ଷେତ୍ରସ୍ତରରେ ଭୋଟର ତାଲିକା ପ୍ରସ୍ତୁତି, ନୂତନ ଭୋଟର ଅନ୍ତର୍ଭୁକ୍ତି, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ତଥ୍ୟ ସଂଗ୍ରହ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ । ସେହିପରି ବୈଠକରେ ବୁଥ୍ ଲେଭେଲ୍ ଏଜେଣ୍ଟ ଭାବେ ପ୍ରଦୀପ କୁମାର ସୁନ୍ଦରରାୟ ଓ ହିମାଂଶୁ ଶେଖର ମହାପାତ୍ର ଯୋଗଦେଇ ନିର୍ବାଚନ ପ୍ରକ୍ରିୟାରେ ରାଜନୈତିକ ଦଳମାନଙ୍କ ସହଯୋଗ ଏବଂ ଭୋଟର ତାଲିକାର ତ୍ରୁଟି ସଂଶୋଧନ ପାଇଁ ଆବଶ୍ୟକ ସମନ୍ୱୟ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ତରରେ ସଚେତନତା ସୃଷ୍ଟି ଏବଂ ଘରକୁ ଘର ବୁଲି ସୂଚନା ସଂଗ୍ରହ ପାଇଁ ନିୟୋଜିତ ସ୍ୱେଚ୍ଛାସେବୀମାନେ ମଧ୍ୟ ଉପସ୍ଥିତ ରହିଥିଲେ । ଅଙ୍ଗନୱାଡି କର୍ମୀ ସଞ୍ଜୁକ୍ତା ଶତପଥୀ, ବୀଣାପାଣି ସାହୁ, ଆଶାକର୍ମୀ ଖୁଲଣା ଭୋଇ, ସବିତା କାଣ୍ଡି ଏବଂ ସରକାରୀ କର୍ମଚାରୀ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଭୋଟର ସଚେତନତା ଅଭିଯାନକୁ ଅଧିକ ବ୍ୟାପକ କରିବା ପାଇଁ ନିଜ ନିଜ ମତାମତ ରଖିଥିଲେ । ବୈଠକରେ ସୁପରଭାଇଜର ପ୍ରଦୀପ କୁମାର ବାରିକ ଉପସ୍ଥିତ ରହି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ ପରିଚାଳନା, ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତି, ଡୁପ୍ଲିକେଟ ଓ ତ୍ରୁଟିପୂର୍ଣ୍ଣ ତଥ୍ୟ ଅପସାରଣ ସହ ମତଦାତା ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବକ୍ତାମାନେ କହିଥିଲେ ଯେ, ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ହେଉଛି ଗଣତନ୍ତ୍ରର ମୂଳ ଭିତ୍ତି । ତେଣୁ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ କୌଣସି ଯୋଗ୍ୟ ମତଦାତା ଯେପରି ବାଦ ନପଡ଼ନ୍ତି ସେଥିପାଇଁ ସମସ୍ତ ସ୍ତରର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ଜନପ୍ରତିନିଧିଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ । ଏସ୍ଆଇଆର୍-୨୦୨୬ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ଜନତାଙ୍କ ସହଭାଗିତା ବୃଦ୍ଧି ପାଇବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଥିଲା । ବୈଠକ ଶେଷରେ ଆଗାମୀ ଦିନରେ ଘରକୁ ଘର ସର୍ଭେ, ଭୋଟର ସଚେତନତା ଅଭିଯାନ ଓ ତଥ୍ୟ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ବୋଲି ମତ ପ୍ରକାଶ ପାଇଥିଲା ।

ସ୍ୱାବଲମ୍ବୀ ଯୁବଶକ୍ତି ଗଢ଼ିବାକୁ କୋଇଡାରେ ସଚେତନତା ସମାବେଶ

କୋଇଡା, **୨୫।୬:(ମନ୍ଥନ)** ରାଜ୍ୟରେ ଯୁବଶକ୍ତିଙ୍କୁ ସ୍ୱାବଲମ୍ବୀ କରିବା ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନୂତନ ଉଦ୍ୟୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କୋଇଡା ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ) ପରିସରରେ ସ୍ୱାବଲମ୍ବୀ ଯୁବ, ସମୃଦ୍ଧ ଓଡ଼ିଶା ସମାବେଶ ଓ ଖାଦ୍ୟ ପ୍ରକ୍ରିୟାକରଣ ନୀତି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବଣେଇ ବିଧାୟକଙ୍କ ପ୍ରତିନିଧି ତଥା ସି ପି ଏଇ ମ ଜିଲ୍ଲା ସମ୍ପାଦକ ପ୍ରଭାତ ପଣ୍ଡା ଏବଂ ସୁନ୍ଦରଗଡ଼ ସାଂସଦଙ୍କ ପ୍ରତିନିଧି ଚେତନଦୀପ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ୀଙ୍କୁ ସରକାରଙ୍କ ବିଭିନ୍ନ ସ୍ୱରୋଜଗାର ଓ ଉଦ୍ୟୋଗୀତା ଯୋଜନା ବିଷୟରେ ଅବଗତ କରାଇଥିଲେ । କୋଇଡା ଡିଗ୍ରୀ କଲେଜର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଦକ୍ଷତା ଓ ଉଦ୍ୟୋଗୀତାର ସମନ୍ୱୟ ମାଧ୍ୟମରେ ଆର୍ଥିକ ସଶକ୍ତିକରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ବକ୍ତାମାନେ କହିଥିଲେ ଯେ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର କେବଳ ଚାକିରି ନୁହେଁ, ବରଂ ସ୍ୱାବଲମ୍ବୀ ଉଦ୍ୟୋଗ ଗଢ଼ିବାର ଏକ ସୁବର୍ଣ୍ଣ ସୁଯୋଗ । ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ନୀତି ଅଧୀନରେ ମିଳୁଥିବା ଆର୍ଥିକ ପ୍ରୋତ୍ସାହନ, ବ୍ୟାଙ୍କ ଋଣ, ପ୍ରଶିକ୍ଷଣ ଏବଂ ବଜାର ସଂଯୋଗ ଭଳି ସୁବିଧାର ସଦୁପଯୋଗ କରି ଯୁବକମାନେ ନିଜସ୍ୱ ଉଦ୍ୟୋଗ ସ୍ଥାପନ କରିପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଆଇଟିଆଇର ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଯୁବକମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଉପସ୍ଥିତ ଯୁବମାନଙ୍କୁ ଦକ୍ଷତା ବିକାଶ ସହ ନୂତନ ବ୍ୟବସାୟିକ ସୁଯୋଗ ଚିହ୍ନଟ କରି ଆତ୍ମନିର୍ଭରତାର ପଥରେ ଆଗେଇବାକୁ ପ୍ରେରିତ କରାଯାଇଥିଲା । ଶେଷରେ ବକ୍ତାମାନେ ମତ ଦେଇଥିଲେ ଯେ, ଏପରି ସଚେତନତା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଯୁବପିଢିଙ୍କ ମନରେ ଉଦ୍ୟୋଗୀତା ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ଅଞ୍ଚଳର ଆର୍ଥିକ ବିକାଶକୁ ନୂତନ ଦିଗ ଦେବ । ବର୍ତ୍ତମାନ ସମୟରେ ଚାକିରି ଖୋଜିବା ଅପେକ୍ଷା ଚାକିରି ସୃଷ୍ଟିକାରୀ ହେବା ହିଁ ଯୁବପିଢ଼ିଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ବୋଲି ସେମାନେ କହିଥିଲେ ।

ଏମଏସଏମଇ ଟିଇଏଏମ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, **୨୫।୬:(ମନ୍ଥନ)** ଭାରତ ସରକାରଙ୍କ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ (ଏମଏସଏମଇ) ଅଧୀନସ୍ଥ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍, ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭୁବନେଶ୍ୱର ସହିତ ମିଳିତ ଭାବରେ, ଅନ୍ତର୍ଜାତୀୟ ଏମଏସଏମଇ ଦିବସ ଅଶାନ୍ତ ୨୭ ଜୁନ ୨୦୨୬ ରେ ପାରାଦୀପର ଇଫକୋ କମ୍ୟୁନିଟି ହଲରେ ସକାଳ ୧୦.୦୦ ରୁ ଅପରାହ୍ନ ୨.୦୦ ପର୍ଯ୍ୟନ୍ତ ଏମଏସଏମଇ ବାଣିଜ୍ୟ ସକ୍ଷମତା ଏବଂ ମାର୍କେଟିଂ (ଟିଇଏଏମ୍) ପଦକ୍ଷେପ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛି । ଏହି ପରିପ୍ରେକ୍ଷୀରେ, ଗୁରୁବାର ସନ୍ଧ୍ୟାରେ ହୋଟେଲ ଏମ୍ପାୟାରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭାରତ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଉଦ୍ଦେଶ୍ୟ, ଗୁରୁତ୍ୱ ଏବଂ ଆଶା କରାଯାଉଥିବା ଫଳାଫଳ

ବିଷୟରେ ସୂଚନା ଦିଆଯାଇଥିଲା । ବିଶ୍ୱ ବ୍ୟାଙ୍କ-ସମର୍ଥିତ ରେଜିଂ ଆଣ୍ଡ୍ ସେଲେରେଟିଂ ଏମଏସଏମଇ ପରଫର୍ମାନ୍ସ କାର୍ଯ୍ୟକ୍ରମ ଅଧୀନରେ ପ୍ରଚଳିତ ଏମଏସଏମଇ ଟିଇଏଏମ ପଦକ୍ଷେପର ଲକ୍ଷ୍ୟ ହେଉଛି ଏମଏସଏମଇ ଗୁଡ଼ିକର ଡିଜିଟାଲ୍ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ସୁଦୃଢ଼ କରିବା, ଯାହା ସେମାନଙ୍କୁ ସକ୍ଷମ କରିଥାଏ ଏବଂ ଓପନ୍ ନେଟୱାର୍କ ଫର୍ ଡିଜିଟାଲ୍ କମର୍ସ (ଓଏନଡିସି) ସମେତ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ବାଣିଜ୍ୟ ଏବଂ ମାର୍କେଟିଂ ସୁଯୋଗକୁ ପ୍ରଭାବଶାଳୀ ଭାବରେ ପ୍ରବେଶ କରିଥାଏ । ଏହି କାର୍ଯ୍ୟକ୍ରମ ଏମଏସଏମଇ ଗୁଡ଼ିକୁ ଡିଜିଟାଲ୍ ଉପକରଣ, କ୍ଷମତା ନିର୍ମାଣ ଏବଂ ସେମାନଙ୍କର ବଜାର ପହଞ୍ଚକୁ ବିସ୍ତାର କରିବା, ପ୍ରତିଯୋଗିତାମୂଳକତା ବୃଦ୍ଧି କରିବା ଏବଂ ଏକ ଦୃଢ଼ ଡିଜିଟାଲ୍ ଉପସ୍ଥିତି ଗଠନ କରିବା ପାଇଁ ରଣନୈତିକ ମାର୍ଗଦର୍ଶନ ସହିତ ସଶକ୍ତ କରିବା ଉପରେ ଧ୍ୟାନ ଦିଏ । ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ଏନଏସଆଇସି ଭୁବନେଶ୍ୱର ର ଉପ-ପ୍ରବନ୍ଧକ ଏସ.କେ.ସାହା ଓ ବିଶ୍ୱ ବାଣିଜ୍ୟ କେନ୍ଦ୍ର, ଭୁବନେଶ୍ୱର ର ଆଞ୍ଚଳିକ ନିର୍ଦ୍ଦେଶକ ଏ.ରାଜ୍ୟଲକ୍ଷ୍ମୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ବିଷଦ ବିବରଣୀ ଉପସ୍ଥାପନା କରିଥିଲେ ।

ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ବାଂଶପାଣିର ବହୁ ପୁରାତନ ପୋଖରୀ

ଯୋଡ଼ା, **୨୫।୬:(ମନ୍ଥନ)** ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡ କମରଯୋଡ଼ା ଏବଂ ୧୨ ନମ୍ବର ୱାର୍ଡ ବାଂଶପାଣି ମଧ୍ୟଭାଗରେ ଅବସ୍ଥିତ ପ୍ରାୟ ୧୧ ଏକର ୬୮ ଡିସମିଲ ପରିମିତ ଜମି ଉପରେ ଥିବା ଲାଲବନ୍ଧ ପୋଖରୀ ଆଜି ଅବହେଳାର ଶିକାର ହୋଇପଡ଼ିଛି । ଏକଦା ଅଞ୍ଚଳବାସୀଙ୍କ ଜୀବନରେଖା ଭାବେ ପରିଚିତ ଏହି ବୃହତ ଜଳାଶୟର ପୁନରୁଦ୍ଧାର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଓଡ଼ିଶା ମାଇନିଂ ଏରିଆ ଡେଭେଲପମେଣ୍ଟ କର୍ପୋରେସନ (ଓଏମ୍ଏଡିସି) ପକ୍ଷରୁ ୬ କୋଟି ୩୧ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ପ୍ରକଳ୍ପ ଆରମ୍ଭ ହେବାର ସାତ ବର୍ଷ ପରେ ମଧ୍ୟ ଏହାର କାମ ସମ୍ପୂର୍ଣ୍ଣ ହୋଇପାରିନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ପୋଖରୀର ମାଟି ଖୋଳା ଓ ପ୍ରାଥମିକ ବିକାଶ କାର୍ଯ୍ୟ ବାବଦରେ ୨ କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇସାରିଥିବା କୁହାଯାଉଛି । କିନ୍ତୁ ପ୍ରାରମ୍ଭିକ କାମ ପରେ ପ୍ରକଳ୍ପଟି ଅଚାନକ ଅଟକି ଯାଇଥିଲା। ୨୦୨୬ ମସିହା ପହଞ୍ଚିଥିଲେ ମଧ୍ୟ କାର୍ଯ୍ୟ ପୁନ ଆରମ୍ଭ ହୋଇନଥିବାରୁ ଲାଲବନ୍ଧ ପୋଖରୀ ଏବେ ଜଙ୍ଗଲ ଓ ଅନାବନା ଗଛଲତାରେ ଆଚ୍ଛାଦିତ ହୋଇପଡ଼ିଛି । ଯେଉଁ ସ୍ଥାନରେ ଆଧୁନିକ ଜଳ ସଂରକ୍ଷଣ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ହେବାର ଯୋଜନା ଥିଲା, ସେଠାରେ ଆଜି ଅବ୍ୟବସ୍ଥା ଓ ଅବହେଳାର ଚିତ୍ର ଦେଖିବାକୁ ମିଳୁଛି । ସରକାର ଙ୍କ ପାଣ୍ଠିରୁ ବହୁ ପରିମାଣରେ ଅର୍ଥ ଖର୍ଚ୍ଚ ହୋଇଥିଲେ ମଧ୍ୟ

ତାହା ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ଲାଲବନ୍ଧ କେବଳ ଏକ ପୋଖରୀ ନୁହେଁ, ବରଂ ଏହା ସ୍ଥାନୀୟ ପରିବେଶ ଓ ଜଳ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଚାରିପାଖରେ ଥିବା ପାହାଡ଼ ଓ ଜଙ୍ଗଲ ଅଞ୍ଚଳରୁ ବର୍ଷସାରା ବିଭିନ୍ନ ଝରଣା ଓ ଜଳଧାରାର ପାଣି ଏହି ପୋଖରୀରେ ଆସି ଜମା ହୋଇଥାଏ । ଫଳରେ ବର୍ଷର ସମସ୍ତ ସମୟରେ ପୋଖରୀରେ ପାଣି ରହିଥାଏ । ଏଠାରୁ ଅଧିକ ପାଣି ନାଳ ମାଧ୍ୟମରେ ବାହାରି ଯୋଡ଼ା ଅଞ୍ଚଳ ଦେଇ ପ୍ରବାହିତ ହୋଇ ସୁନା ନଦୀରେ ମିଶିଥାଏ । ଏହି ଜଳାଶୟ ଦୀର୍ଘ ଦିନ ଧରି ଭୂଗର୍ଭ ଜଳସ୍ତର ବଜାୟ ରଖିବା ସହିତ ଅଞ୍ଚଳର ପରିବେଶୀୟ ସନ୍ତୁଳନ ରକ୍ଷାରେ ମଧ୍ୟ ମୁଖ୍ୟ ଭୂମିକା ନିଭାଇ ଆସୁଛି । ଲାଲବନ୍ଧ ଉପରେ ନିର୍ଭର କରୁଥିଲେ ହଜାର ହଜାର ଲୋକ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ବାଂଶପାଣି ଓ କମରଯୋଡ଼ା ଅଞ୍ଚଳର ଲୋକମାନେ ଦୀର୍ଘ ଦଶନ୍ଧି ଧରି ଲାଲବନ୍ଧ ପୋଖରୀ ଉପରେ ବିଭିନ୍ନ ପ୍ରକାରରେ ନିର୍ଭର କରି ଆସୁଥିଲେ । ପୋଖରୀର ପାଣି ପଶୁପାଳନ, କୃଷି ଓ ଅନ୍ୟାନ୍ୟ ଆବଶ୍ୟକ କାର୍ଯ୍ୟରେ ବ୍ୟବହୃତ ହେଉଥିଲା। ଏହାସହ ଏହି ଜଳାଶୟ ସ୍ଥାନୀୟ ଜୈବ ବିବିଧତାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ଥିଲା । କିନ୍ତୁ ଗତ ୬ରୁ ୭ ବର୍ଷ ମଧ୍ୟରେ ପ୍ରକଳ୍ପର ଅସମ୍ପୂର୍ଣ୍ଣତା ଓ ପ୍ରଶାସନିକ ଉଦାସୀନତା କାରଣରୁ ଏହି ଅଞ୍ଚଳର ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପୋଖରୀର ନିୟମିତ ରକ୍ଷଣାବେକ୍ଷଣ ନ ହେବାରୁ ପାଣିର ଗୁଣବତ୍ତା ହ୍ରାସ ପାଇବା ସହିତ ଜଳଧାରଣ କ୍ଷମତା ମଧ୍ୟ ପ୍ରଭାବିତ ହେଉଛି । ବର୍ଷା ଋତୁରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ଆଖପାଖ ଅଞ୍ଚଳରେ ଜଳଜମା ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ସମାଜସେବୀମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ଯେଉଁ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିଲା ଓ ଯାହା ଦ୍ୱାରା ସମଗ୍ର ଅଞ୍ଚଳର ଜଳ ସମସ୍ୟାର ସ୍ଥାୟୀ ସମାଧାନ ହେବାର ଆଶା କରାଯାଇଥିଲା, ସେହି ପ୍ରକଳ୍ପ କାହିଁକି ଅଧାରେ ଅଟକି ରହିଛି ? ବ୍ୟୟ ହୋଇଥିବା ଅର୍ଥର ହିସାବ, କାମର ବର୍ତ୍ତମାନ ସ୍ଥିତି ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ସମ୍ଭାବ୍ୟ ସମୟସୀମା ସମ୍ପର୍କରେ ସ୍ପଷ୍ଟ ତଥ୍ୟ ପ୍ରକାଶ କରିବାକୁ ସେମାନେ ଦାବି କରିଛନ୍ତି । ଅଞ୍ଚଳବାସୀଙ୍କ ମତରେ, ଲାଲବନ୍ଧ ପୋଖରୀର ପୁନରୁଦ୍ଧାର କାମ ଶୀଘ୍ର ସମ୍ପୂର୍ଣ୍ଣ କରାଗଲେ ଏହା କେବଳ ଜଳ ସଂରକ୍ଷଣରେ ସହାୟକ ହେବ ନାହିଁ, ବରଂ ପରିବେଶ ସୁରକ୍ଷା, ଭୂଗର୍ଭ ଜଳସ୍ତର ବୃଦ୍ଧି ଏବଂ ସ୍ଥାନୀୟ ଲୋକଙ୍କ ଜୀବନଜୀବିକାରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇବ । ତେଣୁ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ପ୍ରତି ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଜୋରଦାର ଦାବି କରିଛନ୍ତି ।

ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାମେଲିଙ୍କ ଧାରଣା

କେନ୍ଦ୍ରାପଡ଼ା, **୨୫।୬:(ମନ୍ଥନ)** କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅଧିନ ତିଖିରୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ କେନ୍ଦ୍ରାପଡ଼ା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଧାରଣା ସ୍ଥଳକୁ ଆସି ଚାମେଲିଙ୍କ ସହିତ ଆଲୋଚନା କରି ତିନିଦିନ ମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ପାଇବା ପରେ ସରପଞ୍ଚ ଚମେଲି ଓଝା ଧାରଣା ପ୍ରତ୍ୟାହାର କରିନେଇଥିଲେ । ଚାମେଲି ଅଭିଯୋଗ କରିଥିଲେ ଯେ ସେ ଯେଉଁମାନଙ୍କ ବିରୋଧରେ ଏତଲା ଦେଇଥିଲେ ସେମାନଙ୍କ ମଧ୍ୟରୁ ମାତ୍ର ୪ ଜଣ ଗିରଫ ହୋଇଛନ୍ତି । ହେଲେ ବାକି ଅଭିଯୁକ୍ତମାନେ ଗିରଫ ହୋଇ ନାହାଁନ୍ତି । ପୋଲିସ ସେମାନଙ୍କୁ ସୁରକ୍ଷା ଦେଉଛି । ସେହିପରି ସେ ମହାକାଳପଡ଼ା ପୋଲିସ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହାଦ୍ୱାରା ସେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ଧାରଣା ଦେଇଥିଲେ । ତାଙ୍କ ସହ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ଧାରଣାରେ ସାମିଲ ହୋଇଥିଲା । ଧାରଣା ସ୍ଥଳକୁ ଅତିରିକ୍ତ ଏସପି ସୁଧାକର ସାହୁ ଆସି ଚାମେଲିଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ତିନି ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି

ପ୍ରତିଶ୍ରୁତି ଦେବାରୁ ସେ ଧାରଣା ପ୍ରତ୍ୟାହାର କଲେ ବୋଲି ଘୋଷଣା କରିଥିଲେ । ସୂଚନା ଥାଉକି ଗତ ୧୧ ତାରିଖରେ ଚାମେଲି ମହାକାଳପଡ଼ା ବିଡିଙ୍କ କାର୍ଯ୍ୟାଳୟରେ ପଶି ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ବିଡିଓ ଏହାର ଉତ୍ତର ଦେଉଥିବା ବେଳେ ସେ ଫେସବୁକରେ ଲାଇଭ କରି ଭିଡିଓ ରେକର୍ଡିଂ କରୁଥିଲେ । ଏହାକୁ ସେଠାରେ ଉପସ୍ଥିତ ଥିବା କେତେକ ସରକରୀ କର୍ମଚାରୀ ଓ ସାଧାରଣ ଲୋକେ ବିରୋଧ କରିଥିଲେ । ଏହାକୁ ନେଇ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ଚାମେଲିଙ୍କ ବିରୋଧରେ ପୋଲିସ ଓ ବିଡିଓ ଅଭିଯୋଗ କରିଥିବା ବେଳେ ଚାମେଲିଙ୍କ ଅଭିଯୋଗକ୍ରମେ ୮ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଚାମେଲି ଜାମିନ ପାଇ ଯାଇଥିବା ବେଳେ ସେ ଯେଉଁମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଏ ସଂକ୍ରାନ୍ତରେ ଅତିରିକ୍ତ ଏସପି ସୁଧାକର ସାହୁ କହିଛନ୍ତି ଆଇନ୍ ଅନୁଯାୟୀ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଚାମେଲି ଯେଉଁ ଅଭିଯୋଗ କରିଥିଲେ ସେହି ମାମଲାରେ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କୁ ଗିରଫ କରାଯାଇଛି । ବାକି ଅଭିଯୁକ୍ତ ମଧ୍ୟ ଆଇନ୍ ଅନୁଯାୟୀ ଗିରଫ ହେବେ ବୋଲି ଅତିରିକ୍ତ ଏସପି ଶ୍ରୀ ସାହୁ କହିଥିଲେ ।

ଶୁକ୍ରବାର ୨୬, ଜୁନ୍ ୨୦୨୬, ଭୁବନେଶ୍ୱର

Friday, 26 June 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ଦୁର୍ନୀତିର କାୟା ବିସ୍ତାର

ଏକ ସୁଧ ଟଙ୍କା ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କଠାରୁ ଜବତ କରିଥିବା ଦୁଇଟି ଦାମୀ ମୋବାଇଲ ଫୋନ ଫେରାଇବା ପାଇଁ ଦୁଇ ଥରରେ ୧ଲକ୍ଷ ଟଙ୍କା ଲାଂଚ ନେବାବେଳେ ମଟେଂଶ୍ୱର ଥାନାର ଜଣେ ଏଏସଆଇଙ୍କୁ ରାଜ୍ୟ ସରକାର ଚାକିରିରୁ ବିଦା କରିଥିବାବେଳେ ଏଥିରେ ତାଙ୍କୁ ସହଯୋଗ କରିଥିବା ୨ଜଣ ଗୃହରକ୍ଷୀଙ୍କୁ କାର୍ଯ୍ୟରୁ ଅନ୍ତର କରିବା ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଏଥିରେ ସନ୍ଦେହ ନାହିଁ, କିନ୍ତୁ ଅତୀତରେ ଦୁର୍ନୀତି ଅଭିଯୋଗରେ ବହୁ ବରିଷ୍ଠ ଅଫିସର ଏବଂ ଯନ୍ତ୍ରୀ, ଡାକ୍ତର ସରକାରୀ ଚାକିରିରୁ ବହିଷ୍କୃତ କିମ୍ବା ସେମାନଙ୍କ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ବାଦ, କେତେକଙ୍କୁ ଗିରଫ କରି ଜେଲ ପଠାଇବା ଏବଂ କେତେକ ସ୍ୱତନ୍ତ୍ର ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ରହିଥିବା ସତ୍ତ୍ୱେ ଏହାର କୌଣସି ପ୍ରଭାବ ଦୁର୍ନୀତିଖୋର ଅଫିସର କିମ୍ବା ଲାଂଚୁଆଙ୍କ ଉପରେ କୌଣସି ପ୍ରଭାବ ପଡିଥିବା ମନେହୁଏ ନାହିଁ। ଏବେ ଭିଜିଲାନ୍ସ ଯେତେ ଯେତେ ଚଢାଉ କରୁଛି, ସେତେସେତେ ଦୁର୍ନୀତିଗ୍ରସ୍ତ, ଲାଂଚୁଆ ଅଫିସରଙ୍କ ସଂଖ୍ୟା ଲମ୍ବିବାରେ ଲାଗିଛି। କେବଳ ଏତକି ନୁହେଁ, ଜବତ ସମ୍ପତି, ନଗଦ ଟଙ୍କାର ପରିମାଣ ଦେଖିଲେ ତାଜୁବ ହେବାକୁ ପଡୁଛି, ଏଥିରୁ ଆମ ରାଜ୍ୟରେ ଦୁର୍ନୀତିର ଚେର କେତେକ ବିସ୍ତାର କରିଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଗତ ଦୁଇବର୍ଷ ମଧ୍ୟରେ ଭିଜିଲାନ୍ସ ଦୁର୍ନୀତିଗ୍ରସ୍ତଙ୍କ ଘରେ, କାର୍ଯ୍ୟାଳୟରେ ଚଢାଉ କରି ୪୦ କିଲୋରୁ ଅଧିକ ସୁନା ଅଳଙ୍କାର ଜବତ କରିଥିବା ବେଳେ ୨୦୦ କୋଟିରୁ ଅଧିକ ଟଙ୍କାର ସମ୍ପତି ଜବତ କରିଛି। ସେହିପରି ନଗଦ ୭୦କୋଟିରୁ ଅଧିକ ଟଙ୍କା ମଧ୍ୟ ଜବତ ହୋଇଛି। ଭିଜିଲାନ୍ସ ଜାଲରେ ୩୫୦ରୁ ଉର୍ଦ୍ଧ୍ୱ ଅଫିସର, ଯନ୍ତ୍ରୀ, ଡାକ୍ତର ପଡିଥିବା ବେଳେ ଯେଉଁମାନଙ୍କ ମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ କୁବେର ବାବୁ ଅଛନ୍ତି। ଯେଉଁମାନଙ୍କ ଠାରୁ ନଗଦ କୋଟି କୋଟି ଟଙ୍କା ଜବତ ହୋଇଛି। ଜବତ ସମ୍ପତି ମଧ୍ୟରେ ଏକର ଏକର ମୂଲ୍ୟବାନ ଜମି, ଆଲିସାନ କୋଠା, ଏକର ଏକର ଫାର୍ମ ହାଉସ୍ ଅର୍ନ୍ତଭୁକ୍ତ ରହିଛି। ରାଜ୍ୟ ସରକାର ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ ଶୂନ ଅସହିଷ୍ଣୁତା ମନୋଭାବ ପ୍ରଦର୍ଶନ କରି ଆସୁଛନ୍ତି। ସେହି ଦୁର୍ନୀତି ନିବାରଣ ବିଭାଗର ଚଢାଉ, ତଲାସୀ, ଗିରଫ ପ୍ରତିଦିନ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ନିକଟ ଅତୀତରେ ଭିଜିଲାନ୍ସ ଜବତ କରିଥିବା ୬ଜଣ ଅଧିକାରୀଙ୍କ ନଗଦ କଳାଧନ, ଟଙ୍କାର ପାହାଡ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେହି ବହୁ ଦୁର୍ନୀତିଗ୍ରସ୍ତଙ୍କୁ ସରକାର ଚାକିରିରୁ ନିଲମ୍ବନ କରିବା ସହ ଜେଲକୁ ପଠାଇଦେଇଛନ୍ତି। ଏହା ସତ୍ତ୍ୱେ ସେମାନଙ୍କ ଉପରେ ଭିଜିଲାନ୍ସର ଚଢାଉ କୌଣସି ପ୍ରଭାବ ପକାଇ ପାରିନାହିଁ କିମ୍ବା ଦୁର୍ନୀତିଗ୍ରସ୍ତଙ୍କ ମନରେ କୌଣସି ଭୟ ସୃଷ୍ଟି କରିପାରିନାହିଁ। ଏହାର ମୁଖ୍ୟ କାରଣ ହୁଏତ ଦୁର୍ନୀତିଗ୍ରସ୍ତ ଜାମିନରେ ଆସିବାପରେ ସେମାନଙ୍କୁ ପୁନଃ ଅବସ୍ଥାପିତ ଏବଂ ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହାର ଅତି ନଗଣ୍ୟ ହୋଇପାରେ। କହିବା ବାହୁଲ୍ୟ ଯେ, ବର୍ଷକ ତଳେ ୪୦ଲକ୍ଷ ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଣେ ଆଇଏଏସ ଅଫିସରଙ୍କୁ ଏବେ ପୁଣି ନିଯୁକ୍ତ ଦେଇଛନ୍ତି। ଏହା ମାତ୍ର ଗୋଟିଏ ଉଦାହରଣ। ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଯାଇଥିବା ବହୁ ଅଫିସର, କିରାଣୀ, ସରକାରୀ, କର୍ମଚାରୀ ପୁଣି ଚାକିରିରେ ପୁନଃ ନିଯୁକ୍ତି ପାଉଥିବାବେଳେ ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଛି ସତ, ମାତ୍ର ଆୟ ବର୍ହିଭୁତ ସମ୍ପତି ବାଜ୍ୟାପ୍ତି ମଧ୍ୟ ଅତିନଗଣ୍ୟ। ଯେଉଁ ଅନୁପାତରେ ଭିଜିଲାନ୍ସର ଜବତ ସମ୍ପତି ତାଲିକା ଏବଂ ଆୟୁବର୍ହିଭୁତ ଆୟ ହାର ପ୍ରକାଶିତ ହେଉଛି, ସେହି ଅନୁପାତରେ ଦଣ୍ଡ ବିଧାନ କିମ୍ବା ସମ୍ପତି ବ୍ୟାଜ୍ୟାପ୍ତି ହେଉନଥିବାରୁ ଦୁର୍ନୀତି ନିର୍ବାରଣ ଆଇନ, ସେମାନଙ୍କ ମଧ୍ୟରେ କୌଣସି ଭୟ ସଂଚାର କରିପାରୁନାହିଁ। ଆମ ରାଜ୍ୟର ଦୁର୍ନୀତିର ଚେର ଏତେ ସୁଦୃଢ ଯେ, ମାତ୍ର ୭/୮ ହଜାର ଟଙ୍କା ମାସିକ ବେତନ ପାଉଥିବା ଜଣେ ଜିଆରଏସ ରାଜଧାନୀରେ ୫୯ଟି ନାମୀଦାମୀ ପ୍ଲଟର ମାଲିକ ହୋଇପାରିଛନ୍ତି। ସରକାରୀ କାର୍ଯ୍ୟରେ ସରକାରୀ ଅର୍ଥ ହେରଫେର ଏକ ପରମ୍ପରାରେ ପରିଣତ ହୋଇଥିବା ବେଳେ ବିନା ହାତଗୁଂଜା ବା ଲାଂଚରେ କୌଣସି କାମ ହୁଏ ନାହିଁ। ଫାଇଲ ବର୍ଷ ବର୍ଷ ଧରି ଗୋଟିଏ ପ୍ରକୋଷ୍ଠରୁ ଅନ୍ୟ ପ୍ରକୋଷ୍ଠକୁ ଘୁଂଚେ ନାହିଁ। ଏକ ଆନ୍ତର୍ଜାତିକ ସଂସ୍ଥାର ଅନୁଧ୍ୟାନ ରିପୋର୍ଟ ଅନୁଯାୟୀ ଭାରତରେ ୮୫ ପ୍ରତିଶତ କାମ ବିନା ଲାଂଚରେ ହୁଏନାହିଁ। ଦୁର୍ନୀତି ବିଶ୍ୱ ଦୁର୍ନୀତିଗ୍ରସ୍ତ ତାଲିକାରେ ୧୮୨ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୯୧ଥିବାବେଳେ ସ୍କୋର ୧୦୦ରୁ ୩୯ ରହିଛି। ସେହିପରି ଭାରତ ଲଗାତାର ଆନ୍ତର୍ଜାତିକ ହାର ୪୨ତଳେ ରହିଛି। ଏହା ନିସନ୍ଦେହ ଯେ ଦୁର୍ନୀତି ନିୟନ୍ତ୍ରଣ ପାଇଁ ଅଦାଲତ ରହିଛି, ଆଇନ ରହିଛି, କଠୋର ଦଣ୍ଡବିଧାନ ରହିଛି, ଏହା ସତ୍ତ୍ୱେ ରାଜ୍ୟରେ ଦୁର୍ନୀତି ବଢିଚାଲିଛି। ଦୁର୍ନୀତି, ଲାଂଚ, ମାନସକିତା ମନରୁ ଦୂରେଇ ନଯିବା ପର୍ଯ୍ୟନ୍ତ ଏହାର ଅନ୍ତ ଘଟିବ ନାହିଁ। ମାତ୍ର ଏବେ ଭିଜିଲାନ୍ସ ଯେଉଁଭଳି ଚଢାଉ କରୁଛି, ଏହା ଦୁର୍ନୀତିଗ୍ରସ୍ତଙ୍କ ପାଇଁ ସତର୍କ ଘଂଟି ସଦୃଶ ବୋଲି କୁହାଯାଇପାରିବ।

ବୌଦ୍ଧିକ ବିକାଶ : ଆନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ

ଡକ୍ଟର ସୁରେଶ କୁମାର ନାୟକ

ପିଲାମାନେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼େ, ଏହା ରାତାରାତି କେଉଁ ଆକାଶରୁ ଖସି ପଡ଼ିନଥାଏ କିମ୍ବା ଯାଦୁବିଦ୍ୟା ଦ୍ୱାରା ସମ୍ଭବ ହୋଇନଥାଏ। ମାତ୍ର କେତେକ ଅଛନ୍ତି ଯେଉଁମାନେ ନିଜ ବୁଦ୍ଧି ବଳରେ ହିଁ ସହଜରେ ବୃଦ୍ଧିମତ୍ତା ଏପରି ପ୍ରକୃତିଦତ୍ତ ଲକ୍ଷଣ। ଆଉ ଜନ୍ମରୁ ହିଁ ଜଣକର ମାନସିକ ଦକ୍ଷତା ଜଣାପଡ଼ି ଯାଇଥାଏ। କିନ୍ତୁ ଏହା ବ୍ୟତୀତ ଉଦ୍ୟମ ବଳରେ ପିଲାମାନେ ମଧ୍ୟ ନିଜ ବୌଦ୍ଧିକ ବିକାଶ କରିପାରିବେ। ଅନ୍ୟମାନଙ୍କ ଆଗରେ ନିଜ ଦକ୍ଷତା ପ୍ରଦର୍ଶନ କରିବାକୁ ହେଲେ ବୌଦ୍ଧିକ ବିକାଶ ନିହାତି ଜରୁରୀ। ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଜାଣିବା ଜରୁରୀ। ବୌଦ୍ଧିକ ଚେତନା ପିଲାମାନଙ୍କୁ ଯେତିକି ବିକଶିତ କରିଥାଏ ସେତିକି ଜୀବନର ଆହ୍ୱାନକୁ ଗ୍ରହଣ କରିବା ପାଇଁ ରାସ୍ତା ପ୍ରଶସ୍ତ କରିଥାଏ।

ବୁଦ୍ଧିର ବିକାଶ ପାଇଁ ସବୁଠି ବେଶୀ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଭ୍ୟାସ। ଯେ କୌଣସି ପିଲା ଅଭ୍ୟାସ ବଳରେ ସବୁ କିଛି ହାସଲ କରିପାରିବ। ସେଥିପାଇଁ କୁହାଯାଏ ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ। ତେଣୁ ଛାତ୍ରଛାତ୍ରୀମାନେ ବୁଝିପାରୁ ନଥିବା ବିଷୟକୁ ବାରମ୍ବାର ପଢ଼ିବା ଦ୍ୱାରା ନିଶ୍ଚିତ ଭାବେ ତାହା ବୋଧଗମ୍ୟ ହୋଇଥାଏ। କେବଳ ପାଠ ନୁହେଁ କୌଣସି କାମ ପାଇଁ ନିରନ୍ତର ଅଭ୍ୟାସ କରିବା ଫଳରେ ସଫଳତା ନିଶ୍ଚୟ ମିଳିଥାଏ। ତେଣୁ ନିଜର ଜ୍ଞାନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିକ୍ଷେତ୍ରରେ ଅଭ୍ୟାସ ହିଁ ସର୍ବପ୍ରଥମ ମାର୍ଗ। ସବୁ କାଠକୁ ଠିକ ସମୟ ଭିତରେ ପୁରା କରନ୍ତି। ବୁଦ୍ଧିମାନ ପିଲାଙ୍କର ଏହା ଏକ ଉତ୍ତମ ଲକ୍ଷଣ। ଯେଉଁ କାମ ପାଇଁ ଯେତିକି ସମୟ ଆବଶ୍ୟକ ସେହି ଅନୁସାରେ କାମ କରିବା ଦରକାର। ଫଳରେ ଅନ୍ୟ ସମୟରେ ନୂଆ କିଛି କାମ କରିପାରିବେ କିମ୍ବା କୌଣସି କ୍ରିଏଟିଭି କାମ କରିବା ପାଇଁ ବି ସୁଯୋଗ ପାଇପାରିବେ।

ଘରେ ହେଉ କି ସ୍କୁଲରେ ସବୁ ସ୍ଥାନରେ ପ୍ରଥମେ ଅନ୍ୟର କଥାକୁ ଭଲ ଭାବେ ଶୁଣନ୍ତୁ। କଥାକୁ ଭଲ ଭାବେ ଶୁଣିବା ପରେ ହିଁ କୌଣସି ବିଷୟକୁ ବୁଝିବା ସହଜ ହୋଇଥାଏ। ପିଲାଙ୍କର ଏଭଳି ଗୁଣ ସେମାନଙ୍କୁ ଅନେକ ଗୁଡ଼ିଏ କଥା ଜାଣିବାକୁ ପାଇଁ ସୁଯୋଗ ଦେଇଥାଏ। ଫଳରେ ସେମାନେ ବୁଦ୍ଧିମାନ ହୋଇପାରନ୍ତି। ସେଥିପାଇଁ ପାଠ ପଢ଼ାଇବା ସମୟରେ ଶିକ୍ଷକଙ୍କ କଥାକୁ ଭଲ ଭାବେ ଶୁଣିବା ପାଇଁ ପିଲାଙ୍କୁ ପରାମର୍ଶ ଦିଆଯାଏ। ଯେଉଁମାନେ ଭଲ ଭାବେ ଶିକ୍ଷକ ବୁଝାଉଥିବା ପାଠକୁ ଶୁଣନ୍ତି ସେମାନେ ସହଜରେ ବୁଝିପାରନ୍ତି ଏବଂ ମନେ ରଖିପାରନ୍ତି।

ନିଜର ବୁଦ୍ଧି ବଢ଼ାଇବା ପାଇଁ ଚାହୁଁଥିଲେ ସବୁ ସ୍ଥାନ କିମ୍ବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତୁ। ବିଶେଷକରି

ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ସମୟରେ ସେଠାରେ ଅନ୍ୟମନସ୍କ ହୁଅନ୍ତୁ ନାହିଁ। ବରଂ କୌଣସି ବିଷୟରେ ପାଠପଢ଼ାବେଳେ କିଛି ଅବୁଝା ରହିଗଲେ ତୁରନ୍ତ ପ୍ରଶ୍ନ ପଚାରନ୍ତୁ। ସବୁ ବିଷୟର ଅଧିକ ଜାଣିବାର ଆଗ୍ରହ ପିଲାଙ୍କ ବୁଦ୍ଧିକୁ ବଢ଼ାଇଥାଏ। ତେଣୁ ପ୍ରଶ୍ନ ପଚାରିବାର କଳା ଜାଣି ପାରିଲେ ପଲାମାନେ ସବୁ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ। ବୁଦ୍ଧି ବଢ଼ାଇବାର ଅନ୍ୟ ଏକ ମାଧ୍ୟମ ହେଉଛି ଲକ୍ଷ୍ୟ ସ୍ଥିର କରିବା ବା ନିଜର ଏକ ଟାର୍ଗେଟ କରିବା। ପାଠପଢ଼ାରେ ହେଉ କି ଅନ୍ୟ କୌଣସି କ୍ଷେତ୍ରରେ କାମ କରିବାକୁ ଯାଥିଲେ ପ୍ରଥମେ ଟାର୍ଗେଟ କରି କାମ କରନ୍ତୁ। ଅର୍ଥାତ୍ କେଉଁ ସମୟ ମଧ୍ୟରେ କେତିକିକାମ କରିବେ ସେଥିପାଇଁ ପ୍ରଥମେ ଯୋଜନା କରନ୍ତୁ। ଆଉ ଯୋଜନା ଅନୁସାରେ କାମ ପୁରା କରିବା ନିମନ୍ତେ ପରିଶ୍ରମ କରନ୍ତୁ। ବିଦ୍ୟାର୍ଥୀମାନେ ଯଦି ସମୟ ଅନୁସାରେ କେତିକି କାମ କରିବେ ତାହା ସ୍ଥିରକରିନେବେ ତା'ହେଲେ ଅଧିକ ଜ୍ଞାନ ହାସଲ କରିପାରିବେ।

ପଢ଼ିବା, ଲେଖିବା କିମ୍ବା ଚିତ୍ର କରିବା ଆଦି କେଉଁ କ୍ଷେତ୍ର ଆପଣଙ୍କୁ ଅଧିକ ପସନ୍ଦ ହେଉଛି ତାହା ସ୍ଥିର କରନ୍ତୁ। ନିଜେ କେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ଏବଂ କେଉଁ କ୍ଷେତ୍ରରେ ଆପଣ ନିଜ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତିତାହା ଲେଖି ରଖନ୍ତୁ। ପ୍ରତିଦିନ ଖବର କାଗଜ ପଢ଼ନ୍ତୁ ଓ କିଛି ନୂଆ ଚିନ୍ତା କରନ୍ତୁ। ଯାହା ପଢୁଛନ୍ତି ଅଥବା ଭାବୁଛନ୍ତି ସେ ସବୁ ଲେଖି ରଖନ୍ତୁ। କିଛି ଗପ କିମ୍ବା ଗୀତ ଲେଖିବାର ଅଭ୍ୟାସ କରନ୍ତୁ। ଟିଭି କିମ୍ବା ଫୋନରେ ଶିକ୍ଷା ସମ୍ବନ୍ଧୀୟ ଭିଡ଼ିଓ ଦେଖନ୍ତୁ। ନିଜ ଭାବନାକୁ ଲେଖି ରଖନ୍ତୁ କିମ୍ବା ଅନ୍ୟ ମାନଙ୍କ ସହ ଶେୟାର କରନ୍ତୁ। ନିଜ ଠାରୁ ଅଧିକ ସ୍ମାର୍ଟ ପିଲାଙ୍କ ସହିତ ଅଧିକ ସମୟ କଟାନ୍ତୁ। ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ ଓ ଅଧିକ ଲୋକଙ୍କ ସହ ମିଶି କଥାବାର୍ତ୍ତା କରନ୍ତୁ। ଚେସ କିମ୍ବା ବିଭିନ୍ନ ପ୍ରକାର ଫଜଲ ଗେମ ଖେଳନ୍ତୁ। ବେଳେ ବେଳେ କିଛି କାମ ନକରି ନୀରବ ହୋଇ ବସନ୍ତୁ। ଯୋଗ, ଧାନ ଓ ବ୍ୟାୟାମ କରନ୍ତୁ। ସନ୍ତୁଳିତ ଆହାର ନିଅନ୍ତୁ ଓ ଭଲ ନିଦରେ ସାତରୁ ଆଠଘଣ୍ଟା ଶୁଅନ୍ତୁ।

ବୌଦ୍ଧିକ ବିକାଶ ପଛରେ ଅନ୍ତର୍ନିହିତ ଜୀବନଚେତନା ରହିଛି। ଏହାକୁ ଏକ ହଲକା କଥା ବୋଲି ଗୁରୁତ୍ୱହୀନ ଭାବି ଆଦୌ ବିଚାର କରନ୍ତୁ ନାହିଁ। ବିଦ୍ୟାଳୟ ପରେ ପିଲାଟିର ଅଧିକାଂଶ ସମୟ ବିତିଥାଏ ଘରେ। ପିଲାଟିକୁ ଜୀବନର ପ୍ରାରମ୍ଭରୁ ବସ୍ତୁବାଦୀ ଭିତରକୁ ନ ଠେଲି ନୀତି, ନୈତିକତା, ଆଧାତ୍ମିକତାର ଶିକ୍ଷା ଦିଅନ୍ତୁ। ପିଲାଟି ଖୁବ କମ ବର୍ଷ ବୟସରୁ ମାନବୀୟ ମୂଲ୍ୟବୋଧ ଶିକ୍ଷା କରୁ ଜଗତ ଈଶ୍ୱରଙ୍କ ଠାରୁ ଭିନ୍ନ ନୁହେଁ। ସକଳ ବସ୍ତୁରେ ସମସ୍ତଙ୍କ ଭିତରେ ସକଳ ଜୀବନକୁ ଆନନ୍ଦମୟ କରିବା ପାଇଁ ସେ ଯେପରି ପ୍ରତିଟି ଆହ୍ୱାନକୁ ଗ୍ରହଣ କରେ ସେ ଶିକ୍ଷା ଦେବାର ଦାୟିତ୍ୱ ବାପ-ମାଆଙ୍କର। ଜୀବନ ହିଁ ଧର୍ମ, ସ୍ୱାର୍ଥ ତ୍ୟାଗ ହିଁ ଜୀବନ। ସତ୍ୟ, ନ୍ୟାୟ, ପ୍ରେମ, ପବିତ୍ରତା, ପୂଣ୍ୟ ଓ ସଦାଚାରରେ ବ୍ରତୀ ହୋଇ ପ୍ରାର୍ଥନା ଓ ଧ୍ୟାନକୁ ଧର୍ମର ଦୁଇଟି ପ୍ରଧାନ ସ୍ତମ୍ଭ ଭାବେ ପିଲାଟି ଜୀବନରେ ଶିକ୍ଷା ଲାଭ କରୁ। ଜୀବନର ବୌଦ୍ଧିକ ବିକାଶ କ୍ଷେତ୍ରରେ ପ୍ରତିଟି ଆନନ୍ଦମୟ ଶିକ୍ଷା କେବଳ ନିଜ, ଘର ପରିବାର ପାଇଁ ବନ୍ଧୁବର୍ଗଙ୍କ ପାଇଁ ଠାରୁ ସବୁଠାରୁ ବଡ଼। ଏ ମହାନ ସମାଜ ପ୍ରତି ତାର ଦାୟିତ୍ୱବୋଧ। ଶାଶ୍ୱତ, ଆନନ୍ଦମୟ ଜୀବନ ଭିତରେ ବୌଦ୍ଧିକ ଚେତନା ନିଖୁଣ ହେଲେ ପିଲାଟିର ଜୀବନ ପୂର୍ଣ୍ଣାଙ୍ଗ ହେବ।

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨

ର-ଞ୍ଚବସକ୍ଷ : ଶ୍ୱ୨୭୧୧୬୯ଅଶଞ୍ଚବସକ୍ଷ.ମକ୍ଟଞ୍ଚ

ଇ-ଆଙ୍ଗଜାଇଟିର ଶିକାର ଯୁବବର୍ଗ

ପ୍ରଫେସର ଡାକ୍ତର ସମ୍ରାଟ କର

ଇ-ଆଙ୍ଗଜାଇଟି ବା ଇଲେକ୍ଟ୍ରୋନିକ୍ ଉତ୍କଣ୍ଠା ଏହା ଏପରି ଏକ ମନଦୋଷ, ଯାହା ଅତ୍ୟଧିକ କମ୍ପ୍ୟୁଟର ବ୍ୟବହାର କରିବା ଫଳରେ ସୃଷ୍ଟି ହୋଇଥାଏ। ଠିକ୍ ସମୟରେ ଏହି ରୋଗର ଉପଚାର କରା ନଗଲେ ରୋଗ କ୍ରମଶଃ ମାନସିକ ଅବସାଦ ଆଡ଼କୁ ଟାଣି ହୋଇଯାଇଥାଏ। ବିଭିନ୍ନ ଶାରୀରିକ ରୋଗ ମାଧ୍ୟମରେ ଏହାର ଲକ୍ଷଣ ପ୍ରକାଶ ପାଇଥାଏ। ତାହା ହେଉଛି ସାଧାରଣତଃ ଇ-ମେଲ୍ ବିଷୟରେ ଭାବିବା ମାତ୍ରେ ହିଁ ହୃତ୍ସ୍ପନ୍ଦନ ବଢ଼ିଯାଏ। ଏକ୍ଷେତ୍ରରେ ବାରମ୍ବାର ପରିସ୍ରା ଲାଗିଥାଏ, କେତେକ କ୍ଷେତ୍ରରେ ରକ୍ତଚାପ ବଢ଼ିଯାଏ। ସବୁଠାରୁ ବଡ଼କଥା ହେଉଛି ଏହାର ଶିକାର ହେଉଥିବା ଯୁବବର୍ଗ ମାନେ ଅଧିକାଂଶ ସମୟରେ ଅନ୍ୟ ମନସ୍କ ରହିଥାନ୍ତି। ଶାରୀରିକ ଭାବେ ମାଂସପେଶୀରେ ଯନ୍ତ୍ରଣା ଦେଖାଦେଇଥାଏ। କେତେକ କ୍ଷେତ୍ରରେ ଯେତେ ଖାଇଲେ ବି ଯୁବକ ଜଣକ ତାର ପେଟ ଖାଲି ରହିବା ପରି ଅନୁଭବ କରିଥାଏ। ସେହିପରି ଗୋଟିଏ ଜାଗାରେ ଅଧିକ ସମୟ ଠିଆ ହୋଇ ନପାରିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ।

ଡାକ୍ତର ଇବାନ୍ ଗୋଲ୍ଡବର୍ଗ ୧୯୯୪ରେ ପ୍ରଥମଥର ପାଇଁ ଏହି ଲକ୍ଷଣକୁ ଚିହ୍ନି ରୋଗର ନାଁ ଦେଇଥିଲେ ଇଣ୍ଟରନେଟ୍ ଆଡିକ୍ସନ୍ ଡିଜ୍ଅର୍ଡ଼ର। ଆଜିକାଲି ଏହାକୁ ଇ-ଷ୍ଟ୍ରେସ୍ ବା ଇ-ଆଙ୍ଗ୍ଜାଇଟି କୁହାଯାଉଛି। ଜଣେ ବ୍ୟକ୍ତି ଅତ୍ୟଧିକ ମାତ୍ରାରେ ଇ-ମେଲ୍ ରିସିଭ କରିବା ଦ୍ୱାରା ନିଜକୁ ହତାଶ ବା ହତୋତ୍ସାହିତ ଅନୁଭବ କରିଥାଏ। ଆଙ୍ଗଜାଇଟ ହେଉଛି କାରଣ ନଥାଇ ଜଣକୁ ଡର ଲାଗିବା। ଏକ ପ୍ରକାର ଅଜଣା ଭୟକୁ ଆଶଙ୍କା ଅନୁଭବ କରିବା ବା ବିପଦ ବା ଭୟ ମାଡ଼ି ଆସୁଥିବା ପରି ଲାଗେ। ସାଧାରଣ ଲୋକମାନଙ୍କ ଭିତରେ ଏହି ରୋଗଟି ଅଧିକ ପରିମାଣରେ ଦେଖାଯାଇଥାଏ। ସାଧାରଣତଃ ଆଙ୍ଗଜାଇଟର ଲକ୍ଷଣ ହେଉଛି ଏହାର ଶିକାର ହୋଇଥିବା ରୋଗୀଟି ଭୟାତୁର ବା ବିଚଳିତ ଭାବ ପ୍ରକାଶ କରିଥାଏ। ଦେହ ଥରେ ଏବଂ ଲୋକଟିକୁ ଅସ୍ଥିର ଲାଗେ। ମୁଣ୍ଡବିନ୍ଧା ସହ ମାଂସପେଶୀର ଯନ୍ତ୍ରଣା ଅନୁଭବ ରହେ। କେତେକ କ୍ଷେତ୍ରରେ ଛାତି ଧଡ଼ ଧଡ଼ ହୁଏ, ଦେହରୁ ଝାଳ ନିର୍ଗତ ହେବା ସହ ଝାଡ଼ା ପରିସ୍ରା ଅଧିକ ଲାଗେ। ମନ ଭିତରୁ ସରସତା ଲିଭିଯାଏ ଆଉ ଏକାଗ୍ରତା ବି କମିଯାଏ। ସ୍ୱାଭାବିକ ନିଦ ଭଲ ଭାବରେ ହୁଏନାହିଁ। ବିଳମ୍ବରେ ନିଦ୍ରା ହେବା ସହ ବାରମ୍ବାର ନିଦ ଭାଙ୍ଗିଥାଏ। ବେଳେ ବେଳେ ରୋଗୀଟିକୁ ଅଧିକ ଛାନିଆ ସହ ସେ ଚିନ୍ତା କରେ ଯେ ସେ ଆଉ ବେଶି ଦିନ ନୁହେଁ ଅର୍ଥାତ୍ ସେ ଆଉ ବଞ୍ଚିବ ନାହିଁ।

ଏହି ରୋଗ ହେବା ପରେ ଯୁବବର୍ଗଙ୍କ ମାନସିକ ଓ ଶାରୀରିକ ବିକାଶରେ ବାଧା ଉପୁଜି ଥାଏ। ରୋଗ ହେବା ଦ୍ୱାରା ଯୁବବର୍ଗ ଅଳସୁଆ ହୋଇପଡ଼ିଥାନ୍ତି। ସମାଜରେ ପ୍ରଚଳିତ ବିଭିନ୍ନ ସମ୍ପର୍କକୁ ଭୁଲି ସେ କେବଳ ଅନ୍‌ଲାଇନକୁ ହିଁ ପସନ୍ଦ କରିଥାଏ। ଇ-ଆଙ୍ଗ୍ଜାଇଟି ହେବା ଦ୍ୱାରା ଯୁବକଙ୍କ ମଧ୍ୟରେ ଧୈର୍ଯ୍ୟ ଶକ୍ତି କମ୍ ହୋଇଥାଏ। ତା ସାଙ୍ଗକୁ ଆକ୍ରମଣାତ୍ମକ ମନୋଭାବ ବୃଦ୍ଧି ପାଇଥାଏ। ଶରୀରରେ ଥିବା ବିଭିନ୍ନ ଜୀବାଣୁମାନେ ଏହି ରୋଗରେ ଆକ୍ରାନ୍ତ ହୋଇ ବ୍ୟକ୍ତିର କାର୍ଯ୍ୟକ୍ଷମତାକୁ ହ୍ରାସ କରିଥାନ୍ତି। ପ୍ରାୟ ସମସ୍ତ ଅନ୍‌ଲାଇନ୍ ବ୍ୟବହାର କରିବା ଦ୍ୱାରା ଶାରୀରିକ କ୍ଷମତା କମିବା ସହ ମୁହଁ ଶୁଖିଯିବା ଓ ଶରୀରରେ ପୀତର ମାତ୍ରା ବଢ଼ିଯାଇଥାଏ। କାର୍ଯ୍ୟକ୍ଷମତା ହ୍ରାସ ଫଳରେ ସେମାନେ ଅଧିକ କାମ ନକରିପାରି ଆତ୍ମବିଶ୍ୱାସ ହରାଇ ବସନ୍ତି। ଯୁବ ସମାଜ ଚାଟିଂ ଜରିଆରେ ବନ୍ଧୁତା ସ୍ଥାପନ କରି ମୋବାଇଲ ନମ୍ବର ଦିଆନିଆ ହୋଇଥାଏ। ଏହା କ୍ରମଶଃ ପ୍ରେମର ରୂପ ନେଇ ଶେଷରେ ପ୍ରତାରଣାରେ ଅନ୍ତ ହୋଇଥାଏ। କେତେକ କ୍ଷେତ୍ରରେ ଏହି ପ୍ରତାରଣା ଯୁବବର୍ଗଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗି ଦେଇଥାଏ।

ପରିବାର ଓ ସମାଜର ସହଯୋଗରେ ଯୁବବର୍ଗ ଏହି ଇ-ଆଙ୍ଗ୍ଜାଇଟର ଶିକାରରୁ ରକ୍ଷା ପାଇପାରିବେ। କୌଣସି ଜିନିଷ ଅତି ହେଲେ ତାର ଇତି ଖୁବ୍‌ଶୀଘ୍ର ହୁଏ ବୋଲି ଅଭିଭାବକ ପିଲାଙ୍କୁ ବୁଝାଇବା ଦରକାର। ଘରେ ପିଲାମାନଙ୍କୁ କମ୍ପ୍ୟୁଟର ଆଗରେ ବେଶୀ ସମୟ ବସିବାକୁ ଦିଅନ୍ତୁ ନାହିଁ। ଅଭିଭାବକମାନେ ପିଲାଙ୍କ ପାଇଁ ମୋବାଇଲ ଦେବା ସମୟରେ ସେଥିରେ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ ନଥିବା ଦରକାର। ସବୁବେଳେ ତ ସମ୍ଭବ ନୁହେଁ ଯଦି ସୁବିଧା ମିଳେ ତେବେ ପିଲାଙ୍କ ମେଲ୍ ପଢ଼ନ୍ତୁ। ଯୁବବର୍ଗଙ୍କୁ ବୁଝାଇବା ଦରକାର ଯେ ଟେକ୍ନୋଲୋଜିର ବ୍ୟବହାର କିଛି ନୂଆ ସୃଷ୍ଟି କରିବାରେ ବିନିଯୋଗ କରିବା ଉଚିତ। ନିଜର କ୍ଷତି ପାଇଁ ନୁହେଁ। ଏହି ରୋଗକୁ ନେଇ ଯୁବବର୍ଗମାନେ ଭୟଭୀତ ହେବାର କାରଣ କିଛି ନାହିଁ। ଏହି ରୋଗରେ ବ୍ୟାବହାରିକ ଚିକିତ୍ସା ଓ ମନସ୍ତାତ୍ତ୍ୱିକ ଚିକିତ୍ସାକୁ ଆପଣାଇ ମାନସିକ ରୋଗ ବିଶେଷଜ୍ଞମାନେ ଚିକିତ୍ସା ଜାରି ରଖିଥାନ୍ତି। ସେମାନଙ୍କ ସୁପରାମର୍ଶ, ଉପଯୁକ୍ତ ଚିକିତ୍ସା ବ୍ୟବହାର ଓ ମନସ୍ତାତ୍ତ୍ୱିକ ସହଯୋଗ ଦ୍ୱାରା ଯୁବକଟି ନିଜର ବ୍ୟକ୍ତିତ୍ୱକୁ ଦୃଢ଼କରେ। ଯୁବବର୍ଗ ହେଉଛନ୍ତି ଭାରତର ଭବିଷ୍ୟତ ଓ ଆମ ସମୟର ବଡ଼ ସମ୍ପତ୍ତି। ନିଜକୁ ଚିନ୍ତାଗ୍ରସ୍ତ, ଭୟଭୀତ ବା ବିଚଳିତ ଅନୁଭବ କଲାମାତ୍ରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ, ପୁରୀଘାଟରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ଅଠର ବାଇଶର ଦୁଃଖଦ ରଥଯାତ୍ରା

କବୀର କୁମାର ଜେନା

ଲୀଳାମୟଙ୍କ ଅସୀମ, ଆନନ୍ଦମୟ ରଥଯାତ୍ରା ଆମ ସମସ୍ତଙ୍କୁ କେବଳ ମହାପ୍ରଭୁଙ୍କ ଦର୍ଶନ ଦେଇନଥାଏ ବରଂ କୃପା ପ୍ରଦାନ କରିଥାଏ। ତେବେ ଏପରି ଏକ ସମୟ ଥିଲା ଯେଉଁଠି, ଲୀଳାମୟଙ୍କ ଏ ଘୋଷ ଯାତ୍ରା ଏକ ଦୁଃଖଦ ଅନୁଭୂତି ସେ ସମୟରେ ଅଭାବନୀୟ ଭାବେ ସୃଷ୍ଟି କରିଥିଲା। ୧୮୨୨ ମସିହା ଅର୍ଥାତ୍ ଇଂରେଜ ସମୟର କଥା। ସେ ସମୟରେ ରଥଯାତ୍ରା ଆଜିକା ପରି ବ୍ୟବସ୍ଥିତ ଓ ଭବ୍ୟ ହେଉନଥିଲା। ବଡ଼ଦାଣ୍ଡ ମଧ୍ୟ ପ୍ରଶସ୍ତ ନଥିଲା ଏବଂ ମଝିରେ ଥିଲା ମାଳିନୀ ନଦୀ। ମୁଁ ଆଲୋଚନା କରୁଥିବା ବର୍ଷର କଥା ଶ୍ରୀଜୀଉଙ୍କ ଅଣସର ପରେ ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପୁରୀକୁ ଧାଡ଼ି ଛୁଟାଇଥାନ୍ତି, ଦିନକୁ ଦିନ ପୁରୀରେ ଗହଳି ବଢୁଥାଏ। ତତ୍କାଳୀନ ସମୟରେ ଇଂରେଜ ହାକିମ ମାନେ ପ୍ରଶାସନ ଚଳାଉଥିଲେ ମଧ୍ୟ ଶ୍ରୀଜୀଉଙ୍କ ନୀତିକାନ୍ତି କରୁଥିବା ଦଇତାପତି, ସେବାୟତ ମାନଙ୍କ ଉପରେ ଶ୍ରୀମନ୍ଦିରର ନିୟମିତ କାର୍ଯ୍ୟକ୍ରମ ପାଇଁ ପରାମର୍ଶ ସହଯୋଗ ଲୋଡୁଥିଲେ। ତେବେ ସେହି ବର୍ଷ ଏକ ଅଭାବନୀୟ ଓ ଦୁଃଖଦ ଘଟଣା ସଂଗଠିତ ହୋଇଥିଲା।

ଅନେକ ଦିନରୁ ଶ୍ରୀଜୀଉଙ୍କ ଦର୍ଶନ ପାଇ ନଥିବା ବ୍ୟାକୁଳିତ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ, ଭକ୍ତମାନେ ବିରାଟ ଗହଳି ସହିତ ମନ୍ଦିର ଭିତରକୁ ଏକତ୍ର ଯିବା ପାଇଁ ଉଦ୍ୟମ କଲେ, ଅସମ୍ଭାଳ ଠେଲାପେଲାରେ ସିଡ଼ିରେ ଆହତ ହୋଇ ଓ ପାହାଚରେ ଗୋଡ଼ ଖସି ପଡ଼ିଯାଇଥିବା କିଛି ଶ୍ରଦ୍ଧାଳୁଙ୍କ ଉପରେ ଅନ୍ୟମାନେ ଦଳି ଚକଟି ଚାଲିଯାଇଥିଲେ। ସେମାନଙ୍କୁ ଗହଳି ଭିତରୁ ତତ୍କାଳ ଉଦ୍ଧାର କରିବା ଅସମ୍ଭବ ଥିଲା। କେବଳ ମନ୍ଦିର ଭିତରେ ଅଠର ଜଣ ମହିଳାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ବୋଲି ଗବେଷକ ଡକ୍ଟର ଭାସ୍କର ମିଶ୍ରଙ୍କ ତଥ୍ୟରୁ ଜଣା ଯାଇଛି। ତେବେ ସେଠି ଆଉ ଏକ ଚର୍ଚ୍ଚା ମଧ୍ୟ ଅନେକଙ୍କୁ ମ୍ରିୟମାଣ କରିପକାଇ ଥିଲା। କୁହାଯାଏ କି ସେ ସମୟରେ ନୀଚ ଜାତି କୁହାଯାଉଥିବା ବର୍ଗର ଏହି ମହିଳାମାନେ ହୋଇଥିବାରୁ ସେମାନଙ୍କ ଶବ ତୁରନ୍ତ ଉଠି ପାରିଲା ନାହିଁ। ଅନ୍ୟପଟେ ପ୍ରଶ୍ନ ଉଠିଲା ସେମାନଙ୍କ ପାଇଁ ମନ୍ଦିର ପ୍ରବେଶ ନିଷେଧ ଥିବାବେଳେ ସେମାନେ ମନ୍ଦିର ଭିତରକୁ ପ୍ରବେଶ କଲେ କିପରି ଓ କାହିଁକି ? ତେଣୁ ସେ ସମୟର ଦାୟିତ୍ୱ ପରିଚାଳନା କରୁଥିବା ନିର୍ବାହକମାନେ ମତ ଦେଲେ ଯେ ଶ୍ରୀମନ୍ଦିରର ଦ୍ୱାର ବାଟରେ ସେ ଶବକୁ ବାହାରକୁ ଅଣାଗଲେ ଏହା ଶୁଭ ନୁହେଁ। ପରବର୍ତ୍ତୀ ସମୟରେ ସେହି ଦ୍ୱାର ବାଟେ ଅନ୍ୟ ଭକ୍ତମାନେ ଆସିବାକୁ ନଚାହିଁ ପାରନ୍ତି। ତେଣୁ ଏହିପରି ଏକ ସନ୍ଧିକ୍ଷଣ ସମୟରେ ଶବ ଗୁଡ଼ିକୁ ପାଚେରୀ ବାଟେ ଏକ ପ୍ରକାର ବାହାରକୁ କଢ଼ା ଯାଇଥିଲା ବା ଫିଙ୍ଗା ଯାଇଥିଲା। ସେ ସମୟରେ ଜାତିପ୍ରଥା ଭାରି ଉଗ୍ର ଅବସ୍ଥାରେ ଥିଲା ଏବଂ ଏହି ଭେଦଭାବ ଅନେକ ଅଘଟଣ ମଧ୍ୟ କେବଳ ସୃଷ୍ଟି କରୁନଥିଲା ଅନେକ ସ୍ଥାନରେ ଏହା ରକ୍ତାକ୍ତ ପରିବେଶ ସୃଷ୍ଟି କରୁଥିଲା। ତେଣୁ ବିଭିନ୍ନ ଦୃଷ୍ଟିକୋଣକୁ ଦେଖି ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ କେତେକ ଗବେଷକ ମଧ୍ୟ ତଥ୍ୟ ଉଲ୍ଲେଖ କରିଛନ୍ତି। ତେବେ ଏପରି କିଛି କାରଣ ପାଇଁ ସେହି ବର୍ଷ ବିଳମ୍ବରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଅଘଟଣ ସେଇଠି ସରିନଥିଲା।

ପରବର୍ତ୍ତୀ ସମୟର କଥା। ରଥଯାତ୍ରା ସମୟରେ ବିଦେଶରୁ ଆସିଥିବା କିଛି ଲୋକ ହାତୀ ପିଠିରେ ବଡ଼ଦାଣ୍ଡରେ ରଥ ଟାଣିବା ପାଇଁ କୌତୂହଳୀ ହୋଇ ରଥ ନିକଟରେ ଛିଡ଼ା ହୋଇପଡ଼ିଲେ। ତେବେ ରଥ ଦଉଡି ହଠାତ୍ ଦୁର୍ଘଟଣାବଶତଃ ଘଷି ଯିବାରୁ ଭିଡ଼ ଭିତରେ ପାଖାପାଖି ଚାରି ଜଣ ତୀର୍ଥଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା ଅନ୍ୟ ଜଣେ ଗୁରୁତର ହୋଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଶେଷ ଲୋକ ଜଣଙ୍କ ଅକ୍ଷତ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଏହି ଅଘଟଣ ପାଇଁ ସେ ସମୟର ଇଂରେଜ ପ୍ରଶାସକ ଏକ ତଦନ୍ତ ମଧ୍ୟ କରିଥିଲେ। ତେବେ ଆଲୋଚନା ହେଲା ଯେ ଏ ଘଟଣାର ମୁଖ୍ୟ ଯେ ହେତୁ ସେହି ବିଦେଶୀ ହାତୀ ଚଢ଼ି ଥିବା ଗୋରାସାହେବଙ୍କ କାରଣରୁ ହୋଇଥିବାରୁ କେହି ଦଣ୍ଡିତ ହୋଇନଥିଲେ। କିନ୍ତୁ ଏ ସମ୍ପର୍କରେ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ସେ ବର୍ଷ ରଥଯାତ୍ରାରେ ଉଲ୍ଲେଖନୀୟ ଭିଡ଼ ମଧ୍ୟ ହୋଇଥିଲା ତେବେ ଉପରୋକ୍ତ ଦୁଇ ଦୁଇଟି ଅଘଟଣ ଶ୍ରଦ୍ଧାଳୁଙ୍କ ଭିତରେ ଦୁଃଖଦ ଅନୁଭୂତି ରଖିଥିଲା।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୬୩୬୭୯୮୭

ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗି ତୁରନ୍ତ ଇସ୍ତଫା ଦିଅ

ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ରାହୁଲ ଗାନ୍ଧୀଙ୍କ ବୟାନ

ନୂଆଦିଲ୍ଲୀ,୨୫।୬(ଏଜେନ୍ସି):କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ତୀବ୍ର ଆକ୍ରମଣ କରି ତାଙ୍କ ବିରୋଧରେ ଛାତ୍ରଛାତ୍ରୀଙ୍କୁ ଅପମାନ କରିଥିବାର ଅଭିଯୋଗ ଆଣିଛନ୍ତି। ରାହୁଲ ଗାନ୍ଧୀ ଦେଶର ଯୁବପିଢ଼ୀଙ୍କୁ କ୍ଷମା ମାଗିବା ସହ ମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବି କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପୋଷ୍ଟ କରି ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାର ସତ୍ତାର ଅହଙ୍କାରରେ ବୁଡ଼ି ରହିଛି ଏବଂ ବର୍ତ୍ତମାନ ନିଜ ଅଧିକାର, ନିରପେକ୍ଷ ପରୀକ୍ଷା ଓ ଉତ୍ତମ ଭବିଷ୍ୟତର ଦାବି କରୁଥିବା ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ କରୁଛି। ରାହୁଲ ଗାନ୍ଧୀ ଲେଖିଛନ୍ତି, ସତ୍ତାର ଅହଙ୍କାରରେ ବୁଡ଼ି ରହିଥିବା ମୋଦୀ ସରକାର ଏବେ ଏପରି ସ୍ତରକୁ ପହଞ୍ଚିଛି, ଯେଉଁଠାରେ ଶିକ୍ଷାମନ୍ତ୍ରୀ ସେହି ଛାତ୍ରଛାତ୍ରୀଙ୍କୁ 'ଆତଙ୍କବାଦୀ' ବୋଲି କହୁଛନ୍ତି, ଯେଉଁମାନେ କେବଳ ନିଜ ଅଧିକାର, ନିରପେକ୍ଷ ପରୀକ୍ଷା ଏବଂ ସୁରକ୍ଷିତ ଭବିଷ୍ୟତର ଦାବି କରୁଛନ୍ତି । ସେ କହିଛନ୍ତି ଯେ, ଶିକ୍ଷା ବ୍ୟବସ୍ଥାର ବିଫଳତା ଏବଂ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଘଟଣା ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରିଛି। ରାହୁଲ ଗାନ୍ଧୀ କହିଛନ୍ତି, ଭାବନ୍ତୁ, ଯାହାଙ୍କ ବିଫଳତା ଯୋଗୁଁ ଏତେ ପ୍ରଶ୍ନପତ୍ର ଲିକ୍ ହେଲା, ଯାହାଙ୍କ ଶାସନକାଳରେ ୨୦ ଜଣ ଛାତ୍ରଛାତ୍ରୀଙ୍କ ପ୍ରାଣ ଗଲା, ଏବଂ ଯିଏ ଲକ୍ଷ ଲକ୍ଷ ଯୁବକ-ଯୁବତୀଙ୍କ ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲିଦେଲେ, ସେହି ବ୍ୟକ୍ତି ଆଜି ପୀଡ଼ିତ ଛାତ୍ରଛାତ୍ରୀ ଓ ସେମାନଙ୍କ ପକ୍ଷରେ ସ୍ୱର ଉଠାଉଥିବା ଲୋକଙ୍କୁ ଆତଙ୍କବାଦୀ ବୋଲି କହୁଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ସରକାର ସମାଲୋଚକମାନଙ୍କୁ ବିଭିନ୍ନ ନାମ ଦେଇ ବଦନାମ କରିବାର ରାଜନୀତି କରୁଛି। ରାହୁଲ ଗାନ୍ଧୀ ଦେଶର ଶିକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ମୁଁ କୋଟାରେ ମଧ୍ୟ ଏହି କଥା କହିଥିଲି ଏବଂ ଆଜି ପୁଣି କହୁଛି, ଦେଶର ଶିକ୍ଷା ବ୍ୟବସ୍ଥା ଏବେ ଆଦାୟର ଅଡ୍ଡା ପାଲଟିଯାଇଛି । ସେ କହିଛନ୍ତି ଯେ, ଏଭଳି ବ୍ୟବସ୍ଥାକୁ ସେ ଚାଲିବାକୁ ଦେବେ ନାହିଁ । ପ୍ରତ୍ୟେକ ଶିଶୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷା ଏବଂ ନିରପେକ୍ଷ ପରୀକ୍ଷାର ସୁଯୋଗ ପାଉ, ସେଥିପାଇଁ ସେ ନିରନ୍ତର ସ୍ୱର ଉଠାଇବେ ବୋଲି କହିଛନ୍ତି । ରାହୁଲ ଗାନ୍ଧୀଙ୍କ ପ୍ରତିକ୍ରିୟା କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସେହି ବୟାନ ପରେ ଆସିଛି, ଯେଉଁଥିରେ ସେ ଜନ୍ତର ମନ୍ତରରେ ତାଙ୍କ ଇସ୍ତଫା ଦାବିରେ ହୋଇଥିବା ପ୍ରଦର୍ଶନକୁ ବ୍ୟବସ୍ଥାକୁ ବାଧା ଦେଉଥିବା ତତ୍ତ୍ୱମାନଙ୍କର ବି-ଟିମ୍ ବୋଲି କହିଥିଲେ । ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଯେଉଁମାନଙ୍କୁ ଗଣତନ୍ତ୍ରରେ ଜନତା ପ୍ରତ୍ୟାଖ୍ୟାନ କରିଛନ୍ତି, ସେମାନେ ଏବେ ଭେଷ ବଦଳାଇ ବ୍ୟବସ୍ଥା ବିରୋଧରେ ଲାଗିପଡ଼ିଛନ୍ତି। ସେମାନେ ଦେଶକୁ ବିଭକ୍ତ କରିବାକୁ ଚାହୁଁଥିବା ଲୋକଙ୍କ ସମର୍ଥନରେ ସ୍ଲୋଗାନ ଦେଉଛନ୍ତି ।ଉଲ୍ଲେଖଯୋଗ୍ୟ ଯେ, ଜୁନ୍ ୨୧ ତାରିଖରେ ନିଟ୍-ୟୁଜି ୨୦୨୬ର ପୁନଃ ପରୀକ୍ଷା ଦେଶ ଏବଂ ବିଦେଶର ମୋଟ ୧୪ଟି କେନ୍ଦ୍ରରେ ସମ୍ପନ୍ନ ହୋଇଥିଲା । ତେବେ କଥିତ ପ୍ରଶ୍ନପତ୍ର ଲିକ୍ ବିବାଦର ଛାୟା ପରୀକ୍ଷା ପ୍ରକ୍ରିୟା ଉପରେ ଜାରି ରହିଥିଲା ଏବଂ ଏହାକୁ ନେଇ ରାଜନୈତିକ ବୟାନବାଜି ଲଗାତାର ଚାଲିଛି।

ଏମପି ଶିକ୍ଷା ସୋସାଇଟି ପାଣ୍ଠି ହେରଫେର ମାମଲା

ପ୍ରାୟ ୪ କୋଟି ନଗଦ ଟଙ୍କା ଜବତ କଲା ଇଡି

ନୂଆଦିଲ୍ଲୀ,୨୫।୬(ଏଜେନ୍ସି):ମଧ୍ୟପ୍ରଦେଶର ଏକ ପ୍ରତିଷ୍ଠିତ ଶିକ୍ଷା ସୋସାଇଟିର ପାଣ୍ଠି ବେଆଇନ ହେରଫେର ଓ ସେଗୁଡ଼ିକୁ ଅନ୍ୟ ଆଡ଼େ ବ୍ୟବହାର କରିବା ଅଭିଯୋଗରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମନି ଲଣ୍ଡରିଂ ମାମଲାର ଯାଞ୍ଚ କରୁଥିବା ଏହି କେନ୍ଦ୍ରୀୟ ସଂସ୍ଥା ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩.୯୭ କୋଟି ଟଙ୍କାର ନଗଦ ରାଶି ଏବଂ ପ୍ରାୟ ୩.୪୫ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ଜବତ କରିଛି । ଗତ ଜୁନ୍ ୨୩ ତାରିଖରେ 'ଶ୍ରୀ ଆସ୍ଥା ଫାଉଣ୍ଡେସନ ଫର ଏଜୁକେସନ ସୋସାଇଟି'ବିରୋଧରେ ଆର୍ଥିକ ଅନିୟମିତତା ନିରୋଧୀ ଆଇନ ଅଧୀନରେ ଏହି ସର୍ଚ୍ଚ ଅପରେସନ କରାଯାଇଥିବା ନେଇ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ମଧ୍ୟପ୍ରଦେଶ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଜୟନାରାୟଣ ଚୌକସେ ଏବଂ ଅନ୍ୟମାନଙ୍କ ବିରୋଧରେ ରୁଜୁ ହୋଇଥିବା ଏକ ଏଫଆଇଆର ଆଧାରରେ ଇଡି ଏହି ମାମଲାର ଯାଞ୍ଚ କରୁଛି । ଇଡିର ସୂଚନା ଅନୁଯାୟୀ, ରାଜ୍ୟର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ଗୋଷ୍ଠୀ 'ଏଲଏନସିଟି ଗ୍ରୁପ'ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଜୟନାରାୟଣ ଚୌକସେ ଏବଂ ଚୌକସେ ଗ୍ରୁପ୍ ସହିତ ଜଡ଼ିତ ବିଭିନ୍ନ ଆବାସିକ ପରିସର, କାର୍ଯ୍ୟାଳୟ, ଟ୍ରଷ୍ଟ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଏହି ଚଢ଼ାଉ କରାଯାଇଥିଲା । 'ଶ୍ରୀ ଆସ୍ଥା ଫାଉଣ୍ଡେସନ ଫର ଏଜୁକେସନ ସୋସାଇଟି' ଅଧୀନରେ ଅନେକ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ପରିଚାଳିତ ହେଉଥିବା ବେଳେ ଏହାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଚୌକସେ ପରିବାର ଏବଂ ସେମାନଙ୍କ ସହଯୋଗୀଙ୍କ ହାତରେ ରହିଥିଲା । ତେବେ ଏହି ସମଗ୍ର ସଂସ୍ଥା ତରଫରୁ ବଡ଼ ଧରଣର ଆର୍ଥିକ ପ୍ରତାରଣା କରାଯାଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଅଭିଯୋଗ ହୋଇଛି ଯେ, ଶ୍ରୀ ଆସ୍ଥା ଫାଉଣ୍ଡେସନ ଏବଂ ଏହାର ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କଠାରୁ ସଂଗୃହୀତ ଫିସ୍, ସରକାରଙ୍କଠାରୁ ମିଳୁଥିବା ସ୍କଲାରସିପ୍ ଅନୁଦାନ ଏବଂ ସୋସାଇଟି ନାମରେ ବ୍ୟାଙ୍କରୁ ନିଆଯାଇଥିବା କୋଟି କୋଟି ଟଙ୍କାର ଋଣକୁ ମୂଳ କାର୍ଯ୍ୟରେ ବ୍ୟବହାର କରାନଯାଇ ଅଭିଯୁକ୍ତମାନଙ୍କ ନିଜସ୍ୱ ଟ୍ରଷ୍ଟ, କମ୍ପାନୀ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସଂସ୍ଥାକୁ ବେଆଇନ ଭାବେ ପଠାଯାଇଥିଲା । ଚଢ଼ାଉ ସମୟରେ ଇଡି ବିପୁଳ ପରିମାଣର ଆର୍ଥିକ କାରବାରର ଦଲିଲ୍ ଏବଂ ସମ୍ପତ୍ତି ସମ୍ବନ୍ଧୀୟ କାଗଜପତ୍ର ମଧ୍ୟ ଜବତ କରିଛି। ଜବତ ହୋଇଥିବା ଏହି ସବୁ ନଗଦ ଟଙ୍କା ଓ ସୁନା ପ୍ରକୃତରେ କାହାର, ସେ ନେଇ ସଂସ୍ଥା ସ୍ପଷ୍ଟ କରିନଥିବା ବେଳେ ଏହି ଆର୍ଥିକ ଅନିୟମିତତା ଅଭିଯୋଗ ଉପରେ ଏଲଏନସିଟି ଗ୍ରୁପ୍ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ ।

ଆମାଜନ ୪୮ ବିଲିଅନ ଡଲାର ନିବେଶ କରିବ, ମୋଦୀଙ୍କୁ ଭେଟିଲେ ଆଣ୍ଡି ଜାସି

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମାଜନର ସିଇଓ ଆଣ୍ଡି ଜାସି ସାକ୍ଷାତ କରିଛନ୍ତି । ଆସନ୍ତା ପାଞ୍ଚ ବର୍ଷରେ ଆମାଜନ ଭାରତରେ ୪୮ ବିଲିଅନ ଡଲାର ନିବେଶ କରିବାକୁ ଯାଉଛି। ସେଥିରୁ ୨୧ ବିଲିଅନ ଡଲାର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ କ୍ଲାଉଡ୍ ଭିତ୍ତିଭୂମିରେ ନିବେଶ କରାଯିବ। ଭାରତରେ

ଆମାଜନର ରେକର୍ଡ ନିବେଶକୁ ମୋଦୀ ସ୍ୱାଗତ କରିଛନ୍ତି। ତାହା ଆମ ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଭାରତରେ ନିବେଶ କରିବାକୁ ସାରା ବିଶ୍ୱର ନିବେଶକମାନଙ୍କ ମଧ୍ୟରେ ବିପୁଳ ଆଗ୍ରହ ରହିଥିବା ଏହି ନିବେଶରୁ ଜଣାପଡୁଛି ବୋଲି ମୋଦୀ କହିଛନ୍ତି । ଶ୍ରୀ ଜାସି କହିଛନ୍ତି ଯେ ୨୦୩୦ ସୁଦ୍ଧା କମ୍ପାନି ୩୮ ନିୟୁତ ନିଯୁକ୍ତିକୁ ସହଯୋଗ କରିବା ଓ ୮୦ ବିଲିଅନ ଡଲାରର ଇ-କମର୍ସ ରପ୍ତାନି ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରିବ । କମ୍ପାନିର ଏଆଇ ପଦକ୍ଷେପ ଦ୍ୱାରା ୧୫ ନିୟୁତ କ୍ଷୁଦ୍ର ବ୍ୟବସାୟ ଓ ୪ ନିୟୁତ ସରକାରୀ ସ୍କୁଲର ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ସେ କହିଛନ୍ତି ।

ମହାରାଷ୍ଟ୍ର ରାଜନୀତିରେ ଝଡ

ଉଦ୍ଧବଙ୍କ ବୈଠକରେ ୨୩ ବିଧାୟକ ଗାଏବ

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ବଡ଼ ଧରଣର ଭୂକମ୍ପ । ମହା ବିକାଶ ଅଘାଡି ମେଣ୍ଟରେ ସବୁକିଛି ଠିକ୍ ଚାଲିନି । ଡକାଯାଇଥିବା ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ୬୦ ରୁ ୨୩ ବିଧାୟକ ଅନୁପସ୍ଥିତ ଥିଲେ । ସବୁଠାରୁ ବଡ଼ କଥା ହେଲା ବିଧାୟକଙ୍କ ବ୍ୟତୀତ ଏଥିରେ ଶରଦ ପାୱାରଙ୍କ ଭଳି ନେତା ବି ଅନୁପସ୍ଥିତ ଥିଲେ । ନିକଟରେ ଉଦ୍ଧବଙ୍କ ଗୋଷ୍ଠୀର ୬ ସାଂସଦ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହେବା ପରେ ଏତେ ସଂଖ୍ୟାକ ବିଧାକୟଙ୍କ ଅନୁପସ୍ଥିତି ମେଣ୍ଟର ଭବିଷ୍ୟତ ଉପରେ ପ୍ରଶ୍ନ ସୃଷ୍ଟି କରିଛି । ଏହି ଖରାପ ସମୟରେ ଉଦ୍ଧବ ଠାକରେଙ୍କ କଷ୍ଟ ମଧ୍ୟ ଦେଖିବାକୁ ମିଳିଛି। ସେ ପଚାରିଛନ୍ତି, କ'ଣ ଆମେ ସତରେ ଏକାଠି ଅଛୁ ?ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟ ଭାବରେ ମୌସୁମୀ ଅଧିବେଶନ ପାଇଁ ରଣନୀତି ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଡକାଯାଇଥିଲା, କିନ୍ତୁ ଏଥିରେ କୌଣସି ବଡ଼ ନେତା ପହଞ୍ଚିନଥିଲେ । ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ର ମୁଖିଆ ଶରଦ ପାୱାର ଓ ତାଙ୍କର ବରିଷ୍ଠ ନେତା ଜୟନ୍ତ ପାଟିଲ ଏହି ବୈଠକରେ ଉପସ୍ଥିତ ନଥିଲେ । କୁହାଯାଉଛି ଯେ, ସେ ବ୍ୟକ୍ତିଗତ କାରଣ ଯୋଗୁଁ ଉପଲବ୍ଧ ନଥିଲେ । କଂଗ୍ରେସ ନେତା ନାନା ପଟୋଲ ଓ ବିଜୟ ନାମଦେବରାଓ ୱାଡେଟିୱାର ମଧ୍ୟ ବୈଠକରେ ଗାଏବ ଥିଲେ । ୱାଡେଟିୱାରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ସେ ଅସୁସ୍ଥ ଅଛନ୍ତି । ତେବେ କଂଗ୍ରେସର ପ୍ରଦେଶ ଅଧ୍ୟକ୍ଷ ହର୍ଷବର୍ଦ୍ଧନ ସପକାଳ ଓ ଠାକରେଙ୍କ ଗୋଷ୍ଠୀର ସଙ୍କଟମୋଚକ ସଞ୍ଜୟ ରାଉତ ଏହି ବୈଠକରେ ଉପସ୍ଥିତ ଥିଲେ । ଗତ ସପ୍ତାହରେ ଶିବସେନାର ୬ ସାଂସଦ ବିଦ୍ରୋହ କରି ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ଯୋଗ ଦେଇଥିଲେ । ୪ ବର୍ଷରେ ଦ୍ୱିତୀୟ ଥର ନିଜ ପାର୍ଟି ଭାଙ୍ଗିବାର କଷ୍ଟରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ବୈଠକରେ ନିଜ ହତାଶା ପ୍ରକାଶ କରିଛନ୍ତି । ସେ ମେଣ୍ଟର ନେତାଙ୍କୁ ପଚାରିଛନ୍ତି, କ'ଣ ଆମେ ସତରେ ଏକାଠି ଅଛୁ ?ବିଦ୍ରୋହୀ ସାଂସଦଙ୍କ ବିଷୟରେ କହି ଉଦ୍ଧବ କହିଛନ୍ତି, ଆମକୁ ସେହି ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଦରକାର, ଯେଉଁମାନେ ଆମ ସହ ଅଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ଯେଉଁମାନେ ଚାଲିଯାଇଛନ୍ତି, ତାଙ୍କୁ ଯିବାକୁ ଦିଅ ।' ଠାକରେ ଏକଜୁଟତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ଆମେ କହୁଛୁ ଆମେ ଏକାଠି ଅଛୁ, କିନ୍ତୁ କ'ଣ ଆମେ ଗୃହରେ ମହା ବିକାଶ ଅଘାଡି ରୂପରେ ଏକାଠି ଅଛୁ ? କ'ଣ ଆମେ ଏକାଠି ମିଶି ପ୍ରସଙ୍ଗ ଉଠାଉଛୁ ?ରିପୋର୍ଟ ଅନୁସାରେ, ଏହି ବୈଠକରେ ୬ ବିଦ୍ରୋହୀ ସାଂସଦଙ୍କ ଉପରେ କେଣସି ପ୍ରକାର ଚର୍ଚ୍ଚା ହୋଇନଥିଲା। ଏହି ବୈଠକ ମୁଖ୍ୟ ଭାବରେ ତିନି ଦିନ ପୂର୍ବରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନର ରଣନୀତି ତିଆରି କରିବା ପାଇଁ ଡକାଯାଇଥିଲା । କିନ୍ତୁ ସାଂସଦଙ୍କ ବିଦ୍ରୋହର ତୁରନ୍ତ ପରେ ହୋଇଥିବା ଏହି ବୈଠକରେ ବିଧାୟକଙ୍କ ଅନୁପସ୍ଥିତିକୁ ମେଣ୍ଟ ଏକତାର 'ଟେଷ୍ଟ'ରେ ଫେଲ୍ ଭାବରେ ଦେଖାଯାଉଛି। ନଭେମ୍ବର ୨୦୧୯ ରେ ଏମଭିଏ ମେଣ୍ଟ ତିଆରି ହୋଇଥିଲା। ଏବେ ଏହାର ସ୍ଥିରତା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ୭ ବର୍ଷରେ ତିନୋଟି ବଡ ନିର୍ବାଚନ ଓ ବହୁ ବିଦ୍ରୋହର ସାମନା କରିବା ପରେ ବି ଏହି ମେଣ୍ଟ ରହିଛି । ଜୁନ୍ ୨୦୨୨ ରେ ଶିବସେନାରେ ହୋଇଥିବା ବିଦ୍ରୋହ ପରେ, ଠିକ୍ ସେଭଳି ଜୁନ୍ ୨୦୨୩ ରେ ଏନ୍ସିପିରେ ମଧ୍ୟ ବିଭାଜନ ହୋଇଥିଲା । କଂଗ୍ରେସ-ଏନସିପି ଓ କଟ୍ଟର ହିନ୍ଦୁତ୍ୱ ଥିବା ଶିବସେନା ଏକାଠି ଆସିବା ଆଲୋଚନା ସବୁବେଳେ 'ଅବସରବାଦୀ ରାଜନୀତି' ବୋଲି କୁହାଯାଉଥିଲା । ବହୁ ରାଜନୈତିକ ବିଶ୍ଳେଷକଙ୍କ ମତରେ ଲଗାତାର ହେଉଥିବା ବିଦ୍ରୋହ ପରେ ଏବେ ବିଧାୟକଙ୍କ ଦୂରତ୍ୱର ସଙ୍କେତ ଦେଉଛି ଯେ, ଏମ୍ଭିଏ ମେଣ୍ଟ ନିଜର ଶେଷ ସମୟ ଦେଇ ଗତି କରୁଛି ।

ଆମେରିକା କୋର୍ଟର କ୍ଷମତା ବାହାରେ ମାମଲା

ଖାରଜ ପାଇଁ ଆଦାନୀଙ୍କ ଓକିଲଙ୍କ ଦାବି

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଆମେରିକାରେ ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାମଲାକୁ ଆନୁଷ୍ଠାନିକ ଭାବେ ଖାରଜ କରିବା ପାଇଁ ତାଙ୍କ ଓକିଲମାନେ ଆମେରିକାର ଏକ କୋର୍ଟରେ ଅନୁରୋଧ କରିଛନ୍ତି । ଗତ ମାସରେ ଆମେରିକାର ନ୍ୟାୟ ବିଭାଗ ଏହି ମାମଲା ଆଉ ଆଗକୁ ନ ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲା, ଯାହା ପରେ ଏହି ଆବେଦନ କରାଯାଇଛି । ୨୦୨୪ ମସିହାରେ ଗୌତମ ଆଦାନୀଙ୍କ ବିରୋଧରେ ଅଭିଯୋଗ ହୋଇଥିଲା ଯେ, ତାଙ୍କ ଆଦାନୀ ଗ୍ରୁପର ଏକ ସହଯୋଗୀ କମ୍ପାନୀ ସୌର ଶକ୍ତି ପ୍ରକଳ୍ପର ଅନୁମୋଦନ ପାଇବା ପାଇଁ ଭାରତୀୟ ସରକାରୀ ଅଧିକାରୀଙ୍କୁ

ଲାଞ୍ଚ ଦେଇଥିଲେ । ଏହା ବ୍ୟତୀତ ଆମେରିକୀୟ ନିବେଶକମାନଙ୍କୁ କମ୍ପାନୀର ଦୁର୍ନୀତି ବିରୋଧୀ ନୀତି ସମ୍ପର୍କରେ ଭୁଲ ତଥ୍ୟ ଦେଇଥିବାର ଅଭିଯୋଗ ମଧ୍ୟ ଥିଲା । ଆଦାନୀ ଗ୍ରୁପ୍ ଆରମ୍ଭରୁ ଏହି ଅଭିଯୋଗକୁ ଖଣ୍ଡନ କରିଆସୁଛି । ଆଦାନୀଙ୍କ ଓକିଲ ଦର୍ଶାଇଛନ୍ତି ଯେ ଏହି ମାମଲା ଆମେରିକୀୟ ଆଇନର ପରିସର ବାହାରେ । ସରକାରୀ ଓକିଲମାନେ ଭାରତରେ ହୋଇଥିବା କଥିତ ଲାଞ୍ଚ କାରବାରକୁ ପ୍ରମାଣ କରିବାରେ ସକ୍ଷମ ହେବେ ନାହିଁ । ଆମେରିକାର ନ୍ୟାୟ ବିଭାଗର ମାମଲା ପ୍ରତ୍ୟାହାର ନିଷ୍ପତ୍ତି ଦୀର୍ଘମାସ ଧରି ଚାଲିଥିବା ବେଳେ ଏଭଳି ଆବେଦନ ଚର୍ଚ୍ଚାର ବିଷୟ ପାଲଟିଛି ।

ଭାରତ ପାଇଁ ବଡ଼ ଆଶ୍ୱସ୍ତି

ସୁରକ୍ଷିତ ଭାବରେ ହର୍ମୁଜ୍ ଅତିକ୍ରମ କଲେ ୩୦ ମାଲବାହୀ ଜାହାଜ

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ମଧ୍ୟପ୍ରାଚ୍ୟରୁ ଭାରତ ପାଇଁ ବଡ଼ ଆଶ୍ୱସ୍ତି ଖବର ଆସିଛି । ଭାରତ ଆସୁଥିବା ୩୦ ଜାହାଜ ଏପର୍ଯ୍ୟନ୍ତ ସୁରକ୍ଷିତ ଭାବରେ ହର୍ମୁଜ୍ ପ୍ରଣାଳୀ ପାର କରିସାରିଛନ୍ତି, ଯେତେବେଳେ ୨୬ ଜାହାଜ ଏବେ ବି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ଦେଇ ଯିବା ପାଇଁ ସେମାନଙ୍କର ପାଳିକୁ ଅପେକ୍ଷା କରିଛନ୍ତି ବୋଲି ଜାହାଜ ଚଳାଚଳ ମନ୍ତ୍ରଣାଳୟର ସୂତ୍ର ନିଶ୍ଚିତ କରିଛି। ଅଧିକାରୀଙ୍କ ଅନୁଯାୟୀ, ହର୍ମୁଜ୍ ପାର କରିଥିବା ୩୦ଟି ଜାହାଜ ମଧ୍ୟରୁ ପ୍ରାୟ ଅଧାରେ ଏଲପିଜି ଏବଂ ଏଲଏନଜି ବହନ କରିଥିବାବେଳେ ଆଠଟି ଜାହାଜ ବଲ୍କ କାର୍ଗୋ ଏବଂ ସାତଟି ଅଶୋଧିତ ତେଲ ଟ୍ୟାଙ୍କର ବହନ କରିଥିବା କୁହାଯାଉଛି । ଅଧିକାରୀମାନେ କହିଛନ୍ତି ଯେ, ମାର୍ଚ୍ଚ ୧ ରୁ ଜୁନ୍ ୧୭ ମଧ୍ୟରେ ୧୯ଟି ଜାହାଜ ଏହି ସମୁଦ୍ର ପଥରେ ଅତିକ୍ରମ କରିଛନ୍ତି । ଇରାନ ଏବଂ ଆମେରିକା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେବା ପରଠାରୁ ୧୧ଟି ଜାହାଜ ସୁରକ୍ଷିତ ଭାବରେ ଏହି ପଥକୁ ପାର ହୋଇଛନ୍ତି । ଏହି ୩୦ ଜାହାଜ ଭାରତୀୟ ବନ୍ଦର ଅଭିମୁଖେ ଯାଉଛନ୍ତି । ସେଥିମଧ୍ୟରୁ ୧୭ଟି ବିଦେଶୀ ପତାକା ଥିବା ଜାହାଜ ରହିଛି । ବିଦେଶୀ ପତାକାଥିବା ଜାହାଜ ମଧ୍ୟରୁ ସର୍ବାଧିକ ପାଞ୍ଚଟି ଜାହାଜରେ ମାର୍ଶାଲ ଦ୍ୱୀପପୁଞ୍ଜ ପତାକା ରହିଛି । ତେବେ ୨୬ଟି ଜାହାଜ ପର୍ସିଆନ୍ ଗଲ୍ଫରେ, ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ରହିଛନ୍ତି । ସେମାନଙ୍କ ମଧ୍ୟରେ ଭାରତ ଅଭିମୁଖେ ଯାଉଥିବା ଭାରତୀୟ ପତାକା ଏବଂ ବିଦେଶୀ ପତାକା ଥିବା ଜାହାଜ ରହିଛନ୍ତି । ୨୬ ଜାହାଜ ମଧ୍ୟରୁ ତିନୋଟିରେ ଶକ୍ତି ଉତ୍ପାଦ, ୧୦ଟିରେ ସାର ଏବଂ ବାକି ୧୩ଟିରେ ଅନ୍ୟାନ୍ୟ ପ୍ରକାରର ମାଲ ପରିବହନ କରାଯାଉଛି ।

ପିଓକେରେ ଖାଦ୍ୟ ଓ ଔଷଧ ପାଇଁ ହାହାକାର

ନୂଆଦିଲ୍ଲୀ,୨୫।୬(ଏଜେନ୍ସି):ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ସରକାର ବିରୋଧୀ ଜନ ଆନ୍ଦୋଳନ ଓ ବିଦ୍ରୋହ ତୀବ୍ର ହୋଇଛି । ସରକାର ଆନ୍ଦୋଳନକୁ ଚପେଇବାକୁ ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଦ୍ରୋହକୁ ବଳପୂର୍ବକ ଦମନ କରିବା ପାଇଁ ପାକିସ୍ତାନ ସରକାର ସମଗ୍ର ପାର୍ବତ୍ୟାଞ୍ଚଳରେ ଅବରୋଧ କରି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ, ଇନ୍ଧନ (ପେଟ୍ରୋଲ-ଡିଜେଲ) ଓ ଜୀବନ ରକ୍ଷାକାରୀ ଔଷଧ ଯୋଗାଣକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଛି । ଫଳରେ ଖାଦ୍ୟ, ଔଷଧ ପରି ଅତ୍ୟାବଶ୍ୟକ ସାମଗ୍ରୀ ଅଭାବରେ ଲୋକଙ୍କ ଭିତରେ ହାହାକାର ଦେଖିବାକୁ ମିଳୁଛି। ଅବୈଧ ଭାବେ ନିଜ କବ୍ଜାରେ ରଖିଥିବା କାଶ୍ମୀରର ଏହି ଅଞ୍ଚଳରେ ଆନ୍ଦୋଳନ ଦମନ କରିବାକୁ ପାକିସ୍ତାନ ସରକାର ଅତି ଅମାନବୀୟ ମାର୍ଗ ବାଛିଛି । ପିଓକେର ବାସିନ୍ଦା, ଟ୍ରକ୍ ଡ୍ରାଇଭର ଓ ବିରୋଧୀ ଦଳ ନେତାମାନେ ଗଣମାଧ୍ୟମକୁ କହିଛନ୍ତି ଯେ, ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ କରୁଥିବା ଯାନଗୁଡ଼ିକୁ ପିଓକେରେ ପ୍ରବେଶ କରିବାକୁ ଦିଆଯାଉନାହିଁ । ଯୁଗ୍ମ ଆୱାମୀ ଆକ୍ସନ କମିଟି (ଜେଏଏସି) ନେତୃତ୍ୱରେ ଅଞ୍ଚଳବ୍ୟାପୀ ବନ୍ଦ ଯୋଗୁଁ ପୂର୍ବରୁ ସୃଷ୍ଟି ହୋଇଥିବା ଅଭାବ ସ୍ଥିତିକୁ ଆହୁରି ଖରାପ କରୁଛି । ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବନ୍ଦ ଖବରକୁ ପାକିସ୍ତାନ କର୍ତ୍ତୃପକ୍ଷ ଖଣ୍ଡନ କରୁଥିବାବେଳେ ବିବିସି ଉର୍ଦ୍ଦୁ, ଡନ୍ ଓ ଏଏଫ୍ପି ପିଓକେ ସଙ୍କଟ ଅତୀବ ରୂପ ଧାରଣ କରିଥିବା ରିପୋର୍ଟ କରିଛନ୍ତି । ପିଓକେରେ ଭାରତ-ପ୍ରଶାସିତ କାଶ୍ମୀରର ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ୧୨ଟି ବିଧାନସଭା ଆସନ ଉପରେ ବିବାଦରୁ ଏହି ଅଶାନ୍ତି ସୃଷ୍ଟି ହୋଇଛି । ସ୍ଥାନୀୟ ଗୋଷ୍ଠୀଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ଇସଲାମାବାଦ ନିର୍ବାଚନକୁ ପ୍ରଭାବିତ କରିବା ଓ ଅନୁପାଳନକାରୀ ସରକାର ସ୍ଥାପନ କରିବା ପାଇଁ ଏହି ଆସନଗୁଡ଼ିକୁ ବ୍ୟବହାର କରୁଛି । ପାକିସ୍ତାନ ଜେଏଏସିକୁ ଏକ ଆତଙ୍କବାଦୀ ସଂଗଠନ ଘୋଷଣା କରି ଏହାର ସମର୍ଥକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ରିପୋର୍ଟ ଅନୁସାରେ ଏପର୍ଯ୍ୟନ୍ତ ସଂଘର୍ଷରେ ଅତି କମରେ ୫୮ ଜଣଙ୍କର ମୃତ୍ୟୁ ହୋଇଛି । ପିଓକେରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି । ଜେଏଏସିର ବନ୍ଦ ଯୋଗୁଁ ପରିବହନ ନେଟୱର୍କ ଉପରେ ଗମ୍ଭୀର ପ୍ରଭାବ ପଡ଼ିଛି। ସାମଗ୍ରୀ ଓ ସେବା ପରିବହନରେ ଘୋର ବାଧା ସୃଷ୍ଟି ହୋଇଛି । ବଜାର ଓ ବ୍ୟବସାୟ ବନ୍ଦ ରହିଛି । ସ୍ଥାନୀୟ ବାସିନ୍ଦା ଓ ବିରୋଧୀ ଦଳମାନେ ଏପରି ଅଚଳାବସ୍ଥା ପାଇଁ ପାକିସ୍ତାନ ସରକାରଙ୍କୁ ଦାୟୀ କରିଛନ୍ତି । ପାକିସ୍ତାନ ସରକାର ବିଦ୍ରୋହକୁ ଦମନ କରିବାକୁ ଏପରି ପରିସ୍ଥିତି ସୃଷ୍ଟି କରିଛି ବୋଲି କହିଛନ୍ତି। କରାଚୀସ୍ଥିତ ପାକିସ୍ତାନ ଖବରକାଗଜ 'ଡନ୍' ପକ୍ଷରୁ କୁହାଯାଇଛି ଯେ, ପୁଞ୍ଛ ଓ ମୁଜାଫରାବାଦ ଜିଲ୍ଲାରେ ପେଟ୍ରୋଲ ପମ୍ପ ବନ୍ଦ ଥିବାରୁ ସ୍ଥାନୀୟ ବାସିନ୍ଦା କଳା ବଜାରରୁ ଚା ଦରରେ ତେଲ କିଣିବାକୁ ବାଧ୍ୟ ହେଉଛନ୍ତି । ବିଦ୍ରୋହ ଆରମ୍ଭ ହେବା ପରଠାରୁ ଲୋକମାନଙ୍କୁ ରେସନ ମିଳିନଥିବା ନିଲମ୍ ଜିଲ୍ଲାର ବାସିନ୍ଦା କହିଛନ୍ତି । ଜରୁରୀ ସାମଗ୍ରୀ ପରିବହନ କରୁଥିବା ଗାଡ଼ିକୁ ପିଓକେରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉନି । ବିବିସି ଉର୍ଦ୍ଦୁକୁ ଜଣେ ବାସିନ୍ଦା କହିଛନ୍ତି ଯେ, ପୁଞ୍ଛ ସେକ୍ଟର, ରାୱଲାକୋଟ, ବାଗ ଓ ନିଲମ ଉପତ୍ୟକାର ଲୋକମାନେ ଅଟା, ଚାଉଳ, ଚିନି, ଲଙ୍କା, ଔଷଧ ଓ ପେଟ୍ରୋଲ କିଣିବା ପାଇଁ ରାୱଲପିଣ୍ଡି ଓ ଇସଲାମାବାଦ ପର୍ଯ୍ୟନ୍ତ ଯାତ୍ରା କରୁଛନ୍ତି । ଏପରିକି ଉକ୍ତ ସାମଗ୍ରୀ ନେଇ ପିଓକେ ଯିବାକୁ ମଧ୍ୟ ପାକିସ୍ତାନ ପୁଲିସ ଦେଉନାହିଁ ।

କମିଲା ସୁନା ରୁପା ଦର

ନୂଆଦିଲ୍ଲୀ,୨୫।୬(ଏଜେନ୍ସି):ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ ହେବା ପରଠାରୁ ସୁନା ଓ ରୁପା ମୂଲ୍ୟ ଲଗାତାର ଭାବେ ହ୍ରାସ ପାଉଛି। ଗୁରୁବାର ମଧ୍ୟ ସେହିଧାରା ବଜାୟ ରହିଛି । ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମକୁ ୨୫୫୦ ଟଙ୍କା ହ୍ରାସ ପାଇ ୧,୨୮,୪୫୦ ଟଙ୍କାକୁ ଖସିଛି। ସେହିପରି ୨୪ କ୍ୟାରେଟ୍ ସୁନା ଦାମ ୨୭୮୦ ଟଙ୍କା କମ୍ ହୋଇ ୧,୪୦,୦୧୩ ଟଙ୍କା ହୋଇଛି । ଆଜି ମଧ୍ୟ ରୁପା ୧୦ ହଜାର ଟଙ୍କା ଶସ୍ତା ହୋଇଛି। ରୁପାର କିଲୋଗ୍ରାମ ପିଛା ଦାମ ୨,୩୦,୦୦୦ ଟଙ୍କାକୁ ହ୍ରାସ ପାଇଛି । ଗତ ତିନି ଦିନରେ ୨୨ କ୍ୟାରେଟ୍ ସୁନା ୭୨୦୦ ଟଙ୍କା ଓ ୨୪ କ୍ୟାରେଟ ସୁନା ୭୮୫୦ ଟଙ୍କା ଶସ୍ତା ହୋଇଛି । ରୁପା ଦାମ୍ ୨୫ ହଜାର ଟଙ୍କା କମିଛି । ଆମେରିକା ଓ ଇରାନ ମଧ୍ୟରେ ଅନ୍ତରୀଣ ଶାନ୍ତି ଚୁକ୍ତି ହେବା, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଦ୍ରୁତ ଗତିରେ ହ୍ରାସ ପାଇବା ଓ ଡଲାର ଶକ୍ତିଶାଳୀ ହୋଇଥିବାରୁ ସୁନା ଓ ରୁପା ଦରରେ ହ୍ରାସ ଘଟୁଛି । କିଛି ନିବେଶକ ଲାଭ ପାଇବା ଆଶାରେ ମଧ୍ୟ କମ୍ ଦାମରେ ସୁନା ବିକ୍ରି କରୁଛନ୍ତି । ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍)ରେ ମଧ୍ୟ ବ୍ୟାପକ ବିକ୍ରି ହେଉଛି । ଜାତୀୟ ସ୍ତରରେ ଚଳିତ ବର୍ଷ ସୁନା ୩୬ ହଜାର ଟଙ୍କା ଓ ରୁପା ୧ ଲକ୍ଷ ୭୦ ହଜାର ଟଙ୍କା ଶସ୍ତା ହୋଇଛି । ଏକ ସମୟରେ ଦେଶରେ ସୁନା ଦର ୧୦ ଗ୍ରାମକୁ ୧ ଲକ୍ଷ ୭୬ ହଜାର ଟଙ୍କା ଓ ରୁପା କେଜିଏ ୩ ଲକ୍ଷ ୮୬ ହଜାର ଟଙ୍କା ହୋଇଯାଇଥିଲା ।

ପୁଣି କଠୋର ଆଭିମୁଖ୍ୟ ଦେଖାଇଲେ ଟ୍ରମ୍ପ

ଭେନେଜୁଏଲା ଗୋଟେ ଘଣ୍ଟାରେ ଏବଂ ଇରାନ ଗୋଟେ ସପ୍ତାହରେ ଶେଷ

ନୂଆଦିଲ୍ଲୀ,୨୫।୬(ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ କଠୋର ଆଭିମୁଖ୍ୟ ଦେଖାଇଛନ୍ତି। ନିଜର ଶ୍ରେୟ ଦର୍ଶାଇ ସେ ଘୋଷଣା କରିଛନ୍ତି ଯେ, ଭେନେଜୁଏଲା ଗୋଟିଏ ଘଣ୍ଟା ମଧ୍ୟରେ ଏବଂ ଇରାନ ଗୋଟିଏ ସପ୍ତାହରେ ଧ୍ୱଂସ ପାଇଯାଇଛି । ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ଅନ୍ତିମ ସଂସ୍କାର ହେବାକୁ ଯାଉଥିବା ସମୟରେ ଟ୍ରମ୍ପଙ୍କ ସେହି ପୁରୁଣା ମନୋଭାବ ପୁଣି ଦେଖିବାକୁ ମିଳିଛି । ଆମେରିକା ଏବଂ ଇସ୍ରାଏଲୀଆକ୍ରମଣରେ ପ୍ରାଣ ହରାଇଥିବା ଆୟାତୋଲ୍ଲାଙ୍କ ପାର୍ଥିବ ଶରୀରର ବିଦାୟ ସମାରୋହ ଏବଂ ପ୍ରାର୍ଥନା ସଭା ଜୁଲାଇ ୪ ଏବଂ ୫ ତାରିଖରେ ତେହେରାନର ଗ୍ରାଣ୍ଡ ମୋସାଲ୍ଲାରେ ଅନୁଷ୍ଠିତ ହେବ ଏବଂ ଜୁଲାଇ ୬ ତାରିଖରେ ଅନ୍ତିମ ସଂସ୍କାର କରାଯିବ । ଭେନେଜୁଏଲାରେ ଚଢ଼ାଉ ପାଇଁ ଟ୍ରମ୍ପ ତାଙ୍କ ସେନାକୁ ପ୍ରଶଂସା କରି ଏହାକୁ ବିଶ୍ୱ ଇତିହାସର ସର୍ବୋତ୍ତମ ସାମରିକ ଚଢ଼ାଉ ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟ,ଜାନୁଆରି ୨୦୨୬ରେ, ଆମେରିକାର ସେନା ଭେନେଜୁଏଲାରେ ଅପରେସନ ଆବସୋଲ୍ୟୁଟ ରିଜଲଭ୍ ଆରମ୍ଭ କରିଥିଲା ଏବଂ ବିମାନ ଆକ୍ରମଣ ପରେ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ସେମାନଙ୍କ ବାସଭବନରୁ ଗିରଫ କରିଥିଲା ।



ଟ୍ରମ୍ପଙ୍କ ସେନା ସେମାନଙ୍କୁ ଡ୍ରଗ୍ସ ଚାଲାଣ ପାଇଁ ବିଚାର ପାଇଁ ଆମେରିକାକୁ ନେଇଯାଇଥିଲେ । ଦେଶର ନାଗରିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ଗତ ସପ୍ତାହରେ, ଆମେ ଇରାନ ସହିତ ସଂଘର୍ଷର ଅନ୍ତ ଏବଂ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଖୋଲିବା ପାଇଁ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷର କରିଥିଲୁ । ପୂର୍ବରୁ କୌଣସି ରାଷ୍ଟ୍ରପତି ଏହା କରିନାହାନ୍ତି । ସେ ଏହା ମଧ୍ୟ ଦୋହରାଇଥିଲେ ଯେ ଇରାନ କେବେବି ପରମାଣୁ ଅସ୍ତ୍ର ରଖିପାରିବ ନାହିଁ। ବୁଧବାର ଦିନ ଆମେରିକୀୟ ନାଗରିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ ଇରାନର ମିନାବରେ ଏକ ବାଳିକା ବିଦ୍ୟାଳୟ ଉପରେ ଆକ୍ରମଣ ପାଇଁ ଆମେରିକୀୟ ସେନା ପ୍ରକୃତରେ ଦାୟୀ କି ନାହିଁ ସେ ବିଷୟରେ ମଧ୍ୟ ସନ୍ଦେହ ପ୍ରକାଶ କରିଛନ୍ତି, ଯଦିଓ ଏନେଇ ଇରାନ ଆମେରିକୀୟ ସେନାକୁ ଦାୟୀ କରିଥିଲା । ଟ୍ରମ୍ପ୍ କହିଛନ୍ତି ଯେ, ମିନାବରେ ଆକ୍ରମଣ କିଏ କରିଛି ତାହା ସ୍ପଷ୍ଟ ନୁହେଁ । ସେ କହିଛନ୍ତି, କ୍ଷେପଣାସ୍ତ୍ର ସବୁଠି ପଡ଼ିଛି । କେତେକ କହିଛନ୍ତି, ସେଗୁଡ଼ିକ ଆମେରିକୀୟ କ୍ଷେପଣାସ୍ତ୍ର । ସମ୍ଭବତଃ ସେଗୁଡ଼ିକ ଆମର କ୍ଷେପଣାସ୍ତ୍ର ନୁହେଁ । ମୁଁ ଏପରି କିଛି ଦେଖିନାହିଁ ଯାହା ମୋତେ ବିଶ୍ୱାସ କରାଇବ ଯେ ଏହା ଆମର କ୍ଷେପଣାସ୍ତ୍ର ।

ବିଶ୍ୱ ମୋଟରସାଇକେଲ ଦିବସରେ ଜାୱା, ୟେଜଦି ଏବଂ ବିଏସଏ ରାଇଡରମାନେ ଏକତ୍ରିତ

ହାଇଦ୍ରାବାଦ,୨୫।୬ (ନି.ପ୍ର) : ମୋଟରସାଇକେଲ ସଂସ୍କୃତି, ସୌହାର୍ଦ୍ଦ୍ୟ ଏବଂ ଖୋଲା ରାସ୍ତାର ଭାବନାର ଏକ ବଡ଼ ଧରଣର ଉତ୍ସବ ପାଇଁ ଜାୱା, ୟେଜଦି ଏବଂ ବିଏସଏ ସମ୍ପ୍ରଦାୟର ରାଇଡରମାନଙ୍କୁ ଏକତ୍ର କରି କ୍ଲାସିକ୍ ଲିଜେଣ୍ଡ୍ସ ବିଶ୍ୱ ମୋଟରସାଇକେଲ ଦିବସ ପାଳନ କରିଛନ୍ତି। ଜୁନ୍ ୨୧ ତାରିଖରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା, ବିଶ୍ୱ ମୋଟରସାଇକେଲ ଦିବସ ହେଉଛି ମୋଟରସାଇକେଲ ପ୍ରେରଣା ଦେଉଥିବା ସ୍ୱାଧୀନତା, ସାହସିକତା ଏବଂ ନିଜରତାର ଭାବନାକୁ ଶ୍ରଦ୍ଧାଞ୍ଜଳି। ଏହି ଅବସରକୁ ସ୍ମରଣ କରିବା ପାଇଁ, ୧୯ଟି ରାଜ୍ୟ ଏବଂ ୫୯ଟି ସହରରୁ ୨,୦୦୦ ରୁ ଅଧିକ ରାଇଡର ଏକାଠି ଯାତ୍ରା କରିଥିଲେ, ଯାହା ଏକ ସମାନ ଆଗ୍ରହକୁ ପ୍ରତିନିଧିତ୍ୱ କରିଥିଲା ଯାହା ବ୍ରାଣ୍ଡ, ପୃଷ୍ଠଭୂମି ଏବଂ ପିଢ଼ିକୁ ଅତିକ୍ରମ କରେ। ଏହି ଉତ୍ସବର ଏକ ଅଂଶ ଭାବରେ, କ୍ଲାସିକ୍ ଲିଜେଣ୍ଡ୍ସ ଗାର୍ଡିଆନ୍ ବେଲ୍ ଇନିସିଏଟିଭ୍ ମଧ୍ୟ ପ୍ରଚଳନ କରିଥିଲେ - ମୋଟରସାଇକେଲର ସବୁଠାରୁ ପ୍ରିୟ ପରମ୍ପରା ମଧ୍ୟରୁ ଗୋଟିଏ ପ୍ରତି ଅଧିକ ସଚେତନତା ଆଣିବା ପାଇଁ ଏକ ପ୍ରୟାସ। ବିଶ୍ୱବ୍ୟାପୀ ରାଇଡର ସମ୍ପ୍ରଦାୟ ମଧ୍ୟରେ, ପ୍ରତ୍ୟେକ ଯାତ୍ରାରେ ସଦ୍ଭାବନା, ସୁରକ୍ଷା ଏବଂ ସାହଯ୍ୟର ପ୍ରତୀକ ଭାବରେ ଜଣେ ସହଯୋଗୀ ରାଇଡର, ବନ୍ଧୁ କିମ୍ବା ପ୍ରିୟଜନଙ୍କ ଦ୍ୱାରା ଏକ ଗାର୍ଡିଆନ୍ ବେଲ୍ ଉପହାର ଦିଆଯାଏ। ଏହି ପଦକ୍ଷେପ ମାଧ୍ୟମରେ, ରାଇଡରମାନଙ୍କୁ ପରସ୍ପରକୁ ଗାର୍ଡିଆନ୍ ବେଲ୍ ଉପହାର ଦେବାକୁ ଉତ୍ସାହିତ କରାଯାଇଥିଲା, ଯାହା ସାଥୀ ମୋଟରସାଇକେଲ ଚାଳକଙ୍କ ପାଇଁ ସତର୍କ ରହିବାର ସଂସ୍କୃତିକୁ ସୁଦୃଢ଼ କରିବାରେ ଏବଂ ରାଇଡର ସମ୍ପ୍ରଦାୟକୁ ପରିଭାଷିତ କରୁଥିବା ଭାଇଚାରା, ଯତ୍ନ ଏବଂ ସଂଯୋଗର ମୂଲ୍ୟବୋଧକୁ ଦୃଢ଼ କରିବାରେ ସାହାଯ୍ୟ କରିଥିଲା। କାର୍ଯ୍ୟକ୍ରମ ସମୟରେ ଗାର୍ଡିଆନ୍ ବେଲ୍ ମଧ୍ୟ ବଣ୍ଟନ କରାଯାଇଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କୁ ଏକ ପରମ୍ପରାର ଅଂଶ ହେବାକୁ ଅନୁମତି ଦେଇଥିଲା ଯାହା କେବଳ ଯାତ୍ରାକୁ ନୁହେଁ, ବରଂ ଯାତ୍ରାକୁ ଅର୍ଥପୂର୍ଣ୍ଣ କରୁଥିବା ଲୋକମାନଙ୍କୁ ପାଳନ କରେ। ଏହି ଅବସରରେ ମତାମତ ଦେଇ, କ୍ଲାସିକ୍ ଲେଜେଣ୍ଡସ୍ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି: "ମୋଟରସାଇକେଲ୍ ସର୍ବଦା ମେସିନ୍ ଅପେକ୍ଷା ଅଧିକ କିଛି ଅଟେ। ଏହା ଲୋକଙ୍କ, ଅଂଶୀଦାର ଅଭିଜ୍ଞତା ଏବଂ ରାସ୍ତାରେ ଗଠିତ ବନ୍ଧନ ବିଷୟରେ। ବିଶ୍ୱ ମୋଟରସାଇକେଲ୍ ଦିବସ ଆମକୁ ସେହି ଆତ୍ମାକୁ ପାଳନ କରିବାର ସୁଯୋଗ ଦିଏ, ଏବଂ ଗାର୍ଡିଆନ୍ ବେଲ୍ ପଦକ୍ଷେପ ମାଧ୍ୟମରେ, ଆମେ ରାଇଡରମାନଙ୍କୁ ପରସ୍ପର ପ୍ରତି ଦୃଷ୍ଟି ରଖିବାକୁ ଏବଂ ମୋଟରସାଇକେଲ୍କୁ ଏତେ ସ୍ୱତନ୍ତ୍ର କରୁଥିବା ସମ୍ପ୍ରଦାୟର ଭାବନାକୁ ସୁଦୃଢ଼ କରିବାକୁ ଉତ୍ସାହିତ କରିବାକୁ ଆଶା କରୁଛୁ।" ବିଶ୍ୱ ମୋଟରସାଇକେଲ୍ ଦିବସ ପାଳନ ନୋମାଡ୍ସ ସମ୍ପ୍ରଦାୟକୁ ପୋଷଣ କରିବା ଏବଂ ରାସ୍ତା ଭିତରେ ଏବଂ ବାହାରେ ଉତ୍ସାହୀମାନଙ୍କୁ ଏକାଠି କରୁଥିବା ଅର୍ଥପୂର୍ଣ୍ଣ ଅଭିଜ୍ଞତା ସୃଷ୍ଟି କରିବା ପାଇଁ କ୍ଲାସିକ୍ ଲେଜେଣ୍ଡସ୍ର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କାହାଣୀ, ବନ୍ଧୁତା ଏବଂ ରାଇଡିଂ ପ୍ରେମ ଉପରେ ନିର୍ମିତ ସମ୍ପ୍ରଦାୟରେ ଯୋଗଦାନ କରନ୍ତୁ - jawayezdimotorcycles.com/pages/kommuniti

ଡେଲିଭେରୀ ପକ୍ଷରୁ 'ଅଭ୍ୟମ' କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର, ୨୫।୬ (ନି.ପ୍ର) : ଅଭ୍ୟମ ହେଉଛି ଦେଶବ୍ୟାପୀ ଇନ୍?-ଫ୍ୟାସିଲିଟି ଆସୋସିଏଟ ଓ ଲାଷ୍ଟ-ମାଇଲ ରାଇଡରଙ୍କ ସମେତ ଏହାର ପ୍ରାୟ୧ ଲକ୍ଷ ମଜବୁତ ଫ୍ରଂଟଲାଇନ ୱର୍କଫୋର୍ସର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଡେଲିଭେରୀର ବିସ୍ତୃତ ଜନକଲ୍ୟାଣ କାର୍ଯ୍ୟକ୍ରମ । କମ୍ପାନୀର ୧୫ତମ ବାର୍ଷିକୀକୁ ପାଳନ କରିବା ପାଇଁ ଲଂଚ ହୋଇଥିବା ଅଭ୍ୟମ କାର୍ଯ୍ୟକ୍ରମ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା, ପରିବାର ସ୍ୱାସ୍ଥ୍ୟ କଭର, ପିଲାମାନଙ୍କ ପାଇଁ ବୃତି ଓ ସଂଗଠିତ କ୍ୟାରିୟର ମାର୍ଗ ପ୍ରଦାନ କରୁଛି । ଏହି କାର୍ଯ୍ୟକ୍ରମ ଅଭ୍ୟମ ଅନ୍ତର୍ଗତ ନିଆଯାଉଥିବା ପଦକ୍ଷେପ ମଧ୍ୟରେ ରହିଛି, ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କଭର, ହସ୍ପିଟାଲ ରହଣୀ ସମୟରେ ଆୟ ସୁବିଧା ଓ ରିହାତିରେ ଔଷଧ । ସ୍ୱାମୀ / ସ୍ତ୍ରୀ ଏବଂ୨ ଜଣ ପର୍ଯ୍ୟନ୍ତ ପିଲାଙ୍କୁ ସ୍ୱାସ୍ଥ୍ୟ କଭର ଦିଆଯାଉଛି, ସ୍ୱାମୀ/ସ୍ତ୍ରୀ ଓ ଝିଅମାନଙ୍କ ପାଇଁ ପର୍ସନାଲ ଲୋନ ପାଇଁ ବାଧାହୀନ ପ୍ରବେଶ, ଛାତ୍ରବୃତି ଓ ଧନ୍ଦାମୂଳକ ତାଲିମ ମଧ୍ୟ ଦିଆଯାଉଛି । କମ୍ପାନୀରେ ବିଭିନ୍ନ ପଦବୀ ପାଇଁ ଡେଲିଭେରି ମଧ୍ୟରେ ଆଭ୍ୟନ୍ତରୀଣ ନିଯୁକ୍ତି ପାଇଁ ପହଂଚ, ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହଯୋଗ ଏବଂ ଆର୍ଥିକ ନମନୀୟତା ପାଇଁ ଆୟ କରିଥିବା ବେତନ ହାସଲ କରିବା । "୧୫ ବର୍ଷ ମଧ୍ୟରେ ଆମର ଫ୍ରଂଟଲାଇନ କର୍ମଚାରୀମାନେ ୫ ବିଲିୟନରୁ ଅଧିକ ସିପମେଂଟ ବିତରଣ କରିବାରେ ଆମକୁ ସାହାଯ୍ୟ କରିଛନ୍ତି । ଅଭ୍ୟମ ହେଉଛି ସେମାନଙ୍କ ପାଇଁ କିଛି କରିବାର ଆମର ପ୍ରୟାସ । ଆମେ ବିଶ୍ୱାସ କରୁଛୁ ଯେ, ଏହି କାର୍ଯ୍ୟକ୍ରମ ଭାରତରେ ସର୍ବୋତମ ଶ୍ରେଣୀର ଅଟେ ଏବଂ ଏହା ଆମର କର୍ମଚାରୀଙ୍କୁ ଯେପରି ସର୍ବୋତମ ସମ୍ଭବ ସେବା ପ୍ରଦାନ କରାଯିବ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ପରିବାରର ସଠିକ ଯତ୍ନ ନିଆଯିବ ତାହା ନିଶ୍ଚିତ କରିଥାଏ" ବୋଲି ଡେଲିଭେରୀର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାହିଲ ବରୁଆ କହିଛନ୍ତି ।

ଏଆଇ ପ୍ଲସ ସ୍ମାର୍ଟଫୋନ୍ ପକ୍ଷରୁ ନୋଭା ୨ପ୍ରୋ ଏବଂ ନୋଭା ୨ ନିଓର ବିକ୍ରୟ ଆରମ୍ଭ

ଭୁବନେଶ୍ୱର, ୨୫।୬ (ନି.ପ୍ର) : ଏଆଇ ପ୍ଲସ ସ୍ମାର୍ଟଫୋନ୍ ପକ୍ଷରୁ ଏହାର ନୂତନ ନୋଭା ୨ପ୍ରୋ ଏବଂ ନୋଭା ୨ ନିଓ ସ୍ମାର୍ଟଫୋନର ବିକ୍ରୟ ୨୬ ଜୁନ ଦିନ ଦ୍ୱିପ୍ରହର ୧୨ଟାରୁ କେବଳ ଫ୍ଲିପକାର୍ଟ ଏବଂ ବଛାବଛା ରିଟେଲ ଆଉଟଲେଟରେ ଉପଲବ୍ଧ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କଠାରୁ ଆରମ୍ଭ କରି ଉଚ୍ଚ କ୍ଷମତାସମ୍ପନ୍ନ ଡିଭାଇସ ଚାହୁଁଥିବା ଗ୍ରାହକଙ୍କ ପର୍ଯ୍ୟ' ସମସ୍ତଙ୍କ ଆବଶ୍ୟକତାକୁ ଲକ୍ଷ୍ୟକରି ଡିଜାଇନ୍ କରାଯାଇଥିବା ନୋଭା ୨ପ୍ରୋ ଏବଂ ନୋଭା ୨ ନିଓ ଆରମ୍ଭରୁ ଭାରତୀୟ ସ୍ମାର୍ଟଫୋନ କ୍ରେତାଙ୍କ ମଧ୍ୟରେ ବ୍ୟାପକ ଚାହିଦା ଏବଂ ଲୋକପ୍ରିୟତା ହାସଲ କରିଛି।

ବିକ୍ରୟ ଆରମ୍ଭ ସମ୍ପର୍କରେ ମତ ପ୍ରକାଶ କରି ଏଆଇ ପ୍ଲସ ସ୍ମାର୍ଟଫୋନର ପ୍ରତିଷ୍ଠାତା ମାଧବ ଶେଠ୍ କହିଛନ୍ତି,' ନୋଭା ୨ପ୍ରୋ ଏବଂ ନୋଭା ୨ ନିଓ ଅଧିକ ସଂଖ୍ୟକ ଗ୍ରାହକଙ୍କ ପାଖରେ ଦକ୍ଷ, ଆକର୍ଷଣୀୟ ଏବଂ ବିଶ୍ୱସନୀୟ ସ୍ମାର୍ଟଫୋନ ଅନୁଭବ ପହଂଚାଇବା ପାଇଁ ଆମର ପ୍ରୟାସର ପ୍ରତିଫଳନ। ଆମେ ଦୈନନ୍ଦିନ ବ୍ୟବହାରର ସବୁଠାରୁ ଜରୁରୀ ଦିଗଗୁଡ଼ିକ ଯଥା ପରଫର୍ମାନ୍ସ, ବ୍ୟାଟେରି ଲାଇଫ, କ୍ୟାମେରା କ୍ଷମତା, ସଫ୍ଟୱେର ଗୁଣବତା ଏବଂ ଗୋପନୀୟତା ଉପରେ ବିଶେଷ ଧ୍ୟାନ ଦେଇଛୁ, ଯାହା ଦ୍ୱାରା ଗ୍ରାହକମାନେ ନିଜ ବଜେଟ କାରଣରୁ କୌଣସି ସାଲିସ କରିବାକୁ ପଡ଼ିବ ନାହିଁ। ଆଜିଠାରୁ ବିକ୍ରୟ ଆରମ୍ଭ ହେଉଥିବାରୁ ନୋଭା ସିରିଜ୍ର ପରବର୍ତି ଅଧ୍ୟାୟକୁ ଭାରତର ଅଧିକ ଉପଭୋକ୍ତାଙ୍କ ନିକଟକୁ ନେବାକୁ ଆମେ ଉତ୍ସାହିତ ଅଛୁ।'

ଆମାଜୋନ.ଇନ ରେ ଲେଗୋପ୍ସ ସର୍ଚ୍ଚ ୫୦ ପ୍ରତିଶତ ବୃଦ୍ଧି ପାଇଛି

ବେଙ୍ଗାଲୁରୁ, ୨୫।୬ (ନି.ପ୍ର): ଆମାଜୋନ.ଇନ ରେ ଲେଗୋପ୍ସ ସେଟ୍ ପାଇଁ ସନ୍ଧାନ ବର୍ଷ ବର୍ଷ ଧରି ୫୦ ପ୍ରତିଶତ ବୃଦ୍ଧି ପାଇଛି, ଯାହାର ନେତୃତ୍ୱ ପ୍ରାଇମ୍ ସଦସ୍ୟମାନେ ନେଇଛନ୍ତି, ଯେଉଁମାନେ ଚାହିଦାର ୮୫% ଯୋଗଦାନ ଦିଅନ୍ତି। ପିଲାମାନଙ୍କର ଏକ ବର୍ଦ୍ଧିତ ସମ୍ପ୍ରଦାୟ, ଲେଗୋପ୍ସ ର ବୟସ୍କ ପ୍ରଶଂସକ (ଏଏଫଓଏଲ), ପପ୍ ସଂସ୍କୃତି ଉତ୍ସାହୀ ଏବଂ ଉପହାରଦାତା ଯେଉଁମାନେ ନିମଜ୍ଜିତ ନିର୍ମାଣ ଅଭିଜ୍ଞତା, ସୃଜନଶୀଳ ଆଉଟଲେଟ୍ ଏବଂ ପ୍ରଦର୍ଶନ-ଯୋଗ୍ୟ କଲେକ୍ସନ ଖୋଜୁଛନ୍ତି, ତାହା ଆମାଜୋନ.ଇନ ରେ ଲେଗୋପ୍ସ ସେଟ୍ ପାଇଁ ଗତିକୁ ଆଗେଇ ନେଉଛନ୍ତି। ପ୍ରାଇମ୍ ଡେ ୨୦୨୬ ପୂର୍ବରୁ, ଆମାଜୋନ.ଇନ ଏକ ଅନଲାଇନ୍ ବଜାରରେ ଏହାର ସର୍ବବୃହତ ଲେଗୋ ଗ୍ରୀଷ୍ମ ସଂଗ୍ରହ ସହିତ ଦ୍ୱିଗୁଣିତ ହେଉଛି। ଷ୍ଟାର ୱାର୍ସ (ଡେଥ୍ ଷ୍ଟାର) ଏବଂ ମାର୍ଭେଲରୁ ହ୍ୟାରି ପର୍ଟ, ଫାଷ୍ଟ ଆଣ୍ଡ ଫ୍ୟୁରିୟସ୍ ସ୍ପିଡ୍ ଚାମ୍ପିଅନ୍ସ ଏବଂ ଏକ ଫୁଟବଲ୍ ସିଜନ୍ ସଂଗ୍ରହ ସମେତ ୩୦ ରୁ ଅଧିକ ଥିମ୍ ରେ ୧୦୦ ରୁ ଅଧିକ ନୂତନ ସେଟ୍ ଉପଲବ୍ଧ। ଭାବନା ମାଣ୍ଡନ, କଣ୍ଟ୍ରି ମ୍ୟାନେଜର- ଇଣ୍ଡିଆ, ଦି ଲେଗୋ ଗ୍ରୁପ୍ କହିଛନ୍ତି, "ଭାରତରେ ଲେଗୋ ଉତ୍ପାଦଗୁଡ଼ିକ ପ୍ରତି ପ୍ରତିକ୍ରିୟା ବୟସ୍କ ଗୋଷ୍ଠୀ ମଧ୍ୟରେ ହାତପାଖିଆ ସୃଜନଶୀଳତାର ବୃଦ୍ଧି ପାଉଥିବା ଆକର୍ଷଣକୁ ପ୍ରତିଫଳିତ କରେ, ପିଲାମାନେ ଖେଳକୁଦ ଶିକ୍ଷାର ଆନନ୍ଦ ଆବିଷ୍କାର କରିବାଠାରୁ ଆରମ୍ଭ କରି ବୟସ୍କମାନେ ସଚେତନ ଖେଳ ଏବଂ ସଂଗ୍ରହଣୀୟ ସାମଗ୍ରୀର ଆଗ୍ରହକୁ ଅନୁସନ୍ଧାନ କରିବା ପର୍ଯ୍ୟନ୍ତ। ଆମେ ସାରା ଦେଶରେ ପ୍ରଶଂସକମାନେ ଲେଗୋ ଅଭିଜ୍ଞତାକୁ କିପରି ଆବିଷ୍କାର କରନ୍ତି ଏବଂ ସେଥିରେ ଜଡିତ ହୁଅନ୍ତି ତାହା ବିସ୍ତାର କରିବା ଜାରି ରଖିଥିବାରୁ, ଆମାଜୋନ.ଇନ ଭଳି ଅଂଶୀଦାରମାନେ ଆମକୁ ଅଧିକ ବିଲ୍ଡରଙ୍କ ପାଖରେ ପହଞ୍ଚିବାରେ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଲେଗୋ ସେଟ୍ ସଂଗ୍ରହ, ସୃଷ୍ଟି ଏବଂ ବୃଦ୍ଧି କରିବାରେ ଆଗ୍ରହ ବୃଦ୍ଧି ପାଇବା ସହିତ, ଆମେ ଅଧିକ ଭାରତୀୟଙ୍କୁ ଖେଳର ଆନନ୍ଦ ଏବଂ ନିର୍ମାଣର ଅସୀମ ସମ୍ଭାବନାର ନିକଟତର କରିବାକୁ ଅପେକ୍ଷା କରିଛୁ।" ଆମାଜୋନ.ଇନ ରେ ଲେଗୋ ଏକ କ୍ରସ୍-ପେରେସନଲ୍ ବ୍ରାଣ୍ଡ ପାଲଟିଛି - ପିଲାଙ୍କଠାରୁ କଲେକ୍ଟରଙ୍କ ପର୍ଯ୍ୟନ୍ତ, ପ୍ରାଇମ୍ ସଦସ୍ୟମାନେ ପ୍ରତ୍ୟେକ ସେଗମେଣ୍ଟରେ ଚାହିଦା ବୃଦ୍ଧି କରୁଛନ୍ତି। ଆଇଏନଆର ୫୦୦୦ରୁ ଅଧିକ ପ୍ରିମିୟମ୍ ସେଟ୍ ଆମର ଫାଷ୍ଟ-ମୁଭିଙ୍ଗ ଉତ୍ପାଦ ମଧ୍ୟରୁ ଗୋଟିଏ, ଟେକ୍ନିକ୍, ଆଇକନ୍ ଏବଂ ସ୍ପିଡ୍ ଚାମ୍ପିଅନ୍ସ ଭଳି ଥିମ୍ ମେଟ୍ରୋ ସହର ବାହାରେ ମଧ୍ୟ ବୃଦ୍ଧି ପାଉଛି। ଆମେ ଭାରତର ବିସ୍ତୃତ ଲେଗୋ ସିଲେକ୍ସନକୁ ଆମର ଗ୍ରାହକମାନେ ଆଶା କରୁଥିବା ଦ୍ରୁତ, ନିର୍ଭରଯୋଗ୍ୟ ବିତରଣ ସହିତ ମିଶ୍ରଣ କରୁଛୁ।' ବୋଲି କହିଛନ୍ତି - ଅମନ ଲୋହାନ, ଡାଇରେକ୍ଟର - ହୋମ୍, କିଚେନ୍ ଆଣ୍ଡ ଆଉଟଡୋର୍ସ, ଆମାଜନ୍ ଇଣ୍ଡିଆ। ପ୍ରଶଂସକ ଏବଂ ଉତ୍ସାହୀମାନଙ୍କ ପାଇଁ ପପ୍ ସଂସ୍କୃତି, ଗେମିଂ ଏବଂ ଫ୍ୟାଣ୍ଟାସିରେ ପ୍ରିମିୟମ୍ ସେଟ୍ ଉପଲବ୍ଧ ସୁପର ହିରୋ, ସୁପର ମାରିଓ, ଜୁରାସିକ୍ ୱାର୍ଲ୍ଡ ଏବଂ ଅନ୍ୟାନ୍ୟ ଥିମ୍ ପରି ୮୦ ରୁ ଅଧିକ ପ୍ରିମିୟମ୍ ସଂଗ୍ରହକାରୀ-ଗ୍ରେଡ୍ ଲେଗୋ ସେଟ୍ ଆମାଜୋନ.ଇନ ରେ ଉପଲବ୍ଧ ଏହି ଜୁଲାଇରେ, ଆମାଜନ୍ ପ୍ରାଇମ୍ ଡେ ଏହାର ଦଶମ ସଂସ୍କରଣ ପାଇଁ ଭାରତରେ ଫେରି ଆସିଛି। ପ୍ରାଇମ୍ ସଦସ୍ୟମାନେ ମହାନ ଡିଲ୍, ଅଧିକ ସଞ୍ଚୟ, ରୋମାଞ୍ଚକର ନୂତନ ଶୁଭାରମ୍ଭ, ବ୍ଲକବଷ୍ଟର ମନୋରଞ୍ଜନ ଏବଂ ଅଧିକ ଆଶା କରିପାରିବେ।

ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍ ଟିଏଚଇ ସଷ୍ଟେନାବିଲିଟି ଇମ୍ପାକ୍ଟ ରେଟିଙ୍ଗ୍ସ ୨୦୨୬ରେ ୩୭ତମ ସ୍ଥାନ ହାସଲ

ଭୁବନେଶ୍ୱର, ୨୫।୬ (ନି.ପ୍ର): ଅମ୍ରିତା ବିଶ୍ୱ ବିଦ୍ୟାପୀଠମ, ଟାଇମ୍ସ ହାୟର ଏଜୁକେଶନ (ଟିଏଚଇ) ସଷ୍ଟେନାବିଲିଟି ଇମ୍ପାକ୍ଟ ରେଟିଙ୍ଗ୍ସ୨୦୨୬ରେ, ଶିକ୍ଷ, ଉଦ୍ଭାବନ ଓ ଭିତିଭୂମି (ଏସଡିଜି ୯) ବିଭାଗରେ ଭାରତରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସମ୍ମାନ ସ୍ଥାୟୀ ଭିତିଭୂମି ଗଠନ, ସମାବେଶୀ ଓ ସ୍ଥାୟୀ ଶିକ୍ଷାୟନକୁ ପ୍ରୋତ୍ସାହନ ଓ ଉଦ୍ଭାବନକୁ ବିକଶିତ କରିବାରେ ବିଶ୍ୱବିଦ୍ୟାଳୟର ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି। ପୂର୍ବରୁ ଟିଏଚଇ ଇମ୍ପାକ୍ଟ ର୍ୟାଙ୍କିଙ୍ଗ୍ସ ଭାବେ ପରିଚିତ ଏହି ପ୍ରତିଷ୍ଠିତ ମୂଲ୍ୟାଙ୍କନ ପ୍ରଣାଳୀ ହେଉଛି ବିଶ୍ୱର ଏକମାତ୍ର ଗ୍ଲୋବାଲ ପର୍ଫର୍ମାନ୍ସ ଟେବୁଲ ଯାହା ମିଳିତ ଜାତିସଂଘର ୧୭ ଏସଡିଜି ପ୍ରତି ବିଶ୍ୱବିଦ୍ୟାଳୟଗୁଡିକ କିଭଳି କାର୍ଯ୍ୟ କରୁଛନ୍ତି ତାହାକୁ ମୂଲ୍ୟାଙ୍କନ କରିଥାଏ। ବିଶ୍ୱର ୧୧୫ରୁ ଅଧିକ ଦେଶର ୧୫୦୦ରୁ ଅଧିକ ଶିକ୍ଷାନୁଷ୍ଠାନ ମଧ୍ୟରେ ଅମ୍ରିତା ବିଦ୍ୟାପୀଠମ ୩୭ତମ ର୍ୟାଙ୍କ ହାସଲ କରିଛି। ଏହି ଫଳାଫଳ ଇଣ୍ଡୋନେସିଆର ଜାକର୍ତାରେ ଆୟୋଜିତ ଗ୍ଲୋବାଲ ସଷ୍ଟେନେବୁଲ ଡେଭ୍ଲପମେଂଟ କଂଗ୍ରେସ ୨୦୨୬ରେ ଘୋଷଣା କରାଯାଇଛି। ଅମ୍ରିତା ବିଶ୍ୱ ବିଦ୍ୟାପୀଠମ ୫ଟି ଏସଡିଜି ବିଭାଗରେ ବିଶ୍ୱର ଶୀର୍ଷ ୨୫ ମଧ୍ୟରେ ସ୍ଥାନ ଅର୍ଜନ କରିଛି, ତାହା ହେଉଛି ଗୁଣାତ୍ମକ ଶିକ୍ଷା (ଏସଡିଜି ୪), ଲିଙ୍ଗଗତ ସମାନତା (ଏସଡିଜି ୫), ଦାରିଦ୍ର୍ୟ ନିରାକରଣ (ଏସଡିଜି ୧), ସ୍ୱଚ୍ଛ ଜଳ ଓ ପରିଷ୍କାରତା (ଏସଡିଜି ୬) ଏବଂ ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସଡିଜି ୭)।

ଏହି ସ୍ୱୀକୃତି ପାଇଁ ବିଶ୍ୱବିଦ୍ୟାଳୟର ଚାନ୍ସେଲର ଏବଂ ଆଧାତ୍ମିକ ନେତୃତ୍ୱବାଦୀ ପୂଜ୍ୟ ଶ୍ରୀ ମାତା ଅମୃତାନନ୍ଦମୟୀ ଦେବୀ (ଅମ୍ମା) ଟିଏଚଇ ଇମ୍ପାକ୍ଟ ରେଟିଙ୍ଗ୍ସକୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ର୍ୟାଙ୍କିଙ୍ଗ ବିଶ୍ୱବିଦ୍ୟାଳୟ ଓ ଗବେଷକଙ୍କୁ କେବଳ ଅନୁଦାନ, ପ୍ରକାଶନ କିମ୍ବା ବୁଦ୍ଧିମତା ଆଧାରରେ ନୁହେଁ ବରଂ ସମାଜ ଉପରେ ପଡୁଥିବା ପ୍ରାକୃତିକ ପ୍ରଭାବ ଆଧାରରେ ମୂଲ୍ୟାଙ୍କନ କରୁଛି। ଆମେ ଏହା ଭାବିବା ଉଚିତ ଯେ, ସମାଜର ସବୁଠାରୁ ଦୁର୍ବଳ ଓ ବଂଚିତ ବର୍ଗଙ୍କ ସେବା ପାଇଁ ଆମର ଗବେଷଣା କେତେ ମାତ୍ରାରେ ଉପଯୋଗ1 ହୋଇପାରୁଛି। ଏହା ଆମର ପ୍ରଭାବକୁ ଅଧିକ ବ୍ୟାପକ ଓ ଅର୍ଥପୂର୍ଣ୍ଣ କରିବ।' ସେହିପରି ବିଶ୍ୱ ବିଦ୍ୟାଳୟର ପ୍ରୋ-ଭାଇସ ଚାନ୍ସେଲର ଏବଂ ସ୍କୁଲ୍ ଫର ସଷ୍ଟେନାବିଲିଟି ଫ୍ୟୁଚର୍ସର ଡିନ୍ ଡଃ ମନୀଷା ଭି.ରମେଶ କହିଛନ୍ତି, 'ଶିକ୍ଷ, ଉଦ୍ଭାବନ ଓ ଭିତିଭୂମି ବିଭାଗରେ ଭାରତରେ ପ୍ରଥମ ସ୍ଥାନ ଅଧିକାର କରିବା ଆମର ଦୀର୍ଘଦିନର ବିଶ୍ୱାସକୁ ସ୍ଥାପିତ କରୁଛି ଯେ, ପ୍ରଯୁକ୍ତିର ସତ୍ୟ ମୂଲ୍ୟ ସେତେବେଳେ ପ୍ରକାଶ ପାଇଥାଏ, ଯେତେବେଳେ ଏହା ଅତ୍ୟାବଶ୍ୟକ ଲୋକଙ୍କ ପାଖରେ ପହଂଚିଥାଏ।। ଭୂସ୍ଖଳନ ପ୍ରବଣ ଅଂଚଳରେ ପୂର୍ବ ସତର୍କତା ପ୍ରଣାଳୀରୁ ଆରମ୍ଭ କରି ଦୂରସ୍ଥ ଗ୍ରାମଗୁଡ଼ିକୁ ସ୍ୱଚ୍ଛ ପାଣି ପହଂଚାଇବା ପର୍ଯ୍ୟନ୍ତ, ଆମେ ଆମର ଗବେଷଣାକୁ ତାହାର ପ୍ରକାଶନ ଦ୍ୱାରା ନୁହେଁ, ବରଂ ଏହା ଯେଉଁ ଜୀବନଗୁଡ଼ିକୁ ସୁରକ୍ଷା ଓ ଉନ୍ନତ କରିଛି ସେହି ଆଧାରରେ ମୂଲ୍ୟାଙ୍କନ କରୁ। ଭାରତର ୨,୮୦୦ ଗ୍ରାମରେ ଆମର କାର୍ଯ୍ୟକ୍ରମ ପ୍ରମାଣ କରେ ଯେ ଗବେଷଣାକୁ ଯେତେବେଳେ ଲୋକଙ୍କ ଜୀବନ ପରିବର୍ତନ କରୁଥିବା ସମାଧାନରେ ପରିଣତ କରାଯାଏ, ସେତେବେଳେ ହିଁ ପ୍ରକୃତ ପ୍ରଭାବ ସୃଷ୍ଟି ହୁଏ। ଏହି ସମ୍ମାନ ଆମ ସହ ଏହି ଉଦ୍ଭାବନ ଓ ସେବା ଯାତ୍ରାରେ ସାମିଲ ହୋଇଥିବା ପ୍ରତ୍ୟେକ ସମୁଦାୟର ଅଟେ।

କେଏଫସି ର ନୂଆ ଡବଲ ଚିକେନ ଡାଇନାମାଇଟ୍ ମାତ୍ର ୨୧୯ ଟଙ୍କାରେ

ଭୁବନେଶ୍ୱର, ୨୫।୬ (ନି.ପ୍ର) : ଭାରତରେ ସବୁବେଳେ ଅସାଧାରଣ ଖାଦ୍ୟ ମିଶ୍ରଣ ପାଇଁ ଭଲ ପାଇବା ରହିଆସିଛି- ଯାହା ପ୍ରଥମେ ଅପ୍ରତ୍ୟାଶିତ ମନେ ହୋଇଥାଏ ଏବଂ ପରେ ପ୍ରଥମ ବାଇଟ ସହ ସ୍ୱାଦିଷ୍ଟ ଲାଗିଥାଏ। ରାସ୍ତା କଡର ଉଦ୍ଭାବନଠାରୁ ଆରମ୍ଭ କରି ୟୁଟ୍ୟୁବ ପାଇଁ ଖାଦ୍ୟ ସହ ପରୀକ୍ଷଣ ପର୍ଯ୍ୟ' ଅସମ୍ଭବ ଯୋଡିଗୁଡିକରେ ଭାରତର ହୃଦୟରେ ପ୍ରବେଶ କରିବାର ଏକ ପଥ ରହିଥାଏ। କେଏଫସି ଇଣ୍ଡିଆ ମଧ୍ୟ ଏହାର ନୂଆ ଡବଲ ଚିକେନ ଡାଇନାମାଇଟର ଲଂଚ୍ ସହି ଏହି ପ୍ରବୃତିକୁ ଉପଯୋଗ କରିଛି, ଯେଉଁଠାରେ ସମ୍ପୂର୍ଣ୍ଣ ପାଗଳାମି ଲାଗୁଥିବା ଏକ ନୂଆ ମେନ୍ୟୁ ଅଫରିଂ ସୃଷ୍ଟି କରିବା ପାଇଁ ଦୁଇଟି ଦୁନିଆ ପରସ୍ପରକୁ ଭେଟିଛନ୍ତି। ଅଲ୍-ଚିକେନ ନୋ ବନ ବର୍ଗରରେ ସ୍ୱାଦିଷ୍ଟ କୋରିଆନ ନୁଡଲ୍ସ, ସିଗ୍ନେଚର ସ୍ପାଇସି ମାୟୋ ଓ ଚିନ ସହ ଲୋଡ୍ ହୋଇଥିବା ଦୁଇଟି କ୍ରିସ୍ପି ଜିଙ୍ଗର ଫିଲେଟ ରହିଛି ଏବଂ ଏହା ବୋଲ୍ଡ ସ୍ପାଇସଗୁଡିକ ସହ ଟପ୍ ହୋଇଛି, ଯାହା ଏକ ଅଦ୍ଭୁତ ମିଶ୍ରଣ ସୃଷ୍ଟି କରୁଛି ଯାହା କ୍ରଂଚି, ଚିଜି ଓ ଅତ୍ୟନ୍ତ ସ୍ୱାଦିଷ୍ଟ ଅଟେ।

ଆପଣ ଜଣେ ଚିକେନପ୍ରେମୀ ହୋଇଥାନ୍ତୁ, କିମ୍ବା ନୁଡଲ ପ୍ରେମୀ କିମ୍ବା ଏଭଳି ଜଣେ ବ୍ୟକ୍ତି ଯିଏ ବିଶ୍ୱାସ କରନ୍ତି ଯେ, ଭଲ ଖାଦ୍ୟ ସେତେବେଳେ ସୃଷ୍ଟି ହୋଇଥାଏ ଯେତେବେଳେ ନିୟମ ବିରୁଦ୍ଧରେ ତାହାକୁ ପ୍ରସ୍ତୁତ କରାଯାଇଥାଏ, ଡବଲ ଚିକେନ ଡାଇନାମାଇଟ ଏଠାରେ ତାହା ପ୍ରମାଣିତ କରୁଛି ଯେ, ବେଳେବେଳେ 'କାହିଁକି ନୁହେଁ?' ସର୍ବୋତମ ଉତର ଅଟେ। ୨୯ ଜୁନ ୨୦୨୬ ପରଠାରୁ ଅଲ୍-ନ୍ୟୁ ଡବଲ ଚିକେନ ଡାଇନାମାଇଟ ଭାରତର ସମସ୍ତ ୧୪୦୦ରୁ ଅଧିକ କେଏଫସି ରେଷ୍ଟୁରାଂଟରେ ଡାଇନ୍-ଇନ ଓ ଟେକ୍ଆୱେ ପାଇଁ ଉପଲବ୍ଧ ହେବ, ଏଥିସହିତ କେଏଫସି ଆପ, ୱେବସାଇଟ (https://online.kfc.co.in/) ମାଧ୍ୟମରେ ଓ ଅଗ୍ରଣୀ ଫୁଡ ଡେଲିଭରି ଆପ୍ଗୁଡିକ ମାଧ୍ୟମରେ ମଧ୍ୟ ଉପଲବ୍ଧ ହେବ।

ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା ଦେଲା ଏମଜିଏମ୍ ଟ୍ରଷ୍ଟ

ଭୁବନେଶ୍ୱର, ୨୫।୬ (ନି.ପ୍ର) : ମାଷ୍ଟର ଗିରିଜା ମେମୋରିଆଲ (ଏମଜିଏମ) ରୋଡ ସେଫ୍ଟି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ନିର୍ମିତ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ସମୟ' ର ଶୁଭ ଉନ୍ମୋଚନ ସ୍ଥାନୀୟ ରୋଟାରୀ ଭବନଠାରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ସମ୍ପନ୍ନ ହୋଇଯାଇଛି। ସମାଜରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି କରିବା ଏବଂ ଜୀବନର ମୂଲ୍ୟବୋଧକୁ ଉପଲବ୍ଧି କରାଇବା ଉଦ୍ଦେଶ୍ୟରେ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଟ୍ରଷ୍ଟି ସାଗର ଦାଶ ସଭାର ଶୁଭାରମ୍ଭ କରି ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ 'ସମୟ' କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ସଡ଼କ ସୁରକ୍ଷା ପ୍ରତି ସମାଜକୁ ସଚେତନ କରିବା ଦିଗରେ ଏକ ସାମାଜିକ ବାର୍ତା ବୋଲି କହିଥିଲେ। ଲୋକପ୍ରିୟ ନିର୍ଦ୍ଦେଶକ ଆର୍ଯ୍ୟନ ରାୟ ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି କ୍ଷୁଦ୍ର ଚଳଚ୍ଚିତ୍ର ଦୁର୍ଘଟଣା ରୋକିବା ନିମନ୍ତେ ଯୁବ ସମାଜ କୁ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ଦର୍ଶକ ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଏମଜିଏମ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଅମୀୟବାଳା ପରିଡ଼ା, ଟ୍ରଷ୍ଟର ଚେୟାରମ୍ୟାନ ଗୌରକିଶୋର ପରିଡ଼ା, ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଚ୍ଛାୟତ, ସମାଜସେବୀ ଶୁଭଶ୍ରୀ ଦାସ, ରୋଟାରିଆନ ସବିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାନେଜିଂ ଟ୍ରଷ୍ଟିତଥା ଚଳଚ୍ଚିତ୍ରର ପ୍ରଯୋଜିକା ଶ୍ରୀମତୀ ଅମୀୟବାଳା ପରିଡ଼ା କହିଥିଲେ ଯେ ସ୍ୱର୍ଗତ ମାଷ୍ଟର ଗିରିଜାଙ୍କ ସ୍ମୃତିରେ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏହା ମାଧ୍ୟମରେ ସଡ଼କ ଦୁର୍ଘଟଣା ସମ୍ପର୍କରେ ଏକ ସଶକ୍ତ ସାମାଜିକ ବାର୍ତା ପ୍ରଦାନ କରିବାର ପ୍ରୟାସ କରାଯାଇଛି। ଶେଷରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା 'ସମୟ' କ୍ଷୁଦ୍ର ଚଳଚ୍ଚିତ୍ରର ଔପଚାରିକ ଉନ୍ମୋଚନ କରାଯାଇଥିଲା । ଏହି ଚଳଚ୍ଚିତ୍ର ଦର୍ଶକଙ୍କ ମନରେ ସଡ଼କ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ସହିତ ଜୀବନର ମହତ୍ତ୍ୱକୁ ଅନୁଭବ କରାଇବ ବୋଲି ଆଶା ପ୍ରକାଶ ପାଇଥିଲା। ଚଳଚ୍ଚିତ୍ରର ନିର୍ମାଣ ଓ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସତ୍ୟଜିତ୍, ସମ୍ବିତ୍, ରାଜ୍, ଓମ୍ ଓ ଶୁଭମ୍ ପ୍ରମୁଖ ଭୂମିକା ନିଭାଇଥିଲେ। ସେମାନଙ୍କର ସହଯୋଗ ଓ ନିଷ୍ଠା ପାଇଁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ।

ବର୍ଷ ବର୍ଷର ଯନ୍ତ୍ରଣା ପରେ, ହାତୀ ମାଣିକିକୁ ବନତାରାରେ ମିଳିଲା ନୂତନ ଜୀବନ

ଜାମନଗର, ୨୫।୬ (ନି.ପ୍ର) : ପ୍ରାୟ ୪୮ ବର୍ଷ ବୟସର ମାଣିକି ନାମକ ଏକ ହାତୀ ଚିକିତ୍ସା ଏବଂ ଉନ୍ନତ ଯତ୍ନ ପାଇଁ ଜାମନଗର ସ୍ଥିତ ବନତାରାରେ ପହଞ୍ଚିଛି। କିଛି ବର୍ଷ ଧରି, ସେ ନିଜର ଆଗ ବାମ ଗୋଡ଼ରେ ଏକ ଗମ୍ଭୀର ସମସ୍ୟା ସହିତ ସଂଘର୍ଷ କରୁଥିଲା, ଯାହା ଦ୍ୱାରା ଚାଲିବାରେ ବହୁତ ଅସୁବିଧା ସୃଷ୍ଟି ହେଉଥିଲା। ବୟସ ସହିତ ଏହାର ଅବସ୍ଥା ଖରାପ ହୋଇଯାଇଥିଲା ଏବଂ ଶରୀରରେ ଜଳ କମ ହୋଇଯାଇଥିଲା। ଅନେକ କ୍ଷତ ସଂକ୍ରମିତ ହୋଇଯାଇଥିଲା ଏବଂ ଗୋଟିଏ ଆଖିରେ ଦୃଷ୍ଟି ଶକ୍ତି ଦୁର୍ବଳ ହୋଇଯାଇଥିଲା।

କିଛି ଦିନ ପୂର୍ବରୁ ଆସାମକୁ ଚିକିତ୍ସା ପାଇଁ ନିଆଯାଇଥିବା ସମୟରେ ମାଣିକିର ଏକ ଭିଡିଓ ଲୋକଲୋଚନକୁ ଆସିଥିଲା। ଭିଡିଓରେ ସେ ଏକ ରାସ୍ତାରେ ଯନ୍ତ୍ରଣାରେ ଛୋଟେଇ ଛୋଟେଇ ଚାଲୁଥିବା ଦେଖାଯାଇଥିଲା। ଏହି ଭିଡିଓ ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହା ଫଳରେ ସାରା ଦେଶବାସୀ ଏହା ପାଇଁ ଉପଯୁକ୍ତ ଚିକିତ୍ସା ଏବଂ ଉତ୍ତମ ଯତ୍ନ ଦାବି କରିଥିଲେ।

ମାଣିକିର ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି, ତାଙ୍କ ମାଲିକ ରୁଚି ଚେତିଆ ଏହାକୁ ବନତାରାକୁ ସ୍ଥାନାନ୍ତର କରିବା ପାଇଁ ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ କମିଟିଠାରୁ ଅନୁମତି ମାଗିଥିଲେ। ଏହି କମିଟି ସହିତ, ଆସାମ ଏବଂ ଗୁଜରାଟ ସରକାର ମଧ୍ୟ ଅନୁମୋଦନ ପ୍ରଦାନ କରିବା ପରେ ମାଣିକିକୁ ସୁରକ୍ଷିତ ଭାବରେ ଜାମନଗର ସ୍ଥାନାନ୍ତରିତ କରା ଯାଇଥିଲା। ବନତାରାର ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ମାଣିକିକୁ ଦୀର୍ଘକାଳୀନ ବିଶେଷଜ୍ଞ ଚିକିତ୍ସାର ଆବଶ୍ୟକତା ରହିଛି। ଏହାର ଯନ୍ତ୍ରଣାକୁ କମ କରିବା ପାଇଁ ଔଷଧ ଦିଆଯିବ ଏବଂ ହାଇଡ୍ରୋଥେରାପି, ଆକୁପଙ୍କଚର, କ୍ଷତର ଉପଚାର ଏବଂ ପୁଷ୍ଟିକର ଖାଦ୍ୟ ଦିଆଯିବ। ଏହାର ସ୍ୱାସ୍ଥ୍ୟ ଉପରେ ଲଗାତାର ନଜର ରଖାଯିବ। ବନତାରାର ଜଣେ ମୁଖପାତ୍ର କହିଛନ୍ତି ଯେ, ଚିକିତ୍ସା ସହିତ, ମାଣିକିର ଆରାମ ସୁନିଶ୍ଚିତ କରିବା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯିବ। ଏହାର ଆହତ ଗୋଡ଼ ଉପରେ ଚାପ କମ କରିବା ପାଇଁ ଏକ ନରମ ଭୂମି ପ୍ରସ୍ତୁତ କରାଯାଇଛି, ଏବଂ ଏହା ପାଖରେ ପ୍ରାକୃତିକ ପୋଖରୀର ସୁବିଧା ରହିବ, ଯାହା ମାଣିକିର ଗୋଡ଼କୁ ଆରାମ ଦେବ। ସେ ଅନ୍ୟ ହାତୀମାନଙ୍କ ସହିତ ଏକ ପ୍ରାକୃତିକ ପରିବେଶରେ ରହିପାରିବ।

ସେ ଆହୁରି କହିଛନ୍ତି ଯେ ବନତାରାରେ ମାଣିକିର ଆଗମନ ଏହା ଦର୍ଶାଉଛି ଯେ ଜନସାଧାରଣଙ୍କ ସହାନୁଭୂତି ଏବଂ ସବୁ ପକ୍ଷଙ୍କ ସହଯୋଗ ମାଧ୍ୟମରେ ଯେକୌଣସି ପ୍ରାଣୀଙ୍କ ଜୀବନରେ ପରିବର୍ତନ ଅଣାଯାଇପାରିବ। ମାଣିକିଙ୍କ ଯନ୍ତ୍ରଣା ଭରା ଦିନ ଏବେ ଶେଷ ହୋଇଛି। ବନତାରାରେ, ସେ ଏକ ସୁରକ୍ଷିତ ପରିବେଶ, ଉନ୍ନତ ଚିକିତ୍ସା ସେବା ଏବଂ ସମ୍ମାନର ସହିତ ଜୀବନ ବଞ୍ଚିବାର ଅବସର ପାଇବ। ବନତାରାର ପ୍ରତିଷ୍ଠା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା କରାଯାଇଥିଲା। ଏହା ପଶୁ ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ଦୀର୍ଘକାଳୀନ ଯତ୍ନ ପାଇଁ ଉତ୍ସର୍ଗୀକୃତ ଏକ ବିଶ୍ୱସ୍ତରୀୟ କେନ୍ଦ୍ର। ଏଠାରେ ଅତ୍ୟାଧୁନିକ ବନ୍ୟପ୍ରାଣୀ ହସ୍ପିଟାଲ ରହିଛି। ଏଠାରେ ହାତୀମାନଙ୍କ ପାଇଁ ବିଶ୍ୱର ସର୍ବବୃହତ ହସ୍ପିଟାଲ ମଧ୍ୟରୁ ଅନ୍ୟତମ ରହିଛି। ଏଠାରେ, ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ପ୍ରାଣୀମାନେ ଆବଶ୍ୟକ ଚିକିତ୍ସା ଏବଂ ଯତ୍ନ ପାଇଥାନ୍ତି।

ଆଞ୍ଚଳିକ ମନ୍ଥନ

ଶୁକ୍ରବାର, ୨୬ ଜୁନ୍ ୨୦୨୬, ଭୁବନେଶ୍ୱର Friday, 26 June 2026, Bhubaneswar

ଖପରାଖୋଲ ଥାନା ପରିସରରେ ବୃକ୍ଷରୋପଣ

ବଲାଙ୍ଗିର, ୨୫।୬ (ନି.ପ୍ର): ଆଜି ବଲାଙ୍ଗୀର ଜିଲ୍ଲା ଖପରାଖୋଲ ଥାନାରେ ପରିବେଶର ସନ୍ତୁଳନ ରକ୍ଷା କରିବା ସହ ଦେଶବ୍ୟାପୀ ଚାଲିଥିବା 'ଏକ ପେଡ଼ ମାଁ କେ ନାମ' ଅଭିଯାନ ଅନ୍ତର୍ଗତ ବୃକ୍ଷରୋପଣ କରାଯାଇଛି ।ଏହି ଅବସରରେ ଖପରାଖୋଲ ଥାନା ଆଇଆଇସି ସମ୍ମାନୀତ ନରେନ୍ଦ୍ର ଛତରଙ୍କ ଉପସ୍ଥିତିରେ, ପ୍ରକୃତି ବନ୍ଧୁ ତଥା ଜାତୀୟ ସ୍ତରୀୟ କରାଟେ ପ୍ରଶିକ୍ଷକ ଅସିମ କୁମାର ଭୋଇ ନିଜ

ମା'ଙ୍କ ସ୍ମୃତି ଓ ସମ୍ମାନରେ ଏକ ବୃକ୍ଷରୋପଣ କରିଥିଲେ। ମା' ଏବଂ ପ୍ରକୃତି ଉଭୟ ଆମକୁ ଜୀବନ ଦେଇଥାନ୍ତି, ତେଣୁ ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ଆସନ୍ତୁ ଆମେ ସମସ୍ତେ ମଧ୍ୟ ନିଜ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇ ଏହି ଅଭିଯାନକୁ ସଫଳ କରିବା ଏବଂ ପୃଥିବୀକୁ ସବୁଜ ସୁନ୍ଦର କରିବା । ଯୁବ ସମାଜ ସେବି ଅସିମ କୁମାର ଭୋଇ ନିଜ ମା'ଙ୍କ ନାମରେ ଏହି ବୃକ୍ଷରୋପଣ କରି ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି। ପ୍ରକାଶ ଥାଉ କି ଗତ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜି ଇସ୍ୱଲ୍ ଅସୀମ କୁମାର୍ ଭୋଇଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର ସହ ମାନପତ୍ର ଓ ଦଶ ହଜାର ଟଙ୍କା ର ଚେକ୍ ପ୍ରଦାନ କରିଥିଲେ।

ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ଶିକ୍ଷମନ୍ତ୍ରୀଙ୍କ ଗୁରୁତ୍ୱ

ଶ୍ରମିକ ମାନଙ୍କ ପାଇଁ ପାରାଦୀପ ରେ ଯୋଗାଇ ଦିଆଯିବ ଉନ୍ନତ ମାନର ସ୍ୱାସ୍ଥ୍ୟସେବା

ପାରାଦୀପ, ୨୫।୬ (ନି.ପ୍ର): ପାରାଦୀପକୁ ଭିତିକରି ମାତ୍ରାଧିକ ଭାବେ ଗଢି ଉଠିଛି ଶିଳ୍ପ, ଶିଳ୍ପାୟାନ । ଏହି ଶିଳ୍ପ ରେ ବିଭିନ୍ନ ବର୍ଗର ଶ୍ରମିକ ମାନେ କାମକରି ଦେଶ ତଥା ରାଜ୍ୟର ଅର୍ଥନୀତି କୁ ସୁଦୃଢ଼ କରୁଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ସେବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଯାହାକୁ ନେଇ ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଣିଛନ୍ତି ବିରାଟ ପରିବର୍ତ୍ତନ । ଯୋଉ ପରିବର୍ତ୍ତନ ସମଗ୍ର ଶ୍ରମିକ ଭାଇ ମାନଙ୍କ ମୁହଁରେ ହସ ଫୁଟାଇବାସହ ଜିଲ୍ଲାରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ପ୍ରତି ଆସୁଥିବା ବିରାଟ ପରିବର୍ତ୍ତନ ର ଶ୍ରେୟ ନେବାକୁ ଯାଉଛନ୍ତି ଶ୍ରୀ ସ୍ୱାଇଁ । ଏ ବିଷୟରେ ଶ୍ରୀ ସ୍ୱାଇଁଙ୍କୁ ପଚାରିବାରେ ଶ୍ରମିକ ସୁସ୍ଥ ରହିଲେ ଶିଳ୍ପ ର ପ୍ରଗତି ହେବ, ଶିଳ୍ପ ର ପ୍ରଗତି ହେଲେ ରାଜ୍ୟ ତଥା ଦେଶର ଆର୍ଥିକ ମାନଦଣ୍ଡ ସଶକ୍ତ ହେବା ସହିତ ଏକ ବିକଶିତ ରାଜ୍ୟ ତଥା ଦେଶ ନିର୍ମାଣ ର ଲକ୍ଷ ସମ୍ପୂର୍ଣ୍ଣ ହେବ କହିଥିଲେ କ୍ଷ ଯାହାକୁ ସାକାର କରୁଛନ୍ତି ପାରାଦୀପ ର ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପାରାଦୀପ ତାରିଣୀଗଡା ଠାରେ ରହିଥିବା ଇଏସଆଇ ହସ୍ପିଟାଲ ତରଫରୁ ବୋନ ମିନେରାଲ ଡେନ୍ସିଟି କ୍ୟାମ୍ପ ଆୟୋଜନ ଅବସରରେ ପାରାଦୀପ ଇଏସଆଇ ହସ୍ପିଟାଲ ର ଯୁଗ୍ମ ନିର୍ଦ୍ଦେଶକ ଡା.ଦିଲ୍ଲିପ କୁମାର ସାହୁ ମଣିଷ ସୁସ୍ଥ ରହିବାକୁ ହେଲେ ଖାଦ୍ୟର ଗୁଣାତ୍ମକ ମାନ ଉପରେ ପ୍ରଥମେ ଦୃଷ୍ଟି ଦେବାସହ କିପରି ସଚେତନତା ଅବଲମ୍ବନ କରିବେ ବୁଝାଇ କହିଥିଲେ । ଆଜିକାଲି ମଣିଷ ର ବ୍ୟସ୍ତ ବହୁଳ ଜୀବନଚର୍ଯ୍ୟା ଭିତରେ ବିଭିନ୍ନ ପ୍ରକାର ଜଙ୍କଫୁଡ ସହିତ ବିଭିନ୍ନ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ଅନେକ ପ୍ରକାର ରୋଗ ସୃଷ୍ଟି ହେଉଛି। ଏଥିରେ ଏକ ଗୁରୁତର ରୋଗ ଭାବରେ ଅସ୍ଥି ର ରୋଗ ସୃଷ୍ଟି ହେବା ସହିତ ହାଡ଼ ଦୁର୍ବଳ ହୋଇ ହାଡରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଯାହା ଫଳରେ ବୟସ ବଢିବା ସହିତ ହାଡ଼ ରେ କୌଣସି ଆଘାତ ସୃଷ୍ଟି ହେଲେ ଏହା ଗୁରୁତର ସମସ୍ୟା ସୃଷ୍ଟି ହେଉଛି କ୍ଷ ଯାହାକୁ ନେଇ ଅତ୍ୟାଧୁନିକ ଜ୍ଞାନ କୌଶଳ ର ଚିକିତ୍ସା ଯାହା ବିଭିନ୍ନ ମେଡିକାଲ ରେ ବ୍ୟୟବହୁଳ ହେଉଥିବା ବେଳେ ପାରାଦୀପ ଇଏସଆଇ ହସ୍ପିଟାଲ ତରଫରୁ ସମ୍ପୂର୍ଣ୍ଣ ନିଃଶୁଳ୍କ ସେବା ଯୋଗାଇବା ସହତ ପାରାଦୀପ ଶିଳ୍ପାଞ୍ଚଳ ରେ କାର୍ଯ୍ୟ କରୁଥିବା ଶ୍ରମିକ ଓ ତାଙ୍କ ପରିବାର ର ସଦସ୍ୟ ମାନଙ୍କୁ ଏହି ଟେଷ୍ଟ କରାଯିବା ସହିତ ଆବଶ୍ୟକ ପରିମାଣ ରେ ମେଡ଼ିସିନ ଯୋଗାଇ ଦିଆଯାଉଛି । ଆଜି ସ୍ଥାନୀୟ ବିଧାୟକ ଭାବରେ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିକ୍ଷମନ୍ତ୍ରୀ ହେବାପରେ ପାରାଦୀପ ଇଏସଆଇ ରେ ଚିକିତ୍ସା ସେବା ଉନ୍ନତ ମାନର ହୋଇଛି କ୍ଷ ଶିକ୍ଷମନ୍ତ୍ରୀ ଙ୍କ ପ୍ରଚେଷ୍ଟା ରେ ଆଗାମୀ ଦିନରେ ପାରାଦୀପ ରେ ଏକ ଅତ୍ୟାଧୁନିକ ଇଏସଆଇ ହସ୍ପିଟାଲ ନିର୍ମାଣ ହେବାକୁ ଯାଉଛି । ଯାହାଦ୍ୱାରା କୌଣସି ଗୁରୁତର ରୋଗ ପାଇଁ କଟକ ଯାଉଥିବା ଶ୍ରମିକ ମାନଙ୍କୁ ପାରାଦୀପ ରେ ବିଭିନ୍ନ ବିଭାଗ ର ବିଶେଷଜ୍ଞ ଡାକ୍ତର ଓ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଉନ୍ନତମାନର ଚିକିତ୍ସା ପାଇପାରିବେ ବୋଲି କହିଛନ୍ତି ପାରାଦୀପ ଇଏସଆଇ ହସ୍ପିଟାଲ ର ଯୁଗ୍ମ ନିର୍ଦ୍ଦେଶକ ଡା.ଦିଲ୍ଲିପ କୁମାର ସାହୁ ।

ଆରଜିଏଚ ମେଡିକାଲ ସଂଘ କାର୍ଯ୍ୟରେ ରାଜ୍ୟ ନେତୃମଣ୍ଡଳି

କଟକ, ୨୫।୬ (ନି.ପ୍ର) : ଓଡିଶା ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ମୁଖ୍ୟ ଉପଦେଷ୍ଟାଙ୍କ ନିର୍ଦ୍ଦେଶକ୍ରମେ ସଂଘର ରାଜ୍ୟ ନେତୃମଣ୍ଡଳି ରାଉରକେଲାସ୍ଥିତ ଆରଜିଏଚ ମେଡିକାଲ ୪ର୍ଥ ଶ୍ରେଣୀ ସଙ୍ଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦାନ କରିଥିଲେ । ଏହି ସଭାରେ ରାଜ୍ୟ ସଙ୍ଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ, କୋଷାଧ୍ୟକ୍ଷ ପବିତ୍ର ବେହେରା ଓ ସଭ୍ୟ ଶ୍ରୀ କମଳକାନ୍ତ ସେନ ପ୍ରମୁଖ ଯୋଗ ଦେଇଥିଲେ । ଉପସଭାପତି ବାବୁଲା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆରଜିଏଚ ମେଡିକାଲ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ଏବଂ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ନିୟମିତ ଦରମା ୧ ତାରିଖରୁ ୭ ତାରିଖ ମଧ୍ୟରେ ପ୍ରଦାନ କରାଯିବା, ବିନା ନୋଟିସରେ କୌଣସି କର୍ମଚାରୀଙ୍କୁ ଛଟେଇ କରାନଯିବା, କର୍ମଚାରୀଙ୍କର ୧୫ ଦିନର ବକେୟା ଦରମା ପ୍ରଦାନ କରିବା ଆଦି ବିଭିନ୍ନ ସମସ୍ୟା ରାଜ୍ୟ ନେତୃମଣ୍ଡଳି ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ବେଳେ ଖୁବ ଶୀଘ୍ର ଏହିସବୁ ଦାବି ଗୁଡ଼ିକର ସମାଧାନ କରାଯିବ ବୋଲି କର୍ତ୍ତୃପକ୍ଷ କହିଥିଲେ। ଶେଷରେ ଆରଜିଏଚ ମେଡିକାଲ ସଂଘର ସମ୍ପାଦକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

ଷ୍ଟପ ଡ଼ାଇରିଆ ଓ ପଲ୍ସ ପୋଲିଓ ଅଭିଯାନ ପାଇଁ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବୈଠକ

ଜଗତସିଂହପୁର, ୨୫।୬ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଜଗତସିଂହପୁର ତରଫରୁ ଚଳିତ ମାସ ଜୁନ ୧୬ ତାରିଖ ଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଷ୍ଟପ ଡାଇରିଆ ଅଭିଯାନ ଏବଂ ଆଗାମୀ ଜୁନ ୨୮, ୨୯ ଓ ୩୦ ତାରିଖ ରେ ହେବାକୁ ଥିବା ପଲ୍ସ ପୋଲିଓ ଅଭିଯାନ ପାଇଁ ଜିଲ୍ଲା ସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଜେ. ସୋନାଲ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଅଭିଯାନ ର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହଯୋଗ କାମନା କରିବା ସହ ବ୍ଲକ ସ୍ତରରେ ଏହାର ସଫଳ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ଷ୍ଟପ ଡାଇରିଆ ଅଭିଯାନ ୨୦୨୬ ର ବାର୍ତ୍ତା 'ଡାଇରିଆ କୁ କିପରି ରୋକିବା ଜାଣ, ସ୍ୱଚ୍ଛତା ସହ ଓ. ଆର. ଏସ. ଉପରେ ରଖିବା ଧ୍ୟାନ' ଏହି କାର୍ଯ୍ୟକ୍ରମରେ ସମୁଦାୟ ୨,୫୩,୩୩୯ ଗୃହ ଓ ୯୯,୬୨୮ ଜଣ ଜନ୍ମରୁ ୫ବର୍ଷ ର ପିଲାମାନଙ୍କ ପାଇଁ ଆଶା ମାନେ ଘର କୁ ଘର ଯାଇ ଓ ଆର ଏସ ଏବଂ ଜିଙ୍କ ବଟିକା ବଣ୍ଟନ କରିବା ସହ ଓ. ଆର. ଏସ ଦ୍ରବଣ ପ୍ରସ୍ତୁତ କରିବାର ପ୍ରଣାଳୀ, ହାତ ସଫା କରିବାର ସୋପାନ, ଜିଙ୍କ ବଟିକା ର ମାତ୍ରା ଓ ଉପକାରିତା, ସାଧାରଣ ତରଳ ଝାଡା ର ଘରୋଇ ଚିକତ୍ସା ଏବଂ ଅତି ଗୁରୁତର ଶିଶୁ ଙ୍କୁ ଚିହ୍ନଟ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କୁ ତୁରନ୍ତ ପଠାଇବା ପାଇଁ ମା ମାନଙ୍କୁ ପରାମର୍ଶ ଦେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ଅଙ୍ଗନବାଡି ସେଣ୍ଟର ରେ ମଧ୍ୟ ଓ ଆର ଏସ ଏବଂ ଜିଙ୍କ କକ୍ଷ ଖୋଲା ଯାଇ ସଚେତନତା କାର୍ଯ୍ୟକ୍ରମ କରାଯାଉଅଛି। ଆସନ୍ତା ପଲ୍ସ ପୋଲିଓ କାର୍ଯ୍ୟ କ୍ରମରେ ସମୁଦାୟ ୯୯,୬୨୮ଜଣ ଜନ୍ମରୁ ପାଞ୍ଚ ବର୍ଷ ବୟସ ର ପିଲାଙ୍କୁ ଦୁଇ ବୁନ୍ଦା ପୋଲିଓ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଅଛି।

ଏଥିପାଇଁ ମୋଟ ୫୫୫ ପୋଲିଓ ବୁଥ, ୨୨୨୦ ଜଣ ପଲ୍ସ ପୋଲିଓ ପ୍ରଦାନକାରୀ (ଭାକସିନେଟର), ୧୧୪ ସୁପରଭାଇଜର ଙ୍କୁ ଦାଇତ୍ୱ ଦିଆଯାଇଛି। ଜିଲ୍ଲା ର ମୋଟ ୨,୫୩,୩୩୯ ଘରୁ ଜନ୍ମ ରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆ ଯିବ। ଏହି କାର୍ଯ୍ୟକ୍ରମରେ ୩୪ ଟି ଟ୍ରାଞ୍ଜିଟ ପଏଣ୍ଟ ଓ ୨୧ ଟି ମୋବାଇଲ ଟିମ ଗଠନ କରାଯାଇଛି। ଏହି ଦୁଇ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବ୍ଲକସ୍ତର ର ଅଧିକାରୀ ମାନଙ୍କ ସହ ଆଲୋଚନା କରାଗଲା। ବ୍ଲକ ସ୍ତର ରେ ବିଡ଼ିଓ ଙ୍କ ଦ୍ୱାରା ବ୍ଲକ ସ୍ତରୀୟ ଟାସ୍କ ଫୋର୍ସ ସଭା କରାଯାଇଛି। ଏହି ଜିଲ୍ଲା ସ୍ତରୀୟ ବୈଠକ ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ସ୍ନିଗ୍ଧାମୟୀ ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସୁପରିଟେଣ୍ଡେଣ୍ଟ ଡା. ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ଅନ୍ୟାନ୍ୟ ସମସ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର,ଜିଲ୍ଲା ଆକାଉଣ୍ଟ ମ୍ୟାନେଜର, ଡି ଡି ଏମ, ଡି ଏମ ଆର ସି ଏଚ, ଏପିଡେମିଓଲୋଜିଷ୍ଟ, ଜିଲ୍ଲାସ୍ତରୀୟ ଅନ୍ୟବିଭାଗ ର ଅଧିକାରୀମାନେ, ଜିଲ୍ଲା ର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଓ ପ୍ରୋଗ୍ରାମ ମ୍ୟାନେଜର ଙ୍କ ସହ ଅନ୍ୟାନ୍ୟ ଜିଲ୍ଲା ସ୍ୱାସ୍ଥ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପାଳ ଜିଲ୍ଲା ରେ ଏହି ଦୁଇ ଅଭିଯାନ କୁ ଶତପ୍ରତିଶତ ସଫଳ କରିବାକୁ ସମସ୍ତ ଅଧିକରୀଙ୍କୁ ପରାମର୍ଶ ଦେଇଥିଲେ।

ଆସନ୍ତା ୫ରେ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ୱର୍ଗତଃ

ସୁରେନ୍ଦ୍ର ନାଥ ନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ

କାକଟପୁର,୨୫/୦୬ (ନି.ପ୍ର): କାକଟପୁର ନିର୍ବାଚନମଣ୍ଡଳୀର ଅନ୍ୟତମ ଲୋକପ୍ରିୟ ଜନନେତା, ସେବା, ସରଳତା ସର୍ବମହଲରେ ସମାଦୃତ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆସନ୍ତା ଜୁଲାଇ ୫ ତାରିଖରେ କାକଟପୁରସ୍ଥିତ ପଦ୍ମଚରଣ ସାମନ୍ତ ସିଂହାର ମେମୋରିଆଲ ଟ୍ରଷ୍ଟ ପରିସରରେ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିଚାରଣ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ସ୍ୱର୍ଗତ ନାୟକଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଓ ଉନ୍ମୋଚନ କରାଯିବ। ଦିନ ୧୦ଟା ୩୦ ମିନିଟରେ ଆରମ୍ଭ ହେବାକୁ ଥିବା ଏହି ଗାରିମାମୟ ସମାରୋହକୁ ପୂର୍ବତନ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ଉଦ୍ ?ଘାଟନ କରିବେ। ଏହା ସହିତ ରେଢ଼ାଖୋଲର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରସନ୍ନ ଆଚାର୍ଯ୍ୟ, ଆଠଗଡ଼ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କାକଟପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଶ୍ରୀଯୁକ୍ତ ପ୍ରହଲ୍ଲାଦ ସିଂ ଏବଂ ପଦ୍ମଚରଣ ସାମନ୍ତ ସିଂହାର ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ନାୟକ ପ୍ରମୁଖଙ୍କର ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। କାକଟପୁର ରାଜନୀତିରେ ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକ ଜଣେ ସର୍ବଜନ ଗ୍ରହଣୀୟ, ସରଳ, ନିରହଙ୍କାର ଓ ଜନମୁଖୀ ନେତା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜନସାଧାରଣଙ୍କ ସୁଖ-ଦୁଃଖରେ ସବୁବେଳେ ସାମିଲ ହେବା ସହ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ତାଙ୍କର ଅବଦାନ ଆଜି ମଧ୍ୟ ଅଞ୍ଚଳବାସୀଙ୍କ ସ୍ମୃତିରେ ଅମ୍ଳାନ ରହିଛି। ସେହି ଅବିସ୍ମରଣୀୟ ସ୍ମୃତିକୁ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ ଏହି ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି। ପଦ୍ମଚରଣ ସାମନ୍ତ ସିଂହାର ମେମୋରିଆଲ ଟ୍ରଷ୍ଟ ଏବଂ ସୁରେନ୍ଦ୍ର ନାଥ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସମସ୍ତ ଶୁଭେଚ୍ଛୁ, ସମର୍ଥକ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କୁ ଏହି ଶ୍ରଦ୍ଧାଞ୍ଜଳି ଶ୍ରାଦ୍ଧବାର୍ଷିକୀ ସମାରୋହରେ ଶ୍ରଦ୍ଧାର ସହ ଯୋଗଦେଇ ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକଙ୍କ ପ୍ରତି ସାମୂହିକ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ସମସ୍ତଙ୍କୁ ସବିନୟ ନିମନ୍ତ୍ରଣ ଜଣାଇଛନ୍ତି ଟ୍ରଷ୍ଟ ର ଅଧ୍ୟକ୍ଷ।

ମଦ୍ୟପ ବ୍ୟକ୍ତିର ଉନ୍ମତ୍ତ କାଣ୍ଡ, ଘରେ ନିଆଁ ଲଗାଇ ଦେବାରୁ ଜଳିଗଲା ଦୁଇ ବଖରା

ବଲଙ୍ଗା,୨୫।୬ (ନି.ପ୍ର): ମଦ ନିଶାରେ ଜଣେ କେତେ ତଳକୁ ଖସି ପାରେ ତାହା ଦେଖିବାକୁ ମିଳିଛି ବଲଙ୍ଗା ଥାନା ଅନ୍ତର୍ଗତ ସମରୋଇ ଶାସନ ଗ୍ରାମରେ। ଜଣେ ମଦ୍ୟପ ବ୍ୟକ୍ତି ଘରେ ସାମାନ୍ୟ କଳହକୁ କେନ୍ଦ୍ରକରି ନିଶାରେ ନିଜ ଘରେ ନିଆଁ ଲଗାଇ ଦେବାରୁ ୨ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ ଗ୍ରାମର ଲକ୍ଷ୍ମୀଧର ବେହେରା ନାମକ ଜଣେ ବ୍ୟକ୍ତି ଅନେକ ସମୟରେ ମଦ୍ୟ ପାନ କରି ଘରେ ବିଶୃଙ୍ଖଳା ସୃଷ୍ଟି କରନ୍ତି। ବୁଧବାର ରାତିର କୌଣଷି କାରଣରୁ ନିଶାରେ ନିଜ ପୁଅ ସହ ପାଟି ତୁଣ୍ଡ କରିଥିଲେ। ଫଳରେ ପୁଅ ବୋହୂ ଘରୁ ଚାଲିଯାଇଥଲେ। ଲକ୍ଷ୍ମୀଧର ନିଶାରେ ନିଜର ହିତାହିତ ଜ୍ଞାନ ଭୁଲି ଯାଇ ନିଜ ଘରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବାରୁ ପଡୋଶୀ ମାନେ ଦେଖି ଡାକ ପକାଇବା ସହ ଲିଭାଇବାକୁ ଚେଷ୍ଟା କରିବା ସହ ପିପିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ୨ବଖରା ବାସ ଗୃହ ସମ୍ପୂର୍ଣ ପୋଡ଼ି ଯିବା ସହ ସମସ୍ତ ଆସବାବ ପତ୍ର ପୋଡ଼ି ଯାଇଥିଲା।

ଉଠା ଜଳସେଚନ ପ୍ରକଳ୍ପ ଅଚଳ, ବିଦ୍ୟୁତ ସଂଯୋଗ ଅପେକ୍ଷାରେ ଚାଷୀ

ବୁଗୁଡ଼ା, ୨୫।୬ (ନି.ପ୍ର) : କୃଷି କ୍ଷେତ୍ରରେ ବିକାଶ ଏବଂ କୃଷକର କଲ୍ୟାଣ କକ୍ଷେ ସରକାର ଅନେକ ଯୋଜନା କରିବା ସହ ଚାଷୀମାନଙ୍କୁ ବର୍ଷସାରା ଜଳସେଚନ ସୁବିଧା ଯୋଗାଇବା ଲକ୍ଷ୍ୟରେ ମୋଟାବାଡିରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ତାହା ଅଚଳ ହୋଇ ପଡ଼ିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ପାଣି ପାଉନଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପଞ୍ଚାୟତର ୧୬ ଜଣ ଚାଷୀ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୩ଟି କ୍ଲଷ୍ଟର ମାଧ୍ୟମରେ ୨୦,୦୦୦ ଟଙ୍କା ଲେଖାଏଁ ଜମା କରିବା ପରେ ବୋରୱେଲ ଖୋଳାଯାଇଥିଲା । ଗତ ୨୦୨୨ ମସିହାରୁ ପ୍ରକଳ୍ପର ନିର୍ମାଣ କାମ ଶେଷ ହୋଇଥିଲେ ହେଁ ବିଦ୍ୟୁତ ସଂଯୋଗ ଅଭାବରୁ ମୋଟର ଚାଲୁ ହୋଇପାରୁନାହିଁ। ଚାଷ ଋତୁ ଆରମ୍ଭ ହୋଇଥିବା ବେଳେ ଜଳସେଚନ ସୁବିଧା ନ ମିଳିବାରୁ ଧାନ ସମେତ ଅନ୍ୟାନ୍ୟ ଫସଲ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଏ ନେଇ ଚାଷୀମାନେ ଗଞ୍ଜାମ ଜିଲ୍ଲାପାଳ, ବିଭାଗୀୟ ଯନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ । ଫଳରେ ଚିନ୍ତାରେ ଥିବା ଚାଷୀମାନେ ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ନିମନ୍ତେ ଦାବି କରିଛନ୍ତି, ଅନ୍ୟଥା ସେମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିବା ଜଣାଯାଇଛି।

ଅନ୍ତର୍ଜାତୀୟ ନିଶା ନିବାରଣ ଦିବସରେ ବେଥାନି ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, ୨୫।୬ (ନି.ପ୍ର): ପାରାଦୀପର ବେଥାନି କନଭେଣ୍ଟ ସ୍କୁଲ, ଡ୍ରଗ୍ ଅପବ୍ୟବହାର ବିରୁଦ୍ଧରେ ଯୁଦ୍ଧ (ୱାଦା) ଅନୁଷ୍ଠାନ ସହଯୋଗରେ ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଆନ୍ତଃଶ୍ରେଣୀ ବକ୍ତୃତା ଏବଂ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରି ସାମାଜିକ ପ୍ରତିବଦ୍ଧତାର ସହିତ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ପାଳନ କରାଯାଇଛି। ଉଭୟ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଡ୍ରଗ୍ ଅପବ୍ୟବହାର ବିରୁଦ୍ଧରେ ଛାତ୍ରଙ୍କ ଦାୟିତ୍ୱ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଶା ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ସମାଜ ଗଠନରେ ଦାୟିତ୍ୱବାନ ନାଗରିକ ହେବା ପାଇଁ ସେମାନଙ୍କୁ ଉତ୍ସାହିତ କରିବା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ଚିନ୍ତନାତ୍ମକ ଭାଷଣ ଏବଂ ପ୍ରଭାବଶାଳୀ

ଚିତ୍ରକଳା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା, ସଚେତନତା ଏବଂ ଦକ୍ଷତା ପ୍ରଦର୍ଶନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ୱାଦା ର ପରାମର୍ଶଦାତା କ୍ୟାପଟ୍ଟେନ ପ୍ରେମାନନ୍ଦ ରାଉତ ଏବଂ ସଂଯୋଜକ ଅମ୍ବିକା ପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବେଥାନୀ ସ୍କୁଲ ର ପ୍ରିନ୍ସିପାଲ ରେଭରେଣ୍ଡ ଫାଦର ସୁନିଲ ଲାକ୍ରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସମାବେଶକୁ ସମ୍ବୋଧିତ କରି, କ୍ୟାପଟ୍ଟେନ ରାଉତ ଯୁବପିଢ଼ି ମଧ୍ୟରେ ନିଶାଦ୍ରବ୍ୟ ଅପବ୍ୟବହାରର ଭୟଙ୍କର ପରିଣାମ ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସତର୍କ ରହିବାକୁ ଏବଂ ସୁଚିନ୍ତିତ ଜୀବନ ନିଷ୍ପତ୍ତି ନେବାକୁ ଅନୁରୋଧ କରିଥିଲେ। ଶ୍ରୀ ମହାପାତ୍ର ସମାଜରେ ନିଶାଦ୍ରବ୍ୟ ଅପବ୍ୟବହାର ବିରୁଦ୍ଧରେ ସଚେତନତା ପ୍ରସାର କରିବାରେ ପରିବର୍ତ୍ତନର ଦୂତ ଭାବରେ ଛାତ୍ରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଂଶଗ୍ରହଣକାରୀମାନେ ନିଶା ନିବାରଣରେ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଉପରେ ସେମାନଙ୍କର ମତାମତ ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ବିଚାରକମାନେ ଯୁବ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପ୍ରଦର୍ଶିତ ଆତ୍ମବିଶ୍ୱାସ, ମୌଳିକତା ଏବଂ ସଚେତନତାକୁ ପ୍ରଶଂସା କରିଥିଲେ।

ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ନିଶା ସେବନର ବର୍ଦ୍ଧିତ ବିପଦ ପ୍ରତି ସଫଳ ଭାବରେ ସଚେତନ କରିଥିଲା ଏବଂ ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ପାଇଁ ସାମୂହିକ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିଥିଲା।

ଆସନ୍ତା ସୋମବାର ନିଆଳି ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୨୫।୬ (ନି.ପ୍ର): ଜୁନ ୨୯ ତାରିଖ ସୋମବାର ନିଆଳି ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିବ । ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ । ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ଚାନ୍ଦୁଆ ଦିବସ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ପିପିଲି,୨୫।୬ (ନି.ପ୍ର): ପିପିଲିର ମୁଖ୍ୟ ଚାନ୍ଦୁଆ ଗ୍ରାମ ଦରଜୀ ସାହି ସ୍ଥିତ ମା ଦୁଲ୍ଲା ଦେବୀଙ୍କ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକରେ ଶତାଧିକ ଚାନ୍ଦୁଆ କାରିଗର ଅଂଶ ଗ୍ରହଣ କରିଥିଲେ । ଆଗାମୀ ଚାନ୍ଦୁଆ ଦ୍ୱିସ ଆସନ୍ତା ନେତ୍ର ଉତ୍ସବ ଜୁଲାଇ ୧୪ ଦିନ ପଡୁଥିବାରୁ ପୂର୍ବ ବର୍ଷ ପରି ମହା ସମାରୋହରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାର ଅସ୍ମିତାର ପରିଚୟ ତଥା ଗର୍ବ ଓ ଗୌରବର ହସ୍ତଶିଳ୍ପ ଚାନ୍ଦୁଆର ପ୍ରଚାର ପ୍ରସାର ନିମନ୍ତେ ଚାନ୍ଦୁଆର ଜନ୍ମ ନେତ୍ରୋତ୍ସବ ଦିବସରେ ବହୁ ଉତ୍କଣ୍ଠିତ ଚାନ୍ଦୁଆ ଦ୍ୱିସ ଉତ୍ସବକୁ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜନ କରାଯାଇ ଚାନ୍ଦୁଆର ମର୍ଯ୍ୟାଦା ବୃଦ୍ଧି ନିମନ୍ତେ ଉପସ୍ଥିତ କାରୀଗର ମାନେ ସଂକଳ୍ପ ନେଇଥିଲେ। ସେହି ଚାନ୍ଦୁଆ ଦ୍ୱିସ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପିପିଲି ବଜାରକୁ ଚାନ୍ଦୁଆ ଛତି ରେ ନୂଆ ବଧୂ ପରି ସଜ୍ଜା ଯାଇ ସମସ୍ତଙ୍କୁ ଆକୃଷ୍ଟ କରାଯିବା ସହ ପୁରୁଣା ଗୁଣବତ୍ତା କାରୀଗର ମାନଙ୍କ କୃତିତ୍ୱ ସହ ତୈଳ ଚିତ୍ର ପ୍ରଦର୍ଶନ ଓ ଚାନ୍ଦୁଆ କେନ୍ଦ୍ର ପ୍ରଦର୍ଶନ କରିବାକୁ ଯୋଜନା କରାଯିବ। ପିପିଲିର ସମସ୍ତ ଚାନ୍ଦୁଆ କାରିଗରଙ୍କ ସହିତ ପୁରୀ, କାନ୍ଦୁଆ, ବନମାଳୀପୁର, ରାଜସ, ଖୋର୍ଦ୍ଧା ଭୁବନେଶ୍ୱର ରଣପୁର ,ବଡ଼ମ୍ବା, କଟକ ଇତ୍ୟାଦି ସ୍ଥାନରୁ ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ଚାନ୍ଦୁଆ କାରିଗର ଯୋଗ ଦାନ କରି ଏକ ଶୀର୍ଷକ ଆଲୋଚନା ଚକ୍ର 'ଚାନ୍ଦୁଆ ଶିଳ୍ପର ବର୍ତ୍ତମାନ ସମସ୍ୟା ଓ ଆଗାମୀ ଭବିଷ୍ୟ'ଆୟୋଜନ କରାଯାଇ ଚାନ୍ଦୁଆ ଶିଳ୍ପର ଉନ୍ନତି ଉପରେ ଆଲୋକପାତ କରାଯିବ। ଉକ୍ତ ପ୍ରସ୍ତୁତି ସଭା କୁ ରମେଶ ମହାପାତ୍ର ଓ ପ୍ରଭାତ କୁମାର ମହାପାତ୍ର ସଂଯୋଜନା କରିଥିଲେ। ଉମେଶ ମହାପାତ୍ର, ସୁଜିତ ମହାପାତ୍ର, ଜୁମନ ଖାଁ, ପ୍ରଦୀପ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବରିଷ୍ଠ ଚାନ୍ଦୁଆ କାରିଗର ଜବାର ଖାଁ, ରସା ମହାରଣା, ବାବୁଲି ମହାପାତ୍ର, ସେକ ବାବୁ, ସୁରେନ୍ଦ୍ର ମହାପାତ୍ର, ସୁଦର୍ଶନ ମହାପାତ୍ର, ସଞ୍ଜୀବ ସିଂ, ସେକ ବନାଇନ, ସେକ ଜହିମ, ସେକ ଅବିଦଉଦ୍ଦିନ, ଗୋପାଳ ମହାପାତ୍ର ଇତ୍ୟାଦି ସହଯୋଗ କରିଥିଲେ। ଚାନ୍ଦୁଆ କାରିଗରଙ୍କ ତରଫରୁ ଚାନ୍ଦୁଆ ପ୍ରଚାର ପ୍ରସାର ନିମନ୍ତେ ମିଡିଆ ବନ୍ଧୁ ମାନଙ୍କୁ ବିଶେଷ ଅନୁରୋଧ କରାଯାଇଥିଲା।

ରାଜଗାଙ୍ଗପୁର ଥାନାରେ ଶାନ୍ତି କମିଟି ବୈଠକ

ରାଜଗାଙ୍ଗପୁର : ରାଜଗାଙ୍ଗପୁର ସହର ରେ ମହରମ୍ ପର୍ବ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳା ସହ ପାଳନ ନିମନ୍ତେ ଥାନା ପରିସରରେ ଜିଲ୍ଲା ଏସପି ଅମ୍ରିତପାଳ କୋର ଙ୍କ ଅଧକ୍ଷତାରେ ପର୍ଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଡିଏସପି ଶାନ୍ତା ନୂତନ ସାମଦ ଡିଆଇବି ମହେନ୍ଦ୍ର ମୁର୍ମୁ ଏସଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ କିଶୋର ଦାଶ ବିଡ଼ିଓ ଅକ୍ଷୟ କୁମାର ବାଗ ତହସିଲଦାର ଜଗବନ୍ଧୁ ମଲିକ୍ ପୈରପରିଷଦ ଚେୟାରମେନ ମାଧୁରୀ ଲୁଗୁଣ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ଉପାଧକ୍ଷ ଏମଡି ଇରଫାନ ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ ବିଜେପି ମଣ୍ଡପ ସଭାପତି ରାଜନ୍ ସୋନି ପୁର୍ବତନ ଉପାଧକ୍ଷ ପାକା ବାବୁ ପୁର୍ବତନ ଚେୟାରମେନ ଶସିରେଖା ସାମଲ ବିଜେଡି ନେତା ଜାଫର ମୋବିନ ଲାଲ ବାବା ମଜାର କମିଟି ସଭାପତି ଷ୍ଟାକଗୁଡ୍ଡା ସିଟି ଜନ ଫର୍ମ ସଭାପତି ଅଶୋକ ଦାସ ବିଭିନ୍ନ ୱାର୍ଡ କାଉନସିଲର ମୁସଲିମ ପଞ୍ଚାୟତ ସମିତି ସଭାପତି ଏମିତି ଆରିଫ ବିରେନ୍ଦ୍ର ରଥ ବରିଷ୍ଠ ସାମ୍ବାଦିକ ପୁର୍ଣ୍ଣ ଚନ୍ଦ୍ର ପାଢ଼ୀ ଆଶିଷ ଶତପଥି ସମସ୍ତ ଆଖଡ଼ା କମିଟି ସଦସ୍ୟ ବିଭିନ୍ନ ସମ୍ପ୍ରଦାୟର ଜନସାଧାରଣ ବୁଦ୍ଧିଜୀବୀ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକ ଙ୍କ ଉପସ୍ଥିତିରେ ମହରମ୍ ପର୍ବ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳା ସହ ପାଳନ ନିମନ୍ତେ ସରକାରୀ ଗାଇଡ ଲାଇନ ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ଏକମତ ହୋଇଥିଲେ । ଆଇନ କାନୁନ ଭଂଗ କରୁଥିବା ବ୍ୟକ୍ତି ବିଶେଷ ଓ ସଂଘଟଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏସପି ଅମ୍ରିତପାଳ କୋର ଓ ପର୍ଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ସତର୍କ କରି ସୋସିଆଲ ମିଡ଼ିଆ ଡିଜେ ଅପ ପ୍ରଚାର ଉପରେ କଡ଼ ନଜର ରଖିବା ପାଇଁ ପୋଲିସ ପ୍ରଶାସନ କୁ ନିର୍ଦ୍ଦେଶ ଦେଇଥିଲେ ବିଜୁଳି ଲାଇନ୍ ଜଳ ସ୍ୱାସ୍ଥ୍ୟ ସେବା ରାସ୍ତା ଘାଟ ମରାମତି ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଥାନା ଅଧିକାରୀ ବିଜୟ କିଶୋର ଦାଶ।

ବଲାଙ୍ଗୀରରେ ବିକାଶ ର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ

ଯବଲାଙ୍ଗୀର, ୨୫।୬: ଆଜି ଜିଲ୍ଲାସ୍ତରୀୟ ବିକାଶ ର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ବଲାଙ୍ଗୀର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧକ୍ଷତାରେ 'ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ' ଅଧୀନରେ ଏକ ଜିଲ୍ଲାସ୍ତରୀୟ ଜନସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, କୃଷି, ଆର୍ଥିକ ଅନ୍ତର୍ଭୁକ୍ତିକରଣ (ରସଭବଭମସବକ୍ଷ ଓଭ-ମକ୍ଷଙ୍କଶ୍ୱସକ୍ଟଭ) ଏବଂ ଦକ୍ଷତା ବିକାଶ ଭଳି ପ୍ରମୁଖ କ୍ଷେତ୍ରରେ ଜିଲ୍ଲା ହାସଲ କରିଥିବା ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ ଆଲୋକପାତ କରିବା ସହ ଜିଲ୍ଲାର ସାମଗ୍ରିକ ଓ ସ୍ଥାୟୀ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ସ୍ୱତନ୍ତ୍ର ଉନ୍ନୟନ ବୋର୍ଡ ର ଅଧକ୍ଷ ବଲ୍ଲଭ ଧରୁଆ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପବିତ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଯୋଜନା ଓ ପରିସଂଖ୍ୟାନ ଉପ-ନିର୍ଦ୍ଦେଶକ ଅଙ୍କିତ ମହାକୁରଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ଯୋଜନା ଏବଂ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ହାସଲ ହୋଇଥିବା ସଫଳତା ବିଷୟରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା, କୃଷି ଓ ଆନୁଷଙ୍ଗିକ ସେବା, ମୌଳିକ ଭିତ୍ତିଭୂମି ଏବଂ ସାମାଜିକ ବିକାଶ ଭଳି କ୍ଷେତ୍ରଗୁଡ଼ିକରେ ବ୍ଲକସ୍ତରୀୟ ପ୍ରଗତିର ସମୀକ୍ଷା କରାଯାଇଥିଲା। ଆକାଂକ୍ଷୀ ବ୍ଲକଗୁଡ଼ିକରେ କିପରି ସରକାରୀ ଯୋଜନାକୁ ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯାଇପାରିବ ଏବଂ ସାଧାରଣ ଜନତାଙ୍କ ପାଖରେ ସେବା ପହଞ୍ଚାଇ ହେବ ସେ ନେଇ ଆଲୋଚନା କରାଯାଇଥିଲା । ଜନସାଧାରଣଙ୍କ ସହଭାଗିତା ବୃଦ୍ଧି କରିବା ଏବଂ ସରକାରୀ ସେବାଗୁଡ଼ିକର ସଠିକ୍ ପରିଚାଳନା ନିଶ୍ଚିତ କରିବା ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା।

ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ଅଧିକାରୀ, କର୍ମଚାରୀ, ଅଙ୍ଗନବାଡ଼ି ଓ ଆଶାକର୍ମୀମାନେ ଯୋଗଦେଇ ନିଜ ନିଜ କ୍ଷେତ୍ରରେ କିଭଳି ଅଧିକ ସଫଳତା ହାସଲ କରାଯାଇପାରିବ, ସେ ନେଇ ପରାମର୍ଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ, ବଲାଙ୍ଗୀର ଜିଲ୍ଲାକୁ ସମସ୍ତ କ୍ଷେତ୍ରରେ

ପ୍ରଶ୍ନପତ୍ର ପାଇଁ ଏୟାର ଫୋର୍ସ, ସୈନ୍ୟବାହିନୀ ବ୍ୟବହାର, ଧର୍ମେନ୍ଦ୍ରଙ୍କ ଅପାରଗତାର ସାର୍ଟିଫିକେଟ : ଖେରା

ଭୁବନେଶ୍ୱର, ୨୫।୬: ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ଦ୍ୱାରା ଶହୀଦ ନଗରସ୍ଥିତ ଏମ୍ପାୟାର ହୋଟେଲରେ ଆୟୋଜିତ ଛାତ୍ରୋଂକି ଗୁଞ୍ଜସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ନିଟ ପ୍ରଶ୍ନପତ୍ର ପ୍ରଘଟ, ସିବିଏସସି ମୂଲ୍ୟାୟନ ବିଭ୍ରାଟ ତଥା ବାରମ୍ବାର ବିଭିନ୍ନ ପରୀକ୍ଷାରେ ଅନିୟମିତତା, ଲିକ ପାଇଁ ଦେଶରେ ଛାତ୍ରଙ୍କ ଆକ୍ରୋଶ ଦେଖାଯାଉଛି । ସେଇ ପରିପେକ୍ଷୀରେ କଂଗ୍ରେସ ତଥା ବିପକ୍ଷ ନେତା ରାହୁଲ ଗାନ୍ଧୀଙ୍କ ଛାତ୍ରୋଂକି ଗୁଞ୍ଜ ଅଭିଯାନ ଆରମ୍ଭ ହୋଇ ଦେଶ ସାରା କଂଗ୍ରେସ ଛାତ୍ରଙ୍କ ପାଖକୁ ଯାଇ ସମସ୍ୟା ବୁଝୁଛିକ୍ଷ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଧର୍ମେନ୍ଦ୍ରପ୍ରଧାନଙ୍କ ଇସ୍ତଫା ଦାବୀ କରୁଛ । ଭୁବନେଶ୍ୱର ଏମ୍ପାୟାର ହୋଟେଲରେ ଅନୁଷ୍ଠିତ ଛାତ୍ରୋଂ କି ଗୁଞ୍ଜ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଏଆଇସିସି ମିଡ଼ିଆ ବିଭାଗଅଧ୍ୟକ୍ଷ ପଓ୍ୱନ ଖେରା ଗଣମାଧ୍ୟମ ଓ ଉପସ୍ଥିତ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀଙ୍କୁ ସମ୍ବୋଧିତ କରିଛନ୍ତି କ୍ଷ ଶ୍ରୀ ଖେରା କହିଛନ୍ତି ଯେ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଦଲ୍ଲୀସ୍ଥିତ ବିଳାସମୟ କୋଠାରେ ଯୋଗ ଦିବସ ପାଳନ କରି ରିଲସ ତିଆରିରେ ବ୍ୟସ୍ତ । ଏହା କଣ ଶିକ୍ଷାମନ୍ତ୍ରୀଙ୍କ କାମ ? ଏମାନଙ୍କସରକାରରେ ବିଗତ ୧୦ ବର୍ଷରେ ୯୦ ଥର ପ୍ରଶ୍ନପତ୍ର ଲିକ ହୋଇ ୭ କୋଟି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦିଆଯାଇଛି ।ପ୍ରଧାନମନ୍ତ୍ରୀ ପରୀକ୍ଷା ଚର୍ଚ୍ଚା କରୁଛନ୍ତି । ପରୀକ୍ଷା କିଭଳି କରାଯାଏ ଜଣା ନାହିଁ, ପରୀକ୍ଷା କେମିତି ଦେବେ ଜ୍ଞାନ ଦେଉଛନ୍ତି ।ପୁଣି ଯାହାଙ୍କ ଡିଗ୍ରୀ ଉପରେ ପ୍ରଶ୍ନବାଚୀ ଚିହ୍ନ ଲାଗିଛି ।ରାହୁଲ ଗାନ୍ଧୀ କେତେ ବର୍ଷ ଆଗରୁ କହି ଆସୁଛନ୍ତି ଯେ ଛୁଆପିଲାଙ୍କ ଭବିଷ୍ୟତ ଉପରେ ଖେଳିବା ବନ୍ଦ କରନ୍ତୁ ବୋଲି । ବର୍ତ୍ତମାନ ନିଟ-ଲିକ-ରିପିଟ ଏକ ପରମ୍ପରା ହୋଇ ଗଲାଣି। ଯେଉଁ ପିଲାମାନେ ନିଟ ଦେଉଛନ୍ତି ସେମାନଙ୍କ ପରିବାର ଉପରେ କଣ ବିତୁଥିବ ଟିକିଏ ଚିନ୍ତା କରନ୍ତୁ। ଯୁବପିଢ଼ିଙ୍କ ଭବିଷ୍ୟତ ଉପରେ ସମସ୍ତ ରାଜନୈତିକ ଦଳ ଏକଜୁଟ ହେବାର ଆବଶ୍ୟକତା ଅଛି ।କୋଟାରେ ଆମେ ଛାତ୍ରଙ୍କ ଆକ୍ରୋଶ ଦେଖିବାକୁ ପାଇଲୁ । ସାରା ଦେଶରେ ଛାତ୍ର ସମାଜରେ ଗଭୀର ଆକ୍ରୋଶ ଦେଖାଯାଇଛି । ଯଦି ଠିକଣା ସମୟରେ ପଦକ୍ଷେପ ନିଆ ନ ଯାଏ ତେବେ ଦେଶର ପ୍ରଭୂତ କ୍ଷତି ଘଟିବ ବୋଲି ଶ୍ରୀ ଖେଡା ସରକାରଙ୍କୁ ଚେତାଇ ଦେଇଛନ୍ତି ।ଭାରତର ୨୮ ଗୋଟି ସହରରେ ଆଜି ଏକା ସାଥିରେ ସାମ୍ବାଦିକ ସମ୍ମିଳନୀ ହେଉଛି । ସମସ୍ତ ବରିଷ୍ଠ ନେତା ଯୋଗ ଦେଇଛନ୍ତି।

ଫଂଟାବାହାଲ ସ୍କୁଲପଡାରେ ବିଜୁଳି ସମସ୍ୟା

ନରସିଂହଙ୍କୁ ବାଟ ଓଗାଳି ଅଭିଯୋଗ କଲେ ମହିଳା ଗୋଷ୍ଠୀ

ବଲାଙ୍ଗିର, ୨୫।୬: - ବିଜୁଳି ସୁବିଧା ପାଇବା ଲୋକଙ୍କ ମୌଳିକ ଅଧିକାର କିନ୍ତୁ ବର୍ତ୍ତମାନ ଦେଖା ଦେଉଛି ସହର ହେଉ କି ଗାଁ ହେଉ କୌଣସି ବି ଜାଗାରେ ବିନା ସମସ୍ୟାରେ ବିଜୁଳି ଯୋଗାଣ ହୋଇପାରୁନାହିଁ । ଲୋଇସିଂହା ବ୍ଲକ ଅନ୍ତର୍ଗତ କୁସମେଲ ପଂଚାୟତର ଫଟାବାହାଲ ଗାଁ ର ସ୍କୁଲ ପଡା ବାସିନ୍ଦାମାନେ ବିଜୁଳି ସମସ୍ୟା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଫଂଟାବାହାଲ ସ୍କୁଲ ପଡା ଯାହାକି ମୁଖ୍ୟ ରାସ୍ତାରୁ ୧୦୦ ରୁ ୨୦୦ ମିଟର ଭିତରେ ଅବସ୍ଥିତ ସେହି ପଡାରେ ବିଜୁଳି ଅଛି କିନ୍ତୁ ବିଜୁଳି ତାର କଂକ୍ରିଟ ପୋଲ ଦେଇ ସଂଯୋଗ ହୋଇ ନ ଥିବାରୁ ଟିକିଏ ପବନ ହେଲେ କି ବର୍ଷା ହେଲେ ବିଜୁଳି ସରବରାହ ବନ୍ଦ ହୋଇଯାଉଛି ।

ଗତ କାଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ସେହି ରାସ୍ତା ଦେଇ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ଯାଉଥିବା ବେଳେ ସ୍କୁଲ ପଡାର ମହିଳାମାନେ ଯୋଜନାବଦ୍ଧ ଭାବେ ନରସିଂହ ମିଶ୍ରଙ୍କ ଗାଡିକୁ ଓଟକାଇଥିଲେ । ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସେମାନେ ଭୋଗୁଥିବା ବିଜୁଳି ସମସ୍ୟା ଉପରେ ଅଭିଯୋଗ କରିବା । ମହିଳାମାନେ

କହିଥିଲେ ଯେ ବିଜୁଳି ତାର ସିମେଣ୍ଟ ପୋଲରେ ଯାଇ ନ ଥିବାରୁ ସେମାନେ ବାଧ ହୋଇ ବାଉଁଶ ସାହାଯ୍ୟରେ ରାସ୍ତା ପାର କରି ନିଜ ନିଜ ଘରକୁ ସେହି ବାଉଁଶ ଦେଇ ବିଜୁଳି ନେଇଛନ୍ତି । ଟିକିଏ ବର୍ଷା କି ପବନ ହେଲେ କିମ୍ବା କୌଣସି ଗାଡି ମଟର ରାସ୍ତାରେ ଗଲେ ସେହି ତାର ରେ ବାଜି ବିଦ୍ୟୁତ ତାର ଛିଣ୍ଡି ଯାଉଛି । ବିଭାଗକୁ ଯେତେ ଅଭିଯୋଗ କଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନଥିବାରୁ ଦିନ ଦିନ ଧରି ସେହି ଅଂଚଳରେ ବିଜୁଳି ରହୁନାହିଁ। ଫଳରେ ଲୋକେ ଘୋର ଦୁର୍ଦ୍ଦିନରେ କଳାତିପାତ କରୁଛନ୍ତି ବୋଲି ମହିଳାମାନେ ଶ୍ରୀ ମିଶ୍ରଙ୍କୁ ଅଭିଯୋଗ କରିଥିଲେ । ଏହାକୁ ନେଇ ତୁରନ୍ତ ଶ୍ରୀ ମିଶ୍ର ବିଜୁଳି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଏବଂ ନିର୍ବାହୀଯନ୍ତ୍ରୀଙ୍କ ସହ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଯେହେତୁ ବିଜୁଳି ସମସ୍ୟାରେ ଥିବା ସ୍କୁଲ ପଡାରେ ଅନେକ ଅନେକ ପରିବାର ଗରିବ ସୀମାରେଖା ତଳେ ଅଛନ୍ତି ଏବଂ ଅନେକ ପରିବାର ବିଭିନ୍ନ ସରକାରୀ ଯୋଜନାର ଲାଭାର୍ଥି ଅଛନ୍ତି ତେଣୁ ଯେତେ ଶିଘ୍ର ହେବ ସେହି ଜାଗାକୁ ସିମେଣ୍ଟ ପୋଲ ମାଧ୍ୟମରେ ବିଜୁଳି ପ୍ରଦାନ କରାଯାଉ ବୋଲି ଶ୍ରୀ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ଉଭୟ ଯନ୍ତ୍ରୀ ଯେତେ ଶିଘ୍ର ହେବ ବାଉଁଶ ବଦଳାଇ ସେ ଜାଗାରେ ସିମେଣ୍ଟ ପୋଲ ମାଧ୍ୟମରେ ବିନା ଦେୟରେ ବିଜୁଳି ତାର ବିଛାଯାଇ ବିଜୁଳି ପ୍ରଦାନ କରାଯାଉ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ । ଏହି ଆଲୋଚନା ବେଳେ ଫଂଟାବାହାଲ ଗାଁ ର ରିତା ବିଶ୍ୱାଲ, ମମତା ବିଶ୍ୱାଲ, ସନାତନ ବିଶ୍ୱାଲ, ସୁରଭି ବିଶ୍ୱାଲ, କୌଶଲ୍ୟା ବିଶ୍ୱାଲ, ରଏବାରି ବିଶ୍ୱାଲ, ସୁର ବେହେରା, ପ୍ରମିଳା ବଢ଼େଇ, ଯଦୁମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ବଲାଙ୍ଗୀର ପାୟୋନିଅର ୧୯ ବର୍ଷରୁ କମ୍ ଲିଗ୍ ଓ ନକଆଉଟ କ୍ରିକେଟ ଉଦଯାପିତ

ବଲାଙ୍ଗୀର : ବଲାଙ୍ଗୀରର ସ୍ଥାନୀୟ ମିଶନ ପଡ଼ିଆରେ ଗତ ୨୦ ତାରିଖ ଠୁଁ ଆରମ୍ଭ ହୋଇଥିବା ପାୟୋନିୟର ୧୯ ବର୍ଷରୁ କମ ବୟସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ ବଲାଙ୍ଗୀର ଜିଲ୍ଲାର ଚାରୋଟି ଦଳ ଭାଗ ନେଇଥିଲେ ପାଇନର ଟାଇଟନ୍, ଓ୍ୱେଷ୍ଟର୍ନ ଇଲେଭେନ୍,ସାନଭି ଏକାଡେମୀ, ପାଇନର କିଙ୍ଗ । ଯେଉଁଥିରେ ସବୁ ଦଳ ମଧ୍ୟରେ ଲିଗ୍ ଶୃଙ୍ଖଳା ଓ ପରେ ନକଆଉଟ୍ ଖେଳ ହୋଇଥିଲା । ଏଥିରେ ପାଇନର କିଙ୍ଗ ଓ୍ୱେଷ୍ଟର୍ନ ଇଲେଭେନ ମ୍ୟାଚରେ

ଓ୍ୱେଷ୍ଟର୍ନ ଇଲେଭେନ ବିଜୟୀ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ପାଇନର ଟାଇଟନ୍ ବନାମ ସାନଭି ଏକାଡେମୀ ମ୍ୟାଚରେ ପାଇନର ଟାଇଟନ୍ ବିଜୟୀ ହୋଇ ଫାଇନାଲ କୁ ଉତ୍ତୀର୍ଣ୍ଣ ହୋଇଥିଲା ।ଆଜି ଫାଇନାଲ ଖେଳ ଓ୍ୱେଷ୍ଟର୍ନ ଇଲେଭେନ ପାଇନର ଟାଇଟନ୍ ମଧ୍ୟରେ ହୋଇଥିଲା । ମ୍ୟାଚ୍ ରେ ପ୍ରଥମେ ବ୍ୟାଟିଙ୍ଗ ନିଷ୍ପତି ନେଇ ଓ୍ୱେଷ୍ଟର୍ନ ଇଲେଭେନ ୨୦ ଓଭର ରେ ୬ ୱିକେଟ ହରାଇ ୧୭୦ ରନ୍ ର ବିଜୟୀ ଟାର୍ଗେଟ ଦେଇଥିଲେ ।ଦଳୀୟ ପକ୍ଷରୁ କେହି ଆଖି ଦୃଶିଆ ରନ କରିନଥିଲେ ମଧ୍ୟ ଆୟୁଷ ମିଶ୍ର ସର୍ବାଧିକ ୩୭ ରନ୍ କରିଥିଲେ ।ଅନ୍ୟପଟେ ପାଇନର ଟାଇଟନ୍ ୧୭୦ ରନ୍ ର ପିଛା କରି ୧୮ ଓଭର ରେ ୧୦୯ କରି ପରାଜିତ ହୋଇଥିଲେ। ଉଦଜାପନୀ ସମାରୋହରେ ମୁଖ୍ୟ ଅତିଥି ଜିଲ୍ଲା ବାର ଆସୋସିଏସନ୍ ସଭାପତି ବାସୁଦେବ ରଥ ଯୁଗ୍ମ କୋଷାଧକ୍ଷ ବବିତା ରାଣୀ ମିଶ୍ର ସାମିଲ ହୋଇଥିଲେ । ପାଇନର ଟାଇଟନ୍ ଦଳର ଯୋଗେଶ୍ୱର ବାଗ ଲିକ ମ୍ୟାଚ୍ ରେ ୧୫୦ ରନ୍,ସେମି ଫାଇନାଲ ମ୍ୟାଚ୍ ରେ ୯୬ ରନ୍ ପାଇଁ ତାଙ୍କୁ ମ୍ୟାନ ଅଫ୍ ଦି ସିରିଜ, ସିରିଜ ଟ୍ରଫି ପ୍ରଦାନ କରା ଯାଇଥିଲା । ସେହିପରି ତାଙ୍କ ଉଚ୍ଚ ଧରଣ ର ବ୍ୟାଟିଙ୍ଗ ପାଇଁ ବେଷ୍ଟ ବ୍ୟାଟସ ମେନ୍ ଭାବେ ପୁରସ୍କୃତ ହୋଇଥିଲେ। ଏହିପରି ଫାଇନାଲ ମ୍ୟାଚ୍ ରେ ଆୟୁଷ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ପାଇନର୍ ଟାଇଟନ ଦଳର ଆୟୁଷ କୁମାର ଠାକୁର ଇକୋନୋମିକାଲ ବୋଲିଙ୍ଗ ସହ ୩ ୱିକେଟ ନେଇ ବେଷ୍ଟ ବୋଲର ବିବେଚିତ ହୋଇଥିଲେ। ସବ ଜୁନିୟର ତଥା ସର୍ବ କନିଷ୍ଠ ବେଷ୍ଟ କ୍ଷେତ୍ର ରକ୍ଷଣ ଭାବେ ଅକ୍‌ଲେଶ କୁମାର ଠାକୁର ,ଏବଂ ଦୁଇ ସେମି ଫାଇନାଲ ମ୍ୟାଚ ରେ ଉଭୟେ ଦଳ ର ଖେଳାଳୀ ଯୋଗେଶ୍ୱର ବାଗ ଓ ଓ୍ୱେଷ୍ଟର୍ନ ଇଲେଭେନ ଖେଳାଳୀ ସ୍ୱାଧୀନ ପ୍ରଧାନ ପୁରସ୍କୃତ ହୋଇଥିଲେ। ଓ୍ୱେଷ୍ଟର୍ନ ଇଲେଭେନ ଦଳ ୱିନର ଟ୍ରଫି ପାୟୋନିୟର ଟାଇଟନ୍ ରନର ଟ୍ରଫି ଅତିଥି ଙ୍କ ଠୁଁ ଗ୍ରହଣ କରିଥିଲେ। ଆୟୋଜିତ ହୋଇଥିବା ସମସ୍ତ ମ୍ୟାଚ୍ କୁଲଦୀପ ସୁନା, ଶିବ ଦତ୍ତ ମାଝୀ,ଆଶୁତୋଷ ବାଗ ଭଳି ଦକ୍ଷ ଅଭିଜ୍ଞ କ୍ରିକେଟ ଖେଳାଳି ମ୍ୟାଚ୍ ଗୁଡ଼ିକ ପରିଚାଳନା କରିଥିଲେ। ସେହିପରି ୫ଦିନ ଧରି ଚାଲିଥିବା ସମସ୍ତ ମ୍ୟାଚ୍ ଜିଲ୍ଲା ପାଇନର କ୍ରିକେଟ୍ ଏକାଡେମୀ କୋଚ୍ କମ୍ ଚେୟାର ମେନ୍ ସୁଶାନ୍ତ କୁମାର ଠାକୁର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେଉଥିବା ବେଳେ ବରିଷ୍ଠ ସାମ୍ବାଦିକ ଶେଖ୍ ମହମ୍ମଦ ୱାହିଦ ଙ୍କ ଉପସ୍ଥିତି

କୋଠଭୁଇଁ ଅଞ୍ଚଳରେ ହାତୀ ଉପଦ୍ରବ : ଗ୍ରାମବାସୀ ଆତଙ୍କିତ

ଅନୁଗୋଳ : ସାତକୋଶିଆ ଅଭୟାରଣ୍ୟର ବଫର ଏରିଆ କୋଠଭୁଇଁ ଅଞ୍ଚଳରେ ଦଳ ଦଳ ହାତୀ ବ୍ୟାପକ ଧନ ସମ୍ପତି ନଷ୍ଟ କରୁଥିବା ଉଦବେଗର କାରଣ ହୋଇଛି । ହାତୀ ଦଳରେ ପ୍ରାୟଃ ୫୫ ରୁ ଅଧିକ ହାତୀ ଥିବାର ଜଣା ଯାଇଅଛି । କୋଠଭୁଇଁ ଆଖପାଖ ଗାଁ ତେନ୍ତୁଳିପଥର, ଲଇମୁଣ୍ଡା, ଓଲାବେରୀ, ସଂକ୍ରିଡା, କମୁରୀ, ଲୋକାସିଂହା ଗ୍ରାମ ଆଖପାଖ ଜଙ୍ଗଲରେ ହାତୀଦଳ ରହି ଆମ୍ବ, ପଣସ ଓ ପନିପରିବା ଫସଲ ନଷ୍ଟ କରିବାର ଜଣା ଯାଇଅଛି । ହାତୀଦଳକୁ ଦେଖି ଗାଁ ଗାଁରେ ତାଟି କବାଟ ପଡ଼ିବା ସହିତ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି । ସ୍କୁଲ ଖୋଲିବା ପରେ ଛାତ୍ର ଛାତ୍ରୀ ସ୍କୁଲକୁ ଯିବା ସମ୍ଭବ ହେଉନାହିଁ । ବନ ବିଭାଗ କର୍ମଚାରୀ ଓ ସ୍କ୍ୱାର୍ଡଦଳ ରାସ୍ତାରେ ଚାରିଚକିଆ ଯାନରେ ପଇଁତରା ମାରୁଥିବା ବେଳେ ହାତୀଦଳକୁ ଜଙ୍ଗଲକୁ ଘଉଡ଼ାଇବାରେ ବିଫଳ ହୋଇଛନ୍ତି । ଶହ ଶହ ସଂଖ୍ୟାରେ ଆମ୍ବ ପଣସ ଗଛ ହାତୀଦଳ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ଏବଂ ବ୍ୟାପକ ପରିମାଣର ପନିପରିବା ଫସଲ ନଷ୍ଟ କରିଥିବା ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ସାତକୋଶିଆ ଅଭୟାରଣ୍ୟରେ ହାତୀମାନଙ୍କର ଖାଦ୍ୟ ଶାଳୀୟ ବାଉଁଶ ଓ ଅନ୍ୟାନ୍ୟ ଡାଳ ପତ୍ର ଫଳମୂଳ ଆଦି ନଥିବାରୁ ହାତୀଦଳ ଗାଁ ପାଖ ଆମ୍ବ ପଣସ ତୋଟା ଏବଂ ପନିପରିବା ଫସଲ କ୍ଷେତରେ ଆଡ଼୍ଡା ଜମାଇଛନ୍ତି । ଆମ୍ବ ପଣସ ଓ ପନିପରିବା ନଷ୍ଟ କରିବା ସହିତ ଗଛ ସବୁ ଉପାଡ଼ି ଦେଉଥିବା ଘଟଣାରେ ଚାଷୀକୂଳର ସର୍ବନାଶ ହେଉଥିବା ନେଇ କ୍ଷୋଭ ପ୍ରକାଶ ପାଉଛି । ଅନ୍ୟ ପକ୍ଷରେ ବିଭିନ୍ନ ସମୟରେ ଚାଷୀ କ୍ଷତିପୂରଣ ପାଇଁ ଅନଲାଇନରେ ଆବେଦନ କରିଥିଲେ ସୁଦ୍ଧା ଉପଯୁକ୍ତ କ୍ଷତିପୂରଣ ମିଳୁ ନଥିବା

ନେଇ ଅସନ୍ତୋଷ ରହିଅଛି । ଗାଁ ଗାଁରେ ବନ ବିଭାଗ ପକ୍ଷରୁ ହାତୀ ସାଥୀ, ସ୍କ୍ୱାର୍ଡ, ଗଜବନ୍ଧୁ ନିୟୋଜନ କାଗଜପତ୍ରରେ ଚାଲିଅଛି । ଏ ସବୁ ଅସ୍ଥାୟୀ ନିଯୁକ୍ତି ଓ ନିୟୋଜନରେ ବ୍ୟାପକ ଜାଲିଆତି, ପ୍ରୀୟାପ୍ରିତିପୋଷଣ ଓ ବାଟମାରଣା ହେଉଛି । ସାତକୋଶିଆ ଅଭୟାରଣ୍ୟରେ ବାଘ ମାନଙ୍କ ଖାଦ୍ୟ ପାଇଁ ଚାରଣଭୂମି ଓ ଘାସ ଚାଷ ନେଇ ପ୍ରାକୃତିକ ଜଙ୍ଗଲ ନଷ୍ଟ କରାଯାଇଥିବାରୁ ହାତୀମାନେ ଅଭୟାରଣ୍ୟରେ ରହୁ ନଥିବା ଜଣା ଯାଇଅଛି । ଏପରିକି ଶହ ଶହ କିଲୋମିଟର ଟ୍ରେଞ୍ଚ ଖୋଳା, ସୋଲାର ତାରବାଡ଼ ଯୋଗୁଁ ହାତୀ ସାତକୋଶିଆରେ ରହୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗର କାର୍ଯ୍ୟଧାରାରେ ଗ୍ରାମବାସୀ ଅତିଷ୍ଠ ଥିବାବେଳେ ରାତ୍ରିରେ ବନ ବିଭାଗ ନିର୍ଦ୍ଦେଶରେ ବିଦ୍ୟୁତ୍ କାଟ ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଅଛି । ଅଧିକାଂଶ ରାତ୍ରିରେ ବିଦ୍ୟୁତ୍ କାଟ ଯୋଗୁଁ ଚାଷୀଙ୍କର ଚାଷ ବାସ ଓ ପିଲାମାନଙ୍କ ପାଠପଢ଼ା ବ୍ୟାଘାତ ସୃଷ୍ଟି ହୋଇଅଛି । ହାତୀମାନଙ୍କର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବନ ବିଭାଗ ବିଫଳ ହୋଇଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଞ୍ଚଳବାସୀଙ୍କର ଏକମାତ୍ର ଜୀବନଜୀବିକାର ଉତ୍ସ ହେଉଛି ଧାନଚାଷ

ଚାଷୀମାନଙ୍କର ଜୀବନ ଜୀବିକା ବିପନ୍ନ - ବନ ବିଭାଗ ନୀରବ

ଶହ ଶହ ସଂଖ୍ୟାରେ ଆମ୍ବ ଓ ପଣସ ଗଛ ନଷ୍ଟ

ଏବଂ କନ୍ଦମୂଳ ଓ ଅନ୍ୟାନ୍ୟ ପନିପରିବା ସହିତ ଫଳବଗିଚା । ହାତୀ ଏବଂ ବନ୍ୟଜନ୍ତୁଙ୍କ ଦାଉରୁ ଚାଷୀଙ୍କର ଫସଲ ସୁରକ୍ଷା ଏକାନ୍ତ ଜରୁରୀ ଥିବା ବେଳେ ବନ ବିଭାଗର କୌଣସି ଠୋସ ପଦକ୍ଷେପ ନଥିବା ନେଇ ଚାଷୀ ଆତଙ୍କିତ । ଅନ୍ୟ ପକ୍ଷରେ କୋଠଭୁଇଁ ନିକଟତମ ପଞ୍ଚାୟତ ଟାଇଁସି ଓ ଅନ୍ତୁଳିଆରେ ମଧ୍ୟ ହାତୀ ଉପଦ୍ରବ ନେଇ ଚାଷୀଙ୍କର ବନ ବିଭାଗ ବିରୁଦ୍ଧରେ ମେଳି ହେଉଥିବା ଜଣା ଯାଇଅଛି । ଆଗାମୀ ଦିନରେ ହାତୀ ଓ ବନ୍ୟଜନ୍ତୁଙ୍କ ଦ୍ୱାରା ଜୀବନ ହାନୀ ଓ ଧନ ସମ୍ପତି କ୍ଷୟକ୍ଷତିର ପ୍ରତିକାର ନେଇ ଏକ ଗଣ ଆନ୍ଦୋଳନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଖୋଦ୍ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ଓଡ଼ିଶା ସୂଚନା ସେବାର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ପଦୋନ୍ନତି : ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ଶୁଭେଚ୍ଛା

ଭୁବନେଶ୍ୱର : ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦୋନ୍ନତି ପ୍ରକ୍ରିୟାରେ ଓଡ଼ିଶା ସୂଚନା ସେବାକ୍ୟାଡରର ୩ ଜଣ ବରିଷ୍ଠ ଉପ-ନିର୍ଦ୍ଦେଶକଙ୍କୁ ଯୁଗ୍ମ-ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ମିଳିଛି । ମାନ୍ୟବର ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ଜୟଦେବ ଭବନସ୍ଥିତ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ପଦବୀରେ ଥିବା ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ରଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ଭାବେ ପଦନ୍ନୋତି ଦିଆଯାଇଛି ଏବଂ ସେ ଜୟଦେବ ଭବନ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ଦାୟିତ୍ୱ ମଧ୍ୟ ଅତିରିକ୍ତ ଭାବେ ତୁଲାଇବେ । ସେହିପରି ବିଭାଗର ସମ୍ବଲପୁରସ୍ଥିତଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ (ଉତ୍ତରାଞ୍ଚଳ ଡିଭିଜନ)ର ଉପ-ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଶ୍ରୀମତୀ କଲ୍ୟାଣୀ ଦାଶଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ପଦବୀକୁ ପଦୋନ୍ନତି ଦିଆଯାଇଛି । ସେ ମଧ୍ୟ ଉତ୍ତରାଞ୍ଚଳ ଉପ ନିର୍ଦ୍ଦେଶିକା ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ । ରାଜ୍ୟ ମୁଖ୍ୟ ଦପ୍ତରର ଉପ-ନିର୍ଦ୍ଦେଶକ (କ୍ଷେତ୍ର-୧) ଭାବେ କାର୍ଯ୍ୟରତ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା (କ୍ଷେତ୍ର) ଭାବେ ପଦନ୍ନୋତି ପ୍ରଦାନ କରାଯାଇଛି। ଓଡ଼ିଶା ସୂଚନା ସେବା ସଂଘର ସଦସ୍ୟ ସଦସ୍ୟାମାନେ ପଦନ୍ନୋତି ପାଇଥିବା ସମସ୍ତ ତିନିଜଣ ଯୁଗ୍ମ-ନିର୍ଦ୍ଦେଶିକାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଏହା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସହକର୍ମୀମାନେ ନୂତନ ଯୁଗ୍ମ-ନିର୍ଦ୍ଦେଶିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ସଫଳତା କାମନା କରିଛନ୍ତି । ସେମାନଙ୍କର ଏହି ପଦୋନ୍ନତି ବିଭାଗର କାର୍ଯ୍ୟଧାରାକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବ ବୋଲି ସଂଘ ଆଶା ପ୍ରକାଶ କରିଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ